

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୦ ଅକ୍ଟୋବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-୦୮ ■ Baleshwar ♦ SATURDAY 10 OCTOBER 2020
Vol.No. 30 ■ No. 257 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA
A Fully +2 Science Residential College
Dibyasingpur, Udala,




Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

*For better development of students are taught by highly and well experienced faculties.*

Contact No: 9437294587, 9438232419, 9437443950,


# ଉପନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି

## ନଭେମ୍ବର ୩ରେ କରୋନା କଟକଣା ମଧ୍ୟରେ ହେବ ମତଦାନ




ଭୁବନେଶ୍ୱର,୯।୧୦ (ନି.ପ୍ର): ବାଲେଶ୍ୱର ସଦର ଏବଂ ତିର୍ତୋଲ ବିଧାନସଭା ଆସନ ପାଇଁ ହେବାକୁ ଥିବା ଉପ ନିର୍ବାଚନ ପାଇଁ ଶୁକ୍ରବାର ଦିନ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ବିଜ୍ଞପ୍ତି ଅନୁସାରେ ଏହି ଦୁଇଟି ଆସନ ପାଇଁ ଆସନ୍ତା ନଭେମ୍ବର ୩ ତାରିଖରେ ଉପ-ନିର୍ବାଚନ ଅନୁଷ୍ଠିତ ହେବ। ବିଜ୍ଞପ୍ତି ପ୍ରକାଶିତ ହେବା ସହ ଆଜିଠୁ ନାମାଙ୍କନ ପତ୍ର ଦାଖଲ ଆରମ୍ଭ ହେଉଥିବା ବେଳେ ଅକ୍ଟୋବର ୧୬ ତାରିଖ ନାମାଙ୍କନ ଦାଖଲର ଶେଷ ତାରିଖ ରହିଛି । ସେହିପରି ଅକ୍ଟୋବର ୧୭ରେ ନାମାଙ୍କନ ପତ୍ର ଯାଂଚ କରା ଯିବ । ସେହିପରି ଅକ୍ଟୋବର ୧୯ ସୁଦ୍ଧା ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ସମୟ ଦିଆଯାଇଛି । ମତଦାନ ପରେ ନଭେମ୍ବର ୧୦ରେ ଭୋଟଗଣତି ହେବା ଏହି ଦୁଇଟି ସ୍ଥାନରେ ଉପ ନିର୍ବାଚନ ସମସ୍ତ କୋଭିଡ୍ କଟକଣା ଭିତରେ ନିର୍ବାଚନ ହେବ ବୋଲି ଜଣାପଡ଼ିଛି । ଉଲ୍ଲେଖନୀୟ ଯେ ଏହି ଉପନିର୍ବାଚନରେ ବାଲେଶ୍ୱର ଏବଂ ତିର୍ତୋଲ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଥିବା ୮୦ ବର୍ଷରୁ ଅଧିକ ବୟସର ଭୋଟର, ଦିବ୍ୟାଙ୍ଗ ଭୋଟର ଏବଂ କୋଭିଡ୍-୧୯ ଆକ୍ରାନ୍ତ ତଥା ସନ୍ଦିଗ୍ଧ କୋଭିଡ୍ ଭୋଟର କିପରି ଭାବରେ ପୋଷ୍ଟାଲ୍ ବାଲାଟ୍ ମାଧ୍ୟମରେ ମତଦାନ କରି ପାରିବେ ବୋଲି ଜଣା ପଡିଛି । ଗତକାଲି ଏ ନେଇ ସମୀକ୍ଷା ହୋଇଥିଲା ।

### ଭୁବନେଶ୍ୱର-ବାଙ୍ଗାଲୋର ଟ୍ରେନ ୫ ଦିନ ପାଇଁ ଆଂଶିକ ବାତିଲ

ଭୁବନେଶ୍ୱର,୯।୧୦ (ନି.ପ୍ର): ଦକ୍ଷିଣ ପଶ୍ଚିମ ରେଳପଥ ପରିସୀମା ମଧ୍ୟରେ ଥିବା ଦୋଡବଲ୍ଲାରପୁର ଷ୍ଟେସନରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟକୁ ଦୃଷ୍ଟିରେ ରଖି ଭୁବନେଶ୍ୱର-ବାଙ୍ଗାଲୋର-ଭୁବନେଶ୍ୱର ବିଶେଷ ଟ୍ରେନ କୁ ପର୍ଯ୍ୟନ୍ତ ୫ ଦିନ ପାଇଁ ସତ୍ୟ ସାଇ ପ୍ରଶାନ୍ତି ନୀଲୟମ ପର୍ଯ୍ୟନ୍ତ ଚଳାଚଳ କରାଇବାକୁ ଏବଂ ସତ୍ୟ ସାଇ ପ୍ରଶାନ୍ତି ▶▶ପୃଷ୍ଠା ୭

### ପୂର୍ବତନ ଆଇପିଏସ ଅଧିକାରୀ ଜନ୍ ନାୟକଙ୍କର ପରଲୋକ

ଭୁବନେଶ୍ୱର,୯।୧୦ (ନି.ପ୍ର): ବରିଷ୍ଠ ପୁଲିସ ଅଧିକାରୀ ଜନ୍ ନାୟକଙ୍କ ଗୁରୁବାର ରାତିରେ ପରଲୋକ ଘଟିଛି। କୋଭିଡ୍-୧୯ ଆକ୍ରାନ୍ତ ହୋଇ ତାଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ପୁଲିସ ଡିଜି ଅଭୟ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୭୮ ବର୍ଷ ବୟସ ହୋଇଥିଲା । ଡିଜିପି ଅଭୟ ଟ୍ୱିଟ୍ କରି ଲେଖିଛନ୍ତି, ‘୨୦୦୨ ମସିହାରେ ଅବସର ନେଇଥିବା ୧୯୬୫ ବ୍ୟାଚର ଆଇପିଏସ୍ ଅଧିକାରୀ ଜନ୍ ନାୟକ ଗତକାଲି ରାତିରେ କରୋନାରେ ପ୍ରାଣତ୍ୟାଧଗ କରିଛନ୍ତି । ଫୁଲବାଣୀର ଏକ ଦୂର ଆଦିବାସୀ ଗ୍ରାମରୁ ଆସି ଡିଜି ପଦବୀ ପର୍ଯ୍ୟନ୍ତ ତାଙ୍କର ଯାତ୍ରା ପ୍ରେରଣାଦାୟକ ଥିଲା । ସେ ଅତ୍ୟନ୍ତ ଭଦ୍ର, ନମ୍ର, ଏବଂ ଦୟାଳୁ ଥିଲେ । ତାଙ୍କ ପ୍ରତି ଆମର ସମ୍ମାନଜନକ ଶ୍ରଦ୍ଧାଞ୍ଜଳି । ଆପଣଙ୍କ ଆତ୍ମାକୁ ଶାନ୍ତି ମିଳୁ ।’

## ଲଘୁଚାପ ପ୍ରଭାବରେ ୨ ଦିନ ପ୍ରବଳ ବର୍ଷା ସମ୍ଭାବନା



ଭୁବନେଶ୍ୱର,୯।୧୦ (ନି.ପ୍ର): ଉତର ଆଣ୍ଡାମାନ ସାଗର ଏବଂ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଶୁକ୍ରବାର ସକାଳେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହା ଆଗାମୀ ଦିନରେ ଆହୁରି ଅଧିକ ଘନୀଭୂତ ହେବାର ସମ୍ଭାବନା ରହିଛି । ଆସନ୍ତା ୨୪ ଘଂଟା ମଧ୍ୟରେ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏହା ଏକ ଡିପ୍ରେସନରେ ପରିଣତ ହେବାର ସମ୍ଭାବନା ଅଧିକ ରହିଛି । ୧୨ ଅକ୍ଟୋବର ସକାଳ ସମୟରେ ଏହା ପଶ୍ଚିମ ଉତର-ପଶ୍ଚିମ ଦିଗକୁ ଗତି କରି ଉତର ଆନ୍ଧ୍ରପ୍ରଦେଶ ▶▶ପୃଷ୍ଠା ୭

## ଶେଷ ଦର୍ଶନ କରି ରାମବିଳାସଙ୍କୁ ଶ୍ରଦ୍ଧାଂଜଳି ଅର୍ପିତ କଲେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୯।୧୦ (ନି.ପ୍ର): ଲୋକ ଜନଶକ୍ତି ପାର୍ଟିର ନେତା ତଥା କେନ୍ଦ୍ର ମନ୍ତ୍ରୀ ରାମବିଳାସ ପାଶ୍ୱାନଙ୍କୁ ଶେଷ ଦର୍ଶନ କରି ଶ୍ରଦ୍ଧାଂଜଳି ଅର୍ପିତ କରିଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଆଜି ସକାଳୁ ତାଙ୍କର ପାର୍ଥିବ ଶରୀରକୁ ହସପିଟାଲରୁ ତାଙ୍କର ଦିଲ୍ଲୀ ସ୍ଥିତ ସରକାରୀ ଘରକୁ ଅଣା ଯାଇଥିଲା । ଏହି ଅବସରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେଠାରେ ପହଂଚି ତାଙ୍କର ଶେଷ ଦର୍ଶନ କରିଛନ୍ତି । ଏହା ବ୍ୟତୀତ ବିଜେପି ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା ଓ ଅନ୍ୟ ମାନେ ମଧ୍ୟ ଶେଷ ଦର୍ଶନ କରିଥିବା ଜଣା ପଡିଛି ।

## ରେପୋ ଓ ରିଭର୍ସ ରେପୋ ରେଟରେ କୌଣସି ପରିବର୍ତ୍ତନ ନାହିଁ: ଆରବିଆଇ

### ରେପୋ ରେଟ ୪ ପ୍ରତିଶତ ଓ ରିଭର୍ସ ରେପୋ ରେଟ ୩.୩୫ ପ୍ରତିଶତରେ ସ୍ଥିର

ନୂଆଦିଲ୍ଲୀ,୯।୧୦ (ନି.ପ୍ର): ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ରେପୋ ଓ ରିଭର୍ସ ରେପୋ ରେଟରେ କୌଣସି ପରିବର୍ତନ କରି ନାହାନ୍ତି । ଆରବିଆଇର ଗଭର୍ଣର ଶକ୍ତିକାନ୍ତ ଦାସ ଶୁକ୍ରବାର ଦିନ ପ୍ରେସ କନଫ୍ରେନ୍ସ କରିଆରେ ମୌଦ୍ରିକ ନୀତି ସମିତି (ଏମପିସି) ବୈଠକର ଫଳାଫଳ ସମ୍ପର୍କରେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ରେପୋ ରେଟରେ କୌଣସି ପ୍ରକାର ପରିବର୍ତନ କରା ଯାଇ ନାହିଁ । ରେପୋ ରେଟ ୪ ପ୍ରତିଶତ ଓ ରିଭର୍ସ ରେପୋ ରେଟ ୩.୩୫ ପ୍ରତିଶତରେ ସ୍ଥିର ଥିବା ସେ ପ୍ରକାଶ କରିଛନ୍ତି ।

## ବିକିରଣ ନିରୋଧୀ କ୍ଷେପଣାସ୍ତ୍ର ‘ରୁଦ୍ରମ’ର ସଫଳ ପରୀକ୍ଷା



ବାଲେଶ୍ୱର,୯।୧୦ (ନି.ପ୍ର): ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥାନ (ଡିଆରଡିଓ)ପକ୍ଷରୁ ଭଦ୍ରକ ଜିଲା ଅବଦୁଲ କଲାମ ଦୀପର ଆଇଟିଆର ଲଞ୍ଚପେଡ୍‌ରୁ ପ୍ରଥମ ବିକିରଣ ନିରୋଧୀ (ଆଣ୍ଟି ରେଡିଏସନ) କ୍ଷେପଣାସ୍ତ୍ର ‘ରୁଦ୍ରମ’ର ସଫଳ ପରୀକ୍ଷା ହୋଇଯାଇଛି । ନିଜସ୍ୱ ଜ୍ଞାନ କୌଶଳରେ ନିର୍ମିତ ଏହି ଆଣ୍ଟି ରେଡିଏସନ କ୍ଷେପଣାସ୍ତ୍ର ସୁଖୋଇ-୩୦ ବିମାନରୁ ନିକ୍ଷେପ କରାଯାଇଥିଲା । ଏହା ସମ୍ପୂର୍ଣ୍ଣ ସଫଳ ହୋଇଥିବା ପ୍ରତିରକ୍ଷା ବିଭାଗ ସୂତ୍ରରୁ ଜଣାଯାଇଛି । ପୂର୍ବରୁ ଭାରତ ପକ୍ଷରୁ ପରୀକ୍ଷା କରାଯାଇଥିବା ଆଣ୍ଟି ରେଡିଏସନ ମିସାଇଲ (ଏଆରଏମ)ର ଏହା ବିକଶିତ ରୂପ। ଭାରତୀୟ ବାୟୁ ସେନାର ଏହା ପ୍ରଥମ କ୍ଷେପଣାସ୍ତ୍ର, ଯାହା ଡିଆରଡିଓ ପକ୍ଷରୁ ନିର୍ମାଣ କରାଯାଇଛି । ସୁଖୋଇ ଯୁଦ୍ଧ ବିମାନରୁ ଏହାକୁ ବିଭିନ୍ନ ଲକ୍ଷ୍ୟ ପାଇଁ ଭିନ୍ନ ଭିନ୍ନ ପ୍ରଣାଳୀରେ ବ୍ୟବହାର କରାଯାଇ ପାରିବ । ଏହାର ଆଇଏନଏସ ଜିପିଏସ ପ୍ରଣାଳୀ ସହାୟତାରେ ଶେଷ ପର୍ଯ୍ୟାୟ ଆକ୍ରମଣ ପାଇଁ ପ୍ରସ୍ତୁତ ହୋଇଥାଏ ▶▶ପୃଷ୍ଠା ୭

### ରାଜ୍ୟରେ ଗତ ୨୪ ଘଂଟାରେ ୪୫,୧୬୯ କରୋନା ନମୁନା ପରୀକ୍ଷଣ

ଭୁବନେଶ୍ୱର,୯।୧୦ (ନି.ପ୍ର): ରାଜ୍ୟରେ ୨୪ ଘଂଟାରେ ମୋଟ୍ ୪୫ ହଜାର ୧୬୯ କରୋନା ନମୁନା ପରୀକ୍ଷା କରାଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଏଥିମଧ୍ୟରୁ ଆଂଟିଜେନ୍‌ରେ ୩୯,୨୧୯ ଆରଟିପିସିଆରରେ ୫,୮୬୮ ଓ ଟ୍ରୁନଟ୍‌ରେ ୮୨ ଟି କରୋନା ନମୁନା ପରୀକ୍ଷା କରାଯାଇଛି । ବର୍ତମାନ ସୁଦ୍ଧା ରାଜ୍ୟରେ ମୋଟ ୩୬୬୪୬୭୮ ନମୁନାର ପରୀକ୍ଷା କରା ଯାଇଛି ।

## ଅପରାଜିତାଙ୍କ ବିରୁଦ୍ଧରେ କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ଲେଖିଲେ ଶକ୍ତି ମନ୍ତ୍ରୀ

### କୋଭିଡ୍ ଗାଇଡ୍ ଲାଇନ୍ ଉଲ୍ଲଂଘନ କରୁଥିବାରୁ ଦୃଷ୍ଟି ଆକର୍ଷଣ କଲେ

ଭୁବନେଶ୍ୱର,୯।୧୦ (ନି.ପ୍ର): ଗତକାଲି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ କୋଭିଡ୍-୧୯ କଟକଣା ଉଲ୍ଲଘନ କରି ଜନ୍ମଦିନ ପାଳନ କରିଥିବା ଭିଡିଓ ଭାଇରାଲ ହୋଇଥିଲା । ଏକହାକୁ ନେଇ ଶୁକ୍ରବାରଦିନ ରାଜ୍ୟ ଶକ୍ତି, ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଗୃହ ରାଜ୍ୟମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କେନ୍ଦ୍ର ଗୃହ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟଙ୍କୁ ଏକ ପତ୍ର ଲେଖିଛନ୍ତି । ସାଂସଦଙ୍କର ବାରମ୍ବାର କୋଭିଡ୍ ନିୟମ ଉଲ୍ଲଂଘନ ନେଇ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୁ ଆଣିବାକୁ ସେ ପତ୍ର ଜରିଆରେ ଅନୁରୋଧ କରିଛନ୍ତି । ପତ୍ରରେ ଶ୍ରୀ ମିଶ୍ର ଲେଖିଛନ୍ତି ଯେ, ମାସ୍କ ପିନ୍ଧି ନ ଥିବା ଓ ସାମାଜିକ ଦୂରତ୍ୱ ପାଳନ କରୁ ନ ଥିବା ଶହ ଶହ ମହିଳାଙ୍କ ଗହଣରେ ନାଚଗୀତ ସହ ସାଂସଦ ଜନ୍ମଦିନ ପାଳନ କରୁଥିବା ଭିଡିଓରୁ ସ୍ୱଷ୍ଟ ଜଣାପଡୁଛି । କୋଭିଡ୍-୧୯ ଗାଇଡ୍ ଲାଇନ୍ ପାଳନ କରିବାକୁ ପ୍ରଧାନମନ୍ତ୍ରୀ ବାରମ୍ବାର ନିବେଦନ କରୁଥିଲେ ମଧ ସାଂସଦ ତାହାକୁ ବେଖାତିର କରିଛନ୍ତି । ଏହା ପୂର୍ବରୁ ମଧ୍ୟ ସାଂସଦ ଶ୍ରୀମତୀ ଷଡଙ୍ଗୀ ଏଭଳି ନିୟମ ଉଲ୍ଲଂଘନ କରିସାରିଛନ୍ତି । ▶▶ପୃଷ୍ଠା ୭

### ଉପ-ନିର୍ବାଚନରେ ବାଲେଶ୍ୱରର ରାଜନୈତିକ ସ୍ଥିତି

## ପଦ୍ମ ଛାଡ଼ି ପୁଣି ଶଙ୍ଖ ଫୁଙ୍କିଲେଣି ନାରାୟଣ



ବାଲେଶ୍ୱର,୯।୧୦ (ନି.ପ୍ର): ବାଲେଶ୍ୱର ସଦର ଉପ-ନିର୍ବାଚନ ପାଇଁ ଆଜିଠାରୁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ବି ଅଦ୍ୟାବଧି ପ୍ରମୁଖ ରାଜନୈତିକ ଦଳଙ୍କ ପକ୍ଷରୁ ପ୍ରାର୍ଥୀ ଚୟନ ପ୍ରକ୍ରିୟା ଶେଷ ନହେବା ଏବେ ଦଳୀୟ କର୍ମୀଙ୍କ ସମେତ ସାଧାରଣ ଭୋଟରଙ୍କ ପାଇଁ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପ୍ରାର୍ଥୀ ଚୟନକୁ ନେଇ ବିଜେପି, ବିଜେଡି ଓ କଂଗ୍ରେସ ଏହି ୩ ଦଳରେ ଦେଖା ଦେଇଥିବା କନ୍ଦଳ ହିଁ ମୁଖ୍ୟକାରାଣ ବୋଲି ଜଣାପଡ଼ିଛି । ପ୍ରତ୍ୟେକ ଦଳରେ ଏକାଧିକ ଆଶାୟୀଙ୍କ କସରତ ସାଙ୍ଗକୁ ଅସନ୍ତୁଷ୍ଟ ଗୋଷ୍ଠୀଙ୍କ ଅଭ୍ୟୁଦୟ ଦଳୀୟ ରାଜ୍ୟସ୍ତରୀୟ ନେତାଙ୍କୁ ଅଡୁଆ ମଧ୍ୟକୁ ଟାଣିନେଇଛି । ଏହିକ୍ରମରେ ବିଜେପି ପକ୍ଷରୁ ପୂର୍ବତନ ବିଧାୟକ ମଦନ ମୋହନ ଦତ୍ତଙ୍କ ଶେଷକୃତ୍ୟ ସମ୍ପନ୍ନ ବେଳୁ କର୍ମୀମାନେ ତାଙ୍କର ପୁତ୍ର ମାନସ ଦତ୍ତଙ୍କୁ ଉପ-ନିର୍ବାଚନରେ ପ୍ରାର୍ଥୀ କରିବାକୁ ଶପଥ ନେଇଲେ । ତଦନୁଯାୟୀ ସ୍ୱର୍ଗତ ଦତ୍ତଙ୍କ ଅନୁଗାମୀମାନଙ୍କ ବଳିଷ୍ଠ ଲବି ଓ ଆଗ୍ରହକୁ ଗୁରୁତ୍ୱ ଦେଇ ରାଜ୍ୟର ଦଳୀୟ ନେତାମାନେ ବି ଏକପ୍ରକାର ସବୁଜ ସଙ୍କେତ ଦେଖାଇଥିଲେ । ରାଜ୍ୟସ୍ତରୀୟ ନେତାଙ୍କ ସମ୍ମତିକୁ ଦୃଷ୍ଟିରେ ରଖି ମାନସ ଦତ୍ତ ଓ ତାଙ୍କର ସହଯୋଗୀମାନେ ସଦର ନିର୍ବାଚନମଣ୍ଡଳୀରେ ଜନସମର୍ଥନ ପାଇଁ କାର୍ଯ୍ୟ ମଧ୍ୟ ଆରମ୍ଭ କରିଥିଲେ । ଜନସାଧାରଣଙ୍କ ସମସ୍ୟାକୁ ନେଇ ପ୍ରଶାସନ ନିକଟରେ ଦାବି ରଖିବା ଓ ବନ୍ୟା ବେଳେ ଲୋକଙ୍କ ନିକଟରେ ପହଞ୍ଚିବା ଆଦି କାର୍ଯ୍ୟ ସେ ଚଳାଇ ରଖିଥିଲେ । ତେବେ ମାନସଙ୍କ ପ୍ରାର୍ଥିତ୍ୱକୁ ନେଇ ବିଜେପି ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ନିରବ ରହିବା ଫଳରେ କେନ୍ଦ୍ରମନ୍ତ୍ରୀ ମଧ୍ୟ ଏନେଇ ନିଜର ସ୍ୱଷ୍ଟ ମତାମତ ରଖିନଥିଲେ । ▶▶ପୃଷ୍ଠା ୭

### ଆର୍ସେଲର ମିତଲ ଓ ନିପନ ଷ୍ଟିଲର ଅଧିକାରୀଙ୍କ ସହ କେନ୍ଦ୍ରମନ୍ତ୍ରୀଙ୍କ ବୈଠକ

## ପାରାଦୀପ ପେଲେଟ୍ ପ୍ଲାଂଟର କ୍ଷମତା ବୃଦ୍ଧି ଓ କଳିଙ୍ଗନଗର ଷ୍ଟିଲ୍ ହବ୍‌ରେ ପୁଞ୍ଜିନିବେଶ ପାଇଁ ଏଏମ୍ଏନ୍ଏସ୍‌କୁ ଆହ୍ୱାନ କଲେ ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର,୯।୧୦ (ନି.ପ୍ର): ଆର୍ସେଲର ମିତଲ ଓ ନିପନ ଷ୍ଟିଲ୍ କମ୍ପାନୀର ବରିଷ୍ଠ ଅଧିକାରୀ, ଇସ୍ପାତ୍ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ଅନୁଷ୍ଠିତ ବୈଠକରେ ଯୋଗଦେବା ଅବସରରେ ପାରାଦୀପ ପେଲେଟ୍ ପ୍ଲାଣ୍ଟର କ୍ଷମତା ବୃଦ୍ଧି ଓ କଳିଙ୍ଗନଗର ଷ୍ଟିଲ୍ ହବରେ ପୁଞ୍ଜିନିବେଶ କରିବା ପାଇଁ ଆର୍ସେଲର ମିତଲ ଓ ନିପନ ଷ୍ଟିଲ(ଏଏମ୍ଏନ୍ଏସ୍)କୁ ଆହ୍ୱାନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଆର୍ସେଲର ମିତଲ ଏବଂ ନିପନ ଷ୍ଟିଲ୍ ଭଳି ଯୌଥ ଉଦ୍ୟୋଗ ପୂର୍ବ ଭାରତରେ ନିଜର କ୍ଷମତା ସଂପ୍ରସାରଣ କରିବା ସହ ପ୍ରଧାନମନ୍ତ୍ରୀ ମୋଦିଙ୍କ ପୂର୍ବୋଦୟ ମିଶନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି । ଓଡ଼ିଶାରେ ବାର୍ଷିକ ଅତିରିକ୍ତ ୧୨ ମେଟ୍ରିକ ଟନ୍ ଇସ୍ପାତ ଉତ୍ପାଦନ ଯୋଜନାରେ ଆର୍ସେଲର ମିତଲ ଏବଂ ନିପନ ଷ୍ଟିଲ୍ ଓଡ଼ିଶାର ଶିଳ୍ପାୟନର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସହ ସ୍ଥାନୀୟ ଅଂଚଳରେ ଯୁବକଙ୍କ ପାଇଁ ରୋଜଗାର ସୃଷ୍ଟି ହୋଇପାରିବ । ସେହିପରି ପାରାଦୀପ ପ୍ଲାଣ୍ଟର କ୍ଷମତା ବୃଦ୍ଧି ହେଲେ ଆର୍ସେଲର ମିତଲ ଏବଂ ନିପନ ଷ୍ଟିଲ ଦେଶରେ ଲକ୍ଷ୍ୟ ରଖିଥିବା ବାର୍ଷିକ ୩୦ ମିଲିୟନ ଟନ(ଏମଟିପିଏ)ର ଇସ୍ପାତ୍ ଉତ୍ପାଦନ କ୍ଷମତାକୁ ହାସଲ କରିପାରିବ ବୋଲି ସେ କହିଛନ୍ତି । ▶▶ପୃଷ୍ଠା ୭

# ପଶ୍ଚିମ ଓଡିଶା ବିକାଶ ପରିଷଦକୁ ସ୍ୱୟଂଶାସିତ କରାଯାଉ

## ପ୍ରତିବର୍ଷ ୧ ହଜାର କୋଟି ଟଙ୍କା ଅନୁଦାନ ପ୍ରଦାନ କରନ୍ତୁ ରାଜ୍ୟସରକାର : ପ୍ରଦୀପ ପୁରୋହିତ
## ମୁଖ୍ୟ କାର୍ଯ୍ୟାଳୟକୁ ପଶ୍ଚିମ ଓଡିଶାର ଯେ କୌଣସି ସ୍ଥାନରେ କରିବା ପାଇଁ ଦାବୀ

ଭୁବନେଶ୍ୱର,୦୯।୧୦ (ନି.ପ୍ର): ଦୀର୍ଘ ୨୦ ବର୍ଷ ଧରି ଶାସକ ବିଜେଡି ପଶ୍ଚିମ ଓଡିଶା ବିକାଶ ପରିଷଦର ପାଣ୍ଠିକୁ ଦଳୀୟ ପାଣ୍ଠି ଭାବେ ବ୍ୟବହାର କରିଆସୁଛି । ଅନ୍ୟପଟେ ଦଳୀୟ ଲୋକଙ୍କୁ ଥଇଥାନ କରିବା ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ତଥା ସଦସ୍ୟମାନଙ୍କୁ ନିଯୁକ୍ତ କରାଯାଉଛି । ସିଏଜି ରିପୋର୍ଟ ଅନୁଯାୟୀ ପଶ୍ଚିମ ଓଡିଶାର ବିକାଶ ଯେଭଳି ହେବା କଥା ସେପରି ହୋଇନାହିଁ । ବିଜେପୁର ଉପନିର୍ବାଚନ ସମୟରେ ଖୋଦ୍ ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡିଶାର ଦାୟୀତ୍ୱ ନେବେ ବୋଲି କହିବା ସହ ଗଙ୍ଗାଧର ମେହେର ଜଳସେଚନର ସ୍ୱପ୍ନ ଦେଖାଇ ଧୋକ୍କା ଦେଇଛନ୍ତି ବୋଲି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଏବଂ ପୂର୍ବତନ ବିଧାୟକ ଶ୍ରୀ ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପୁରୋହିତ କହିଛନ୍ତି ଯେ, ସିଏଜି ରିପୋର୍ଟ ରାଜ୍ୟ ସରକାରଙ୍କ ମୁଖା ଖୋଲିଦେଇଛି । ରାଜ୍ୟସରକାର ଜାଣିଶୁଣି ପଶ୍ଚିମ ଓଡିଶା ବିକାଶରେ ବାଧକ ସାଜିଛନ୍ତି । ୨୦୧୩ରେ ପଶ୍ଚିମ ଓଡିଶାରେ ଜଳସେଚନ କ୍ଷେତ୍ରକୁ ଅଗ୍ରାଧୀକାର ଦେବା ପାଇଁ ନିଷ୍ପତି ହୋଇଥିବାବେଳେ ୨୦୧୫-୧୮ ଭିତରେ ମାତ୍ର ୧୧.୮୦ ପ୍ରତିଶତ ଅର୍ଥ ଜଳସେଚ କ୍ଷେତ୍ରରେ ଖର୍ଚ୍ଚ ହୋଇଛି । ଏମପି ଓ ଏମଏଲଏ ଲ୍ୟାଡ ପାଣ୍ଠିରୁ ଟଙ୍କା ପାଇବାକୁ ଯୋଗ୍ୟଥିବା ୧୯୩ଟି ଘରୋଇ ଶିକ୍ଷାନୁଷ୍ଠାନକୁ ୨୦୧୪-୧୮ ମଧ୍ୟରେ ବିକାଶ ପରିଷଦ ବେନିୟମ ଭାବେ ୯.୧୧ କୋଟି ଟଙ୍କା ପ୍ରଦାନ କରିଛି । ୧୯୯୧ ମସିହା ଘଡେଇ କମିଟି ରିପୋର୍ଟ ଆନୁଯାୟୀ ପଶ୍ଚିମ ଓଡିଶା ବିକାଶ ପରିଷଦ ଅନ୍ତର୍ଗତ ୮୯ଟି ବ୍ଲକ ମଧ୍ୟରୁ ୩୪ଟି ବ୍ଲକ ଅତ୍ୟନ୍ତ ପଛୁଆ ଏବଂ ୨୫ଟି ବ୍ଲକ ପଛୁଆ ରହିଥିଲା । ଏହି ବ୍ଲକ ଗୁଡିକର ବିକାଶ ପାଇଁ ୨୦୧୩ରେ ରାଜ୍ୟସରକାର ନିର୍ଦ୍ଦେଶ ଦେଇଥିଲେ ମଧ ଏଗୁଡିକର ବିକାଶ ହୋଇ ପାରିଲା ନାହିଁ । ୨୦୧୬-୧୮ ମସିହା ଭିତରେ ପରିଷଦ ୪୦୯.୭୨ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରିଥିବାବେଳେ ସେଥିମଧ୍ୟରୁ ୪୫ ପ୍ରତିଶତ ଅର୍ଥାତ୍ ୧୮୩.୪୧ କୋଟି ବିକାଶଶୀଳ ଓ ବିକଶିତ ବ୍ଲକଗୁଡିକୁ ପ୍ରଦାନ କରାଯାଇଥିଲା । ଏବେ ସୁଦ୍ଧା ପ୍ରାୟ ୪.୧୩ କୋଟି ଟଙ୍କା ବିନିଯୋଗରେ ସଂପୂର୍ଣ୍ଣ ହୋଇଥିବା ଅନେକ ଅନୁଷ୍ଠାନ ବ୍ୟବହୃତ ହୋଇପାରୁନାହିଁ । ପଶ୍ଚିମ ଓଡିଶା ବିକାଶ ପରିଷଦ କାର୍ଯ୍ୟ ସଠିକ୍ ଭାବେ ହୋଇପାରୁନଥିବା ଯୋଗୁଁ ରାଜ୍ୟସରକାର ଏହାକୁ ନିଜ ନିୟନ୍ତ୍ରଣରେ ନରଖି ଦାର୍ଜିଲିଂ ଗୋରଖା ହିଲ କାଉନସିଲ ଭଳି ଏହାକୁ ସ୍ୱୟଂଶାସିତ ମାନ୍ୟତା ଦେବା ସହ ଦଳମତ ନିର୍ବିଶେଷରେ ପଶ୍ଚିମ ଓଡିଶାର ଅନୁଦାନକୁ ପ୍ରତିବର୍ଷ ୧ ହଜାର କୋଟିକୁ ବୃଦ୍ଧି କରିବାକୁ ଶ୍ରୀ ପୁରୋହିତ ଦାବୀ କରିଛନ୍ତି । ପଶ୍ଚିମ ଓଡିଶା ବିକାଶ ପରିଷଦକୁ ଥଇଥାନର କେନ୍ଦ୍ର ନକରି ଯେଉଁମାନେ ପଶ୍ଚିମ ଓଡିଶାର ବିକାଶ ଧାରାକୁ ଆଗକୁ ନେଇପାରିବେ ସେଭଳି ବ୍ୟକ୍ତିବିଶେଷଙ୍କୁ ଅଧ୍ୟକ୍ଷ କରିବା ପାଇଁ ରାଜ୍ୟସରକାର ପଦକ୍ଷେପ ଗ୍ରହଣ କରନ୍ତୁ । ସେହିପରି ପଶ୍ଚିମ ଓଡିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟାଳୟକୁ ପଶ୍ଚିମ ଓଡିଶାର ଯେ କୌଣସି ସ୍ଥାନରେ କରିବା ପାଇଁ ଶ୍ରୀ ପୁରୋହିତ ଦାବୀ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଶ୍ରୀ ଠାକୁର ରଂଜିତ ଦାସ ଉପସ୍ଥିତ ଥିଲେ ।

# ଯାଜପୁର ଜିଲ୍ଲା ଯୁବ ବେଜେଡି ପୁର୍ନଃଗଠନ

କୋରେଇ,୦୯।୧୦ (ନି.ପ୍ର): ଯାଜପୁର ଜିଲ୍ଲାବିଜୁ ଯୁବ ଜନତା ଦଳ ପକ୍ଷରୁ ୧୦ଟି ବ୍ଲକ ୨ଟି ମ୍ୟୁନିସପାଲଟି ସମେତ ଜିଲ୍ଲା କର୍ମକର୍ତାଙ୍କ ନାମ ଘୋଷଣା କରାଯାଇଥିବା ଜିଲ୍ଲା ସଭାପତି ପ୍ରତାପ କୁମାର ମହାନ୍ତି ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି । ଶ୍ରୀ ମହାନ୍ତିଙ୍କ ନୂତନ ଟିମରେ ଜିଲ୍ଲା ଉପସଭାପତି ଭାବେ ଦେବଦତ ଦାସ, ସୌଭାଗ୍ୟ କୁମାର ମହାନ୍ତି, ନରେନ୍ଦ୍ର କୁମାର ନାୟକ, ସୁବ୍ରତ ଧଳ, ମାନସ ରଂଜନ ଜେନା, ବିରଜା ମଲ୍ଲିକ, ଶାନ୍ତନୁ ରାଉତ ସାଧାରଣ ସମ୍ପାଦକ ଭାବେ ପାର୍ଥସାରଥି ରାୟ, ତାରକ ଅଜିଜ, ବିକାଶ ଦାସ, ମନୋଜ ରାଉତ, କାଜଲ କିରଣ ପ୍ରଧାନ, ସୁଧାଂଶୁ ରାଉତ, ସୁଧାଂଶୁ ବରାଳ, ଜିଲ୍ଲା ସମ୍ପାଦକ ଭାବେ ପ୍ରଶାନ୍ତ ଦାସ, ରଜତ ରାଉତ, ସୁଶାନ୍ତ କୁମାର ରାଉତରାୟ, ଶ୍ରୀ କୁମାର ପାତ୍ର, ସୌମ୍ୟ ରଜନ ମହାପାତ୍ର, ବିନୟ କୁମାର ପୃଷ୍ଟି, ଦିବ୍ୟ ରଂଜନ ସାହୁ, ସ୍ମୃତି ରଂଜନ ବେହୁରିଆ, ନରେଶ ଚନ୍ଦ୍ର ମହାନ୍ତି, ନିଳାଦ୍ରୀ ଭୂଷଣ ସାହୁ, ସେକ ସବିର ଅଲ୍ଲୀ, ବିଚିତ୍ରାନନ୍ଦ ବେହୁରିଆ, ରାକେଶ ମହାନ୍ତି, ସତ୍ୟାନନ୍ଦ ସାହୁ, ଗୋଲକ ଚନ୍ଦ୍ର ମାଝୀ, ବିବେକାନନ୍ଦ ମହାନ୍ତି, ପ୍ରଦୀପ୍ତ କୁମାର ନାୟକ, ବିଶ୍ୱନାଥ ପଣ୍ଡା, ଜତିନ୍ଦ୍ର ପ୍ରଧାନ, ସଂଜୟ ନାୟକ ଓ ଜିଲ୍ଲା ସୋସିଆଲ ମିଡିଆ ଇନଚାର୍ଯ୍ୟ ଭାବେ ହିରେନମୟ ମହାପାତ୍ର, ବିଭିନ୍ନ ବ୍ଲକ ସଭାପତି ଭାବେ ଧର୍ମଶାଳା କ୍ଷିତିସ ନାୟକ, ବଡଚଣା ଗଣେଶ୍ୱର ବରାଳ, ବିଂଝାରପୁର ଦିଲ୍ଲୀପ ରାଉଳ, ଦାନଗଦି ଜୟ ପ୍ରକାଶ ସାହୁ, ସୁକିନ୍ଦା ସୁଜିତ କୁମାର ରାଉତ, କୋରାଇ ପ୍ରଶାନ୍ତ ମହାପାତ୍ର, ରସୁଲପୁର ପ୍ରଫୁଲ୍ଲ କୁମାର ସାହୁ, ଯାଜପୁର ଅଂଜନ କୁମାର ମହାନ୍ତି, ଦଶରଥପୁର ମନିସ କୁମାର ସହୁ, ବରୀ ରଂଜନ କୁମାର ପଣ୍ଡା, ଯାଜପୁର ମୁନିସିପାଲଇଟି ସଭାପତି ମନୋଜ କୁମାର ସାହୁ ଓ ବ୍ୟାସନଗର ମୁନିସପାଲଟି ସଭାପତିଭାବେ ମନୋଜ କୁମାର ପରିଡାଙ୍କୁ ମନୋନୀତ କରାଯାଇଛି । ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ (ଯୁବ ବ୍ୟାପାର) ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ଅନୁମୋଦନ କ୍ରମେ ଯାଜପୁର ଜିଲ୍ଲା ଯୁବ ବିଜେଡି ସଭାପତି ପ୍ରତାପ କୁମାର ମହାନ୍ତି ଜିଲ୍ଲା ସଂଗଠନର ପୁର୍ନଃ ଗଠନ କରିଛନ୍ତି ।

# ପାଂଚ ଜଣ ଛୁଆ ଙ୍କୁ ନେଇ ଦୁର୍ଦ୍ଦିନ ଚଳୁଛନ୍ତି କାଂଚନ

ମାଲକାନଗିରି,୦୯।୧୦ (ନି.ପ୍ର): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ମହେଶ୍ୱରପୁର ଗାଁର କାଂଚନ ଖରା । ସ୍ୱାମୀ ଗୁପ୍ତ ଖରାଙ୍କ ବିୟୋଗ ପରେ ୫ଜଣ ଛୁଆଙ୍କୁ ନେଇ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି କାଂଚନ । ୬ପ୍ରାଣୀଙ୍କ ପେଟକୁ ଦାନା ଯୋଗାଇବା କଷ୍ଟ କର ହୋଇପଡୁଛି । ଅସୁବିଧାରେ ଚଳୁଥିଲେ ସୁଦ୍ଧା ସରକାରୀ ସହାୟତାରୁ ବଂଚିତ ହୋଇଛନ୍ତି ସେମାନେ । ମୁଣ୍ଡ ଗୁଞ୍ଜିବାକୁ ଭଲ ଘର ଖଣ୍ଡେ ନାହିଁ । ପାଲଟଣା ଘରେ ୬ଜଣ ଚଳିବା କଷ୍ଟ ସାଧ । ସ୍ୱାମୀଙ୍କ ମୃତ୍ୟୁପରେ ପିଲାଙ୍କୁ ମଣିଷ କରିବା ଲାଗବହୁ ସ୍ୱପ୍ନ ଦେଖୁଛନ୍ତି କାଂଚନ । ମୂଲ ମଜୁରୀ କରି ଯାହା ରୋଜଗାର କରନ୍ତି ସେତିକିରେ ପରିବାର ଚଳୁଛି । ୬ଜଣଙ୍କ ଲାଗି ଦାନା ଯୋଗାଡ କରିବା କେତେ ଯେ କଷ୍ଟ ତାହା ଭଗବାନ ଜାଣନ୍ତି । ଗରିବ ଲୋକଙ୍କ ଲାଗି ସରକାର ବିଭିନ୍ନ ଯୋଜନାମାନ ଘୋଷଣା କରିଥିଲେ ସୁଦ୍ଧା କାଂଚନଙ୍କୁ କୌଣସି ସୁବିଧା ମିଳୁନାହିଁ । ପଲିଥିନ ତଳେ ବିତୁଛି ଜୀବନ । କେତେବେଳେ ଯେ ଘର ଭାଙ୍ଗିଯିବ ତାର କିଛି ଭରସା ନାହିଁ । ସବୁବେଳେ ରହୁଛି ସାପର ଭୟ । ଆଜି ସୁଦ୍ଧା କାଂଚନଙ୍କୁ ଆବାସ ଯୋଜନାରେ ପକ୍କାଘର ଖଣ୍ଡେ ମିଳି ନାହିଁ କି ରାସନକାର୍ଡ ଏବଂ ବିଧବା ଭତ୍ତାରୁ ମଧ ବଂଚିତ ହୋଇଛନ୍ତି । କୌଣସି ଗୋଟିଏ ବି ସରକାରୀ ସହାୟତା ତାଙ୍କୁ ମିଳିନାହିଁ । ଏନେଇ ରାଜନେତାଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କୁ ଗୁହାରୀ କରିଥିଲେ ସୁଦ୍ଧା ଫଳାଫଳ ମିଳିନଥିବା କାଂଚନ ଅଭିଯୋଗ କରିଛନ୍ତି ।

# କୋଭିଡ ଆଇନ୍ ମାନି ଶ୍ରୀମନ୍ଦିର ଖୋଲିବାକୁ ଦାବି : ସ୍ୱର ଉଠାଇଲା ଜନଜାଗରଣ ମଂଚ

ପୁରୀ,୦୯।୧୦ (ନି.ପ୍ର): ରାଜ୍ୟ ସରକାର କୋଭିଡ୍ ନିୟମ ମାନି ହୋଟେଲ, ସପିଂ ମଲ, ପାର୍କ ଓ ବସ୍ ଚଳାଚଳ ପାଇଁ ଅନୁମତି ଦେଇଥିବା ବେଳେ କାହିଁକି ଶ୍ରୀମନ୍ଦିର ସେହି ଆଇନ ଅନୁସାରେ ଖୋଲିବେ ନାହିଁ ବୋଲି ଆଜି ସିଂହଦ୍ୱାର ଠାରେ ଜନଜାଗରଣ ମଂଚ ତାର ସ୍ୱର ଉତୋଳନ କରିଛି । ଏହା ସହ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏ ସଂପର୍କରେ ଏକ ଦାବିପତ୍ର ଦେଇଛନ୍ତି । ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ଗତ ମାର୍ଚ୍ଚ ମାସରୁ ଶ୍ରୀମନ୍ଦିର ବନ୍ଦ ହେବା ଯୋଗୁଁ ପର୍ଯ୍ୟଟକ, ତୀର୍ଥଯାତ୍ରୀ ପୁରୀକୁ ନଆସିବାରୁ ମନ୍ଦିର ଉପରେ ନିର୍ଭର କରି ଚଳୁଥିବା ସେବାୟତ ଓ ମନ୍ଦିର ଚାରିପଟେ ଶହ ଶହ ଉଠାଦୋକାନୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି । ରାଜ୍ୟ ସରକାର ମନ୍ଦିର ଖୋଲନ୍ତୁ ନଚେତ୍ ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଉ ବୋଲି ମଂଚ ଦାବି କରିଛି । ରାଜ୍ୟ ସରକାର ଦୈନିକ ସୀମିତ ସଂଖ୍ୟକ ଭକ୍ତଙ୍କୁ ସାନିଟାଇଜର, ଥର୍ମାଲ ଟେଷ୍ଟିଂ କରି ଛାଡିବା ପାଇଁ ନିବେଦନ କରିଛନ୍ତି । ଜନଜାଗରଣ ମଂଚର ଜ୍ୟୋତିରଞ୍ଜନ ନାୟକ ଓ ଆଇନ ଉପଦେଷ୍ଟା ଅନୀଲ କୁମାର ସାହୁ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ ।

# ବୋରିଗୁମ୍ମାକୁ ଏନଏସି ଦାବୀ ଜୋର୍ ଧରିଲା : ପବ୍ଲିକ ରାଇଟ୍ସ ଆସୋସିଏସନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ

ଜୟପୁର,୦୯।୧୦ (ନି.ପ୍ର): ପବ୍ଲିକ୍ ରାଇଟ୍ସ ଆସୋସିଏସନ ତରଫରୁ ଆଜି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏନେଇ ଆଜି ଜୟପୁର ଉପ ଜିଲାପାଳ ଙ୍କ କାର୍ଯ୍ୟାଳୟ କୁ ଘେରାଉ କରାଯାଇ ବିକ୍ଷୋଭ କରାଯାଇଥିଲା । ପରେ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଷ୍ୟରେ ଉପ ଜିଲାପାଳ ହେମନ୍ତ ସାୟଙ୍କ ଜରିଆରେ ଆସୋସିଏସନର ସଭାପତି ଦେବେନ୍ଦ୍ର ବାହିନିପତି ଦାବୀପତ୍ର ପ୍ରଦାନ କରିଥିଲେ । ଉକ୍ତ ଦାବୀପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଦୀର୍ଘ ଦିନରୁ ବିଭିନ୍ନ ରାଜନୈତିକ ଦଳ ଓ ସାମାଜିକ ସଂଗଠନ ମାନେ ବାରମ୍ବାର ଦାବୀ କରି ଆସୁଥିବା ସତ୍ୱେ ଏ ପର୍ଯ୍ୟନ୍ତ ବୋରିଗୁମ୍ମାକୁ ଏନ.ଏ.ସି ଘୋଷଣା କରାଗଲା ନାହିଁ । ତେଣୁ ଆସୋସିଏସନର ଦାବୀ କୁ ଗୁରତ୍ୱ ଦେଇ ଯଥାଶିଘ୍ର ବୋରିଗୁମ୍ମାକୁ ଏନ୍.ଏ.ସି ଘୋଷଣା କରିବାକୁ ଅନୁରୋଧ କରାଯାଇଛି । ଯଦି ସରକାର ଏହି ଦାବିକୁ ଗୁରତ୍ୱ ନଦେବେ ତେବେ ଆନ୍ଦୋଳନକୁ ଜୋରସୋର କରାଯିବ ବୋଲି ଚେତାବନି ଦିଆଯାଇଛି । ଆଜିର ବିକ୍ଷୋଭରେ ଅମର ଲାଲା ଆହୁଜା, ନରସିଂହ ନାୟକ, ଶେଖ ତୁଫାନ୍, ରାଜେନ୍ଦ୍ର ପାତ୍ର, କୈବ ସାମନ୍ତରାୟ, ବ୍ୟମକେଶ ସାମନ୍ତରାୟ, ଅନିଲ ମିଶ୍ର, ସାହେବ ମହାରଣା, କନ୍ଦର୍ପ ପାଣିଗ୍ରାହୀ, ଗୌର ଦାସ, ସୁଭାଶିଷ ନାୟକ, କାର୍ତିକ ନାୟକ, ସିମା ଲ ସୁଆର, ଲକ୍ଷ୍ମୀ ନାରାୟଣ ପାଢୀ, ରେଶ ବିଷୋୟୀ, ପି.ନବୀନ ପ୍ରମୁଖ ଉପସ୍ଥିତ ଥିଲେ ।

# ଅନଲାଇନ ମାଧ୍ୟମରେ ପରୀକ୍ଷାପାଇଁ ଦାବିକଲେ ଛାତ୍ରଛାତ୍ରୀ

ମାଲକାନଗିରି,୦୯।୧୦ (ନି.ପ୍ର): ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଚିତ୍ରକୋଣ୍ଡା ଶାଖା ଅନୁଷ୍ଠାନର ପ୍ରଥମ ଏବଂ ଦ୍ୱିତୀୟ ବର୍ଷର ଗୁରୁଛାତ୍ରଛାତ୍ରୀ ମାନେ ଆଜି ଅନଲାଇନ ମାଧ୍ୟମରେ ପରୀକ୍ଷା ଦେବା ନିମନ୍ତେ ଦାବି କରି ଚିତ୍ରକୋଣ୍ଡା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଠାରୁ ହାତରେ , ପୋଷ୍ଟର, ବ୍ୟାନର ଧରି ଶୋଭା ଯାତ୍ରା କରି ଚିତ୍ରକୋଣ୍ଡା ସହର ପରିକ୍ରମା କରି ସ୍ଲୋଗାନ ମାନ ଦେଇ ଅନଲାଇନ ମାଧ୍ୟମରେ ପରୀକ୍ଷା କରାଇବା ପାଇଁ ଦାବି ରାଜ୍ୟ ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ, ଓଡିଶା କଟକ ଙ୍କ ଉଦେଶ୍ୟରେ ମାଲକାନଗିରି ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଚିତ୍ରକୋଣ୍ଡା ର ଅଧକ୍ଷ ଙ୍କ ଜରିଆରେ ଦରଖାସ୍ତ ପ୍ରଦାନ କରିଥିଲେ ।କରୋନାର ବ୍ୟାପକ କରାଳତା ସାରା ରାଜ୍ୟର ସ୍ୱାସ୍ଥ୍ୟ ବ୍ୟବସ୍ଥା ସମେତ ଶିକ୍ଷା ବ୍ୟବସ୍ଥାକୁ ମଧ ଖୁବ ପ୍ରଭାବିତ କରିଛି ।ଏହି ମହାମାରୀ ପରିପ୍ରେକ୍ଷୀରେ ରାଜ୍ୟ ଶିକ୍ଷା ବିଭାଗ କୋଭିଡ-୧ ୯ ସମୟରେ ଦିନକୁ ଦିନ କରୋନା ମହାମାରୀ ବଢ଼ିବାରେ ଲାଗିଛି, । ବର୍ତମାନ ପରିପ୍ରେକ୍ଷୀ ରେ ଦୂରଦୁରାନ୍ତରୁ ଆସି ଗୁରୁଛାତ୍ରଛାତ୍ରୀ ମାନେ ରହି ଅଫଲାଇନ ମାଧ୍ୟମରେ ପରୀକ୍ଷା ଦେବା ସମ୍ଭବ ନୁହେଁ,ଏଣୁ ରାଜ୍ୟରେ ଅନଲାଇନ ମାଧ୍ୟମରେ ପ୍ରଥମ ଏବଂ ଦ୍ୱିତୀୟ ବର୍ଷର ପରୀକ୍ଷା କରାଇବାକୁ ଗୁରୁଛାତ୍ରଛାତ୍ରୀ ମାନେ ଦାବି କରିଛନ୍ତି ।

# ବରିଷ୍ଠ ସାମ୍ବାଦିକ ପ୍ରଭାତ କୁମାର ରାଉତରାୟଙ୍କ ବିୟୋଗରେ ଶୋକ

ଯାଜପୁର,୦୯।୧୦ (ନି.ପ୍ର): ଯାଜପୁରର ବରିଷ୍ଠ ସାମ୍ବାଦିକ ତଥା ମା ଟିଭିର ପ୍ରତିଷ୍ଠାତା ପ୍ରଭାତ କୁମାର ରାଉତରାୟଙ୍କ ଅକାଳ ବିୟୋଗରେ ଜିଲ୍ଲାପାଳ ଚକ୍ରବର୍ତି ସିଂ ରାଠୋର ଗଭୀର ଶୋକ ବ୍ୟକ୍ତ କରିବା ସହ ତାଙ୍କ ଶୋକ ସନ୍ତପ୍ତ ପରିବାରଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି । ସ୍ୱର୍ଗତ ରାଉତରାୟ ମା ଟିଭି ଜରିଆରେ ମା ବିରଜାଙ୍କ ମହିମାର ପ୍ରଚାର ପ୍ରସାର ପାଇଁ ବିଶେଷ ଉଦ୍ୟମ କରିଥିଲେ । ତାଙ୍କର ସେବା ଓ ମା ବିରଜାଙ୍କ ପ୍ରତି ସମର୍ପିତ ଭାବ ଅନ୍ୟ ମାନଙ୍କୁ ପ୍ରେରଣା ଦେବ ବୋଲି ଜିଲ୍ଲାପାଳ ଆଶାବ୍ୟକ୍ତ କରିଛନ୍ତି । ସେହିପରି ତାଙ୍କ ମୃତ୍ୟୁ ଖବର ପାଇବା ପରେ ଆଇଏଏସ ପ୍ରୋବେସନର ସଚିନ ପାୱାର, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ କୁମାର ମଲ୍ଲିକ, ସନ୍ତୋଷ କୁମାର ମିଶ୍ର, ମିହିର ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ଧଳ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।

# କୋଠାବାଡି ମଜଦୁର ସଂଘ ପକ୍ଷରୁ ଶ୍ରମ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡ଼ା,୦୯।୧୦ (ନି.ପ୍ର): ଭାରତୀୟ ମଜଦୁର ସଂଘ ସଂଲଗ୍ନ ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ମଜଦୁର ସଂଘ ତରଫରୁ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ୧୦ ଦଫା ସମ୍ବଳିତ ଦାବିପତ୍ର ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଜିଲ୍ଲା ସଭାପତି ପ୍ରଭାତ କୁମାର ପାଣି, ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ବହୁ ସଂଖ୍ୟକ ଶ୍ରମିକ ସମମତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଦାବି ଗୁଡିକ ମଧ୍ୟରେ ଶ୍ରମ କାର୍ଯ୍ୟାଳୟରେ ଖାଲି ପଡିଥିବା ପଦବୀ ପୁରଣ, ବର୍ଷ ବର୍ଷ ଧରି ପଡି ରହିଥିବା ଶ୍ରମିକ ମାନଙ୍କର ସାଇକେଲ ଯନ୍ତ୍ରପାତି , ସୁରକ୍ଷା ଉପକରଣ, ବିବାହ, ପ୍ରସବ ଓ ମୃତ୍ୟୁ, ଚିକିତ୍ସା , ଶିକ୍ଷା ଆଦି ସହାୟତା ରାଶି ପ୍ରଦାନ କରାଯିବା ପଡିରହିଥିବା ଦରଖାସ୍ତ ଗୁଡିକୁ ପଞ୍ଜିକରଣ କରି କାର୍ଡ ଯୋଗାଇବା, ନବୀକରଣ ହୋଇନଥିବା ୬୦ବର୍ଷର ଶ୍ରମିକ ମାନଙ୍କୁ ସରକାରଙ୍କ ଘୋଷଣା ଅନୁଯାଇ ଦେଢ ହଜାର ଟଙ୍କା ପ୍ରଦାନ କରିବା, ପ୍ରତି ଜିଲ୍ଲାରେ ଶ୍ରମକାଳୀନ କର୍ମଚାରୀଙ୍କୁ ନିଯୁକ୍ତି, ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କର ବୟଷ ସୀମା ହଟାଇ ମୃତ୍ୟୁକାଳୀନ ସହାୟତା ପ୍ରଦାନ, ଶ୍ରମ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ରେକର୍ଡ ରୁମ ପ୍ରତିଷ୍ଠା, ଶ୍ରମିକ ମାନଙ୍କର ଦକ୍ଷତା ବୃଦ୍ଧି ତାଲିମ ଦିଆ ଯାଇଥିବା ୧୫ ଦିନର ୩ ହଜାର ଟଙ୍କା ପ୍ରାପ୍ୟ ପ୍ରଦାନ ଆଦି ଦାବି ଗୁଡିକ ରହିଛି । ଏହି ଦାବିପତ୍ର ପ୍ରଦାନ ସମୟରେ କୋଷାଧକ୍ଷ ଅଞ୍ଜନାରଣା ମିଶ୍ର, ପ୍ରସନ୍ନ ଦାସ, କାହ୍ନୁ ଚରଣ ବେହେରା, ପ୍ରଦିପ ରାଉତ, ସୁରେନ୍ଦ୍ର ବେହେରା, ଫକିର ବାରିକ ପ୍ରମୁଖ ଦାବି ପତ୍ର ପ୍ରଦାନ କରିଥିଲେ ।

# ଧାନ ଫସଲରେ ବାରହା ଉପଦ୍ରବ- କ୍ଷୟକ୍ଷତି ଯୋଗାଇ ଦେବାକୁ ଦାବୀ

ନୂଆପଡା,୦୯।୧୦ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଖାସବାହାଲ ପଂଚାୟତର ବଙ୍କାପୁର ଗ୍ରାମରେ ଗତ ୧୫ ଦିନ ଧରି ବାରହା ଉପଦ୍ରବ ଲାଗି ରହିଛି । ଗ୍ରାମରେ ଚାଷ ହୋଇଥିବା ଧାନ ଫସଲରେ ନିକଟସ୍ଥ ଜଙ୍ଗଲରୁ ବାରହା ପଲ ଆସି ଧାନ ଫସଲକୁ ଖାଇ ଦଳି ମକଟି ଦେଇ ନଷ୍ଟ କରି ଦେଉଛି । ଗ୍ରାମର ଏକାଧିକ ବ୍ୟକ୍ତିଙ୍କ ଜମିରେ ବାରହା ଆସି ଫସଲକୁ ନଷ୍ଟ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗତ ୫ ବର୍ଷ ନୂଆପଡା ଜିଲ୍ଲା ସହ ଖାସବାହାଲ ପଂଚାୟତରେ କରାଳ ମରୁଡି ପରିସ୍ଥିତି ଦେଖା ଦେଇଥିବା ବେଳେ ଚଳିତ ବର୍ଷ ଚାଷ କିଛିକାଂଶରେ ଭଲ ହୋଇଥିବା ବେଳେ ବାରହା ଉପଦ୍ରବ ଚାଷୀଙ୍କ ମୁଣ୍ଡରେ ଚଡକ ପକାଇଛି । ବିଗତ ବର୍ଷ ଏହି ଗ୍ରାମର ୩ ଜଣ ଲୋକ ବାରହା ପଲକୁ ଘଉଡାଇବାକୁ ଯାଇ ବାରହା ଆକ୍ରମଣର ଶିକାରରେ ପଡି ଗୁରୁତର ଆହତ ହୋଇଥିଲେ । ବଙ୍କାପୁର ଗ୍ରାମକୁ ଲାଗି ରହିଥିବା ଘୁଘୁରବେଡା, ପାଟିଜଙ୍ଗଲରୁ ଶତାଧିକ ବାରହା ରହିଥିବା ବେଳେ ଏହି ବାରହା ପଲ ଆସି ଧାନ ଫସଲକୁ ଖାଉଥିବା ଦେଖିବାକୁ ମିଳିଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବା ବ୍ୟବସ୍ଥା କରିବାକୁ ସାଧାରଣରେ ଦାବୀ ହେଉଛି ।

# ଘଂଟା ବଜାଇ ପ୍ରତିବାଦ ଜଣାଇଲେ ମନ୍ଦିର ସେବାୟତ



ବାରିପଦା,୦୯।୧୦ (ନି.ପ୍ର): ରାଜ୍ୟର ସମସ୍ତ ମଠ ମନ୍ଦିର ଗୁଡିକରେ କାର୍ଯ୍ୟରତ ସେବାୟତ ମାନେ ଆଜି ସକାଳ ୯ଟାରେ ଘଂଟା ବଜାଇ ପ୍ରତିବାଦ ଜଣାଇଛନ୍ତି । ଦୀର୍ଘ ସାତମାସ ଧରି ଭକ୍ତମାନଙ୍କ ପାଇଁ ମଠ, ମନ୍ଦିର ଗୁଡିକ ରାଜ୍ୟ ସରକାର ବନ୍ଦ ରଖିଛନ୍ତି । ଅନ୍ୟ ରାଜ୍ୟ ଗୁଡିକରେ ସରକାର ମନ୍ଦିର ସବୁ ଖୋଲି ସାରିଥିବା ବେଳେ ଆମ ରାଜ୍ୟରେ ସରକାର ଏଯାବତ ମଠ ମନ୍ଦିର ସବୁ ବନ୍ଦ ରଖିଛନ୍ତି । ଗାଡି ମଟର ଚଳାଚଳ ଠାରୁ ଆରମ୍ଭ କରି ମଦ ଦୋକାନ ପର୍ଯ୍ୟନ୍ତ ସବୁ ଖୋଲାଯାଇ ଥିବା ବେଳେ ମନ୍ଦିର ଖୋଲିପାରୁ ନଥିବାରୁ ମନ୍ଦିରରେ କାର୍ଯ୍ୟରତ ସେବାୟତ ବୃନ୍ଦଙ୍କ ପରିବାର ଅଚଳ ହୋଇପଡୁଛି । ଏଣୁ ରାଜ୍ୟ ସେବାୟତ ସଂଘ ପରାମର୍ଶ କ୍ରମେ ଆଜି ବାରିପଦା ସ୍ଥିତ ଶ୍ରୀ ଶ୍ରୀ ହରିବଳଦେବ ଜୀଉଙ୍କ ମନ୍ଦିର ସମ୍ମୁଖରେ ସକାଳ ୯ ଘଟିକା ସମୟରେ ୯ ମିନିଟ ପର୍ଯ୍ୟନ୍ତ ଘଂଟା ବଜାଇ ସେବାୟତ ମାନେ ପ୍ରତିବାଦ ଜଣାଇଛନ୍ତି । ସେହିପରି କରୋନା କଟକଣା ପାଇଁ ଦୀର୍ଘ ୭ ମାସ ହେବ ବନ୍ଦ ରହିଥିବା ମୟୂରଭ ଜିଲ୍ଲାର ଖୀଚିଂ ଠାରେ ଥିବା ଅଧିଷ୍ଠାତ୍ରୀ ଦେବୀ ମା କିଚେକେଶ୍ୱରୀଙ୍କ ମନ୍ଦିର ସମ୍ମୁଖରେ ସେବାୟତ ମାନେ ଧାରଣାରେ ବସିଥିଲେ । ମା କିଚକେଶ୍ୱରୀ ମନ୍ଦିର ବନ୍ଦ ରହିଥିବା ବେଳେ କୌଣସି ଭକ୍ତଙ୍କୁ ମାଙ୍କ କିଚେକେଶ୍ୱରୀ ଦର୍ଶନ ନିମନ୍ତେ ନିଷେଧ କରାଯାଇଛି । ତେଣୁ ମନ୍ଦିର ଖୋଲିବା ଦାବୀରେ ଆଜି ଖୀଚିଂ ମନ୍ଦିରର ସେବାୟତ ମାନେ ଧାରଣାରେ ବସିଥିଲେ । କରୋନା କଟକଣା ରେ ଦୋକାନ ବଜାର ଖୋଲା ହେଇଛି ସେହିପରି କଟକଣା ଭିତରେ ମନ୍ଦିର ଖୋଲିବା ପାଇଁ ଅନୁମତି ପ୍ରଦାନ କରାଯିବା ନିମନ୍ତେ ସେବାୟତ ମାନେ ଦାବୀ ରଖିଛନ୍ତି ।

# କେନ୍ଦ୍ରାପଡା ବ୍ଲକ କାର୍ଯ୍ୟାଳୟରେ କ୍ଷତ ଖାଉଛି ରିଲିଫ ସାମଗ୍ରୀ

କେନ୍ଦ୍ରାପଡ଼ା,୦୯।୧୦ (ନି.ପ୍ର): ବିଗତ ଅମ୍ଫାନ ବାତ୍ୟା ପରେ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ କାହାକୁ ଖାଦ୍ୟାଭାବରେ ମରିବାକୁ ଦିଆଯିବ ନାହିଁ ବୋଲି ଘୋଷଣା କରାଯାଇ ଜିଲ୍ଲାକୁ ପର୍ଯ୍ୟାପ୍ତ ପରିମାଣର ରିଲିଫ ସାମଗ୍ରୀ ଯୋଗାଇ ଦିଆ ଯାଇଛି । ବନ୍ୟା ବାତ୍ୟା ପିଡିତ ଜନ ସାଧାରଣଙ୍କୁ ଖାଦ୍ୟ ସାମଗ୍ରୀ ଯୋଗାଇବା ଓ ବାତ୍ୟା ଆଶ୍ରୟ ସ୍ଥଳୀରେ ଆଶ୍ରୟ ନେଇଥିବା ଲୋକମାନଙ୍କୁ ଶୁଖିଲା ଖାଦ୍ୟ ଚୁଡା, ଗୁଡ, ବିସ୍କୁଟ ପ୍ରଭୃତି ସାମଗ୍ରୀ ବ୍ଲକ ପ୍ରଶାସନ ମାଧ୍ୟମରେ ବଣ୍ଟନ ପାଇଁ ଦିଆ ଯାଇଥିଲା । ତେବେ କେନ୍ଦ୍ରାଡା ବ୍ଲକରେ ଏହି ଶୁଖିଲା ଖାଦ୍ୟ ସାମଗ୍ରୀ ପଡି ରହି କ୍ଷତ ଖାଉଥିବା ଦେଖିବାକୁ ମିଳୁଛି । ଚୁଡାରେ ପୋକ ଲାଗିଥିବା ବେଳେ ଗୁଡରେ ଜନ୍ଦା ପିମ୍ପୁଡି ଓ ବଲୁରି ବସା ବାନ୍ଧିଥିବା ବେଳେ ବିସ୍କୁଟ ପ୍ୟାକେଟରେ ପିମ୍ପୁଡି ଧାଡି ବାନ୍ଧିଥିବା ଦେଖିବାକୁ ମିଳୁଛି । ଲକ୍ଷାଧିକ ଟଙ୍କାର ସାମଗ୍ରୀ ପରିତ୍ୟକ୍ତ ଅବସ୍ଥାରେ ପଡି ରହିଥିବାରୁ ଜନ ସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ସାମଗ୍ରୀକୁ ନଷ୍ଟ କରିବା ଘଟଣା ପାଇଁ ପ୍ରଶାସନିକ ଅବହେଳା ସଂପୂର୍ଣ୍ଣ ଦାୟୀ ବୋଲି ଅଭିଯୋଗ ହୋଇଛି । ଜିଲ୍ଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ଖାଦ୍ୟ ସାମଗ୍ରୀ ନଷ୍ଟ ନକରି ଏହାର ସଦୁପଯୋଗ କରିବାକୁ ସାଧାରଣରେ ଦାବି ହେଉଛି ।

# ହରିଚନ୍ଦନପୁର ବ୍ଲକ ଠାକୁରପଡା ଗ୍ରାମ ପଂଚାୟତରେ ଆବାସ ଓ ପାଇଖାନା ନାମରେ କୋଟି କୋଟି ଟଙ୍କା ହରିଲୁଟ୍ ଅଭିଯୋଗ

ହରିଚନ୍ଦନପୁର,୦୯।୧୦ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଠାକୁରପଡା ଗ୍ରାମ ପଂଚାୟତ ଅନ୍ତର୍ଗତ ଘଷଣାଟାଙ୍ଗର ଗ୍ରାମରେ ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାସ, ପାଇଖାନା ଯୋଜନାରେ ଅନ୍ତର୍ଭୁକ୍ତ ଏକାଧିକ ହିତାଧିକାରୀଙ୍କ ଟଙ୍କା ହରିଲୁଟ୍ ହୋଇଛି । ପିଠାଗୋଳା ପଂଚାୟତରେ ଜିଆରଏସ ଭଳି ଘଷଣାଟାଙ୍ଗର ଗ୍ରାମରେ ସମିତି ସଭ୍ୟ ତ୍ରିଲୋଚନ ମହାନ୍ତ ଅନେକ ହିତାଧିକାରୀଙ୍କ ଗୃହ ନିର୍ମାଣ ଦାୟିତ୍ୱ ନେଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରି ଅଧପାନ୍ତରିଆ ଅବସ୍ଥାରେ ଛାଡିଦେଇ ସମ୍ପୂର୍ଣ୍ଣ ଟଙ୍କା ଉଠାଇନେଇ ନିଜର ସମ୍ପତି ବଢାଇ ମାଲେମାଲ ହୋଇଥିବା ଅଭିଯୋଗ ହୋଇଛି । ସରକାରଙ୍କ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀ କୁସୁମୀ ମୁଣ୍ଡା, ଜିତେନ ମୁଣ୍ଡା, ବିକ୍ରମ ମୁଣ୍ଡା, ଭାସ୍କର ମୁଣ୍ଡା, ରୁକ୍ମଣୀ ମୁଣ୍ଡା ନରସିଂ ମୁଣ୍ଡାଙ୍କ ଘର ଗୁଡିକର ନିର୍ମାଣ କାର୍ଯ୍ୟ ଆଜକୁ ଦୀର୍ଘ ଦିନ ହେବ ସଭ୍ୟ ତ୍ରିଲୋଚନ ଆରମ୍ଭ କରିଥିଲେ । ହେଲେ ଆଜକୁ ଅନେକ ବର୍ଷ ବିତିଯାଇଥିଲେ ମଧ ସେହି ଘର ଗୁଡିକର କାର୍ଯ୍ୟ ସମ୍ପୂର୍ଣ୍ଣ ନକରି ସମସ୍ତ ଟଙ୍କା ଉଠାଇ ନେଇଥିବା ଯୋଗ୍ୟ ହିତାଧିକାରୀ ଅଭିଯୋଗ କରିଛନ୍ତି । ଘର ଗୁଡିକ ସମ୍ପୂର୍ଣ୍ଣ ହୋଇନଥିବା ନେଇ ଗରିବ ହିତାଧିକାରୀ ସରକାରୀ ଅନୁଦାନରେ ନିର୍ମିତ ନୂଆ ଘରକୁ ଚାହିଁ ଚାହିଁ ଭଙ୍ଗା ଓ ପର ଘରେ ଦୁର୍ଦ୍ଦିନରେ ଜୀବନ ବିତାଇବାକୁ ବାଧ ହେଉଛନ୍ତି । ସେହି ଭଳି ଗ୍ରାମରେ ସ୍ୱଚ୍ଛ ଭାରତ ଯୋଜନାରେ ୧୨ହଜାର ଟଙ୍କାର ପାଇଖାନା ପାଇଥିବା ଶତାଧିକ ହିତାଧିକାରୀଙ୍କ ପାଇଖାନା ଗୁଡିକ ଅଧନିର୍ମିତ ଅବସ୍ଥାରେ ଛାଡ଼ି ଅବଶିଷ୍ଟାଂଶ ଟଙ୍କାକୁ ହରିଲୁଟ୍ କରିନେଇଥିବା ଅଭିଯୋଗ ହୋଇଛି । ସାଧାରଣତଃ ଅଧିକାଂଶ ପାଇଖାନାର କବାଟ ଲାଗିନଥିବା ସହ ଟାଙ୍କି ନିର୍ମାଣ କରାଯାଇନାହିଁ । ସେହି ଭଳି ଅନେକ ପାଇଖାନା ଗୁଡିକ ଭାଙ୍ଗିବାକୁ ବସିଥିବା ବେଳେ ସେଗୁଡିକ ବର୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ହୋଇପାରିନାହିଁ । ଯାହାକୁ ନେଇ ହିତାଧିକାରୀମାନେ ମଳତ୍ୟାଗ ପାଇଁ ପୂର୍ବ ଭଳି ଖୋଲା ସ୍ଥାନ ବା ଜଙ୍ଗଲ ଉପରେ ନିର୍ଭର କରୁଛନ୍ତି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ଉକ୍ତ ଯୋଜନାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଅଧସମ୍ପୂର୍ଣ୍ଣ ଘର ଓ ପାଇଖାନା ଗୁଡିକ ସମ୍ପୂର୍ଣ୍ଣ କରିବାକୁ ଜନସାଧାରଣରେ ଦାବି ହୋଇଛି ।

# ଗ୍ୟାସ୍ ଲିକ୍‌ରୁ ଦୋକାନ ପୋଡ଼ି ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ





ଜଳେଶ୍ୱର,୯।୧୦(ନି.ପ୍ର): ଶ୍ରୀରାମପୁର ପଞ୍ଚାୟତର ମାଳିପାଳ ଗ୍ରାମର ମହାଦେବ ମନ୍ଦିର ଛକରେ ଉକ୍ତ ଗ୍ରାମର ଅନନ୍ତ ଘୋଷ କରିଥିବା ପାନ ଚା ସାଙ୍ଗକୁ ତେଜରାତି ଦୋକାନଟି ଗ୍ୟାସ ଲିକ୍ ହୋଇ ଦୋକାନଟି ସଂପୂର୍ଣ୍ଣ ପୋଡ଼ି ଯାଇ ଲକ୍ଷାଧିକ ଟଙ୍କାର ଜିନିଷ ପୋଡ଼ି ଯାଇଛି ଫଳରେ ସକାଳ ସମୟରେ ଅନନ୍ତ ଘୋଷଙ୍କ ପୁତ୍ର ସର୍ବେଶ୍ୱର (୧୯) ଚା କରୁଥିବା ସମୟରେ ହଠାତ୍ ଗ୍ୟାସ୍ ଲିକ୍ ହୋଇ ସମ୍ପୂର୍ଣ୍ଣ ଦୋକାନଟି ପୋଡ଼ିଯିବା ସାଙ୍ଗକୁ ସର୍ବେଶ୍ୱରର ଗୋଡ଼ ପୋଡ଼ି ଯାଇଛି । ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରୁ କରୁ ଦୋକାନର ସମସ୍ତ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଥିଲା । ଅନନ୍ତ ଘୋଷ ବ୍ୟାଙ୍କ ଲୋନ କରି ବ୍ୟବସାୟ କରି ନିଜର କୁଟୁମ୍ବ ପୋଷଣ କରୁଥିଲେ । ଆଜି ସେ ଦୋକାନୀ ପୋଡ଼ିଯିବା ପରେ ସେ ହାରାସ ହୋଇଯାଇଛନ୍ତି । ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ସ୍ଥାନୀୟ ସରପଞ୍ଚ ଏବଂ ତାଙ୍କ ପ୍ରତିନିଧି ଶ୍ରୀ ଆଲୋକ କୁମାର ଗିରି ନିବେଦନ କରିଛନ୍ତି ।

# ଶାକାହାରୀ ହେବାକୁ ଚାହୁଁଛନ୍ତି କି ?

**ଯଦି ଆପଣ ନିଜ ସ୍ୱାସ୍ଥ୍ୟ ପ୍ରତି ବେଶ୍ ସଚେତନ ଓ ଆମିଷ ଭୋଜନ ପରିତ୍ୟାଗ କରି ଶୁଦ୍ଧ ଶାକାହାରୀ ହେବାକୁ ଚାହୁଁଛନ୍ତି ତା' ହେଲେ ଆପଣଙ୍କୁ କିଛି ଉପାୟ ଅବଲମ୍ବନ କରିବାକୁ ହେବ । ଏହି ଉପାୟ ଗୁଡ଼ିକ ଆପଣଙ୍କ ପାଇଁ ଉପାଦେୟ ହୋଇପାରେ...**

**ମୋଟିଭେଟ୍ ରୁହନ୍ତୁ:**
ଯଦି ଆପଣ ନନ୍‌ଭେଜ ଡାଏଟ୍ ଆପଣେଇବାକୁ ଚାହୁଁଛନ୍ତି, ତା' ହେଲେ ଆପଣଙ୍କୁ ସେଥିପାଇଁ ଉପଯୁକ୍ତ ଓ ଉତ୍ତମ କାରଣ ଖୋଜିବା ଦରକାର । ଏହି କାରଣଗୁଡ଼ିକ ଆପଣଙ୍କୁ ଶୁଦ୍ଧ ନିରାମିଶ ଖାଦ୍ୟ ଖାଇବାକୁ ଉତ୍ସାହିତ କରିବ । ତେଣୁ ଆପଣ ପ୍ରଥମେ ଜାଣିବାକୁ ଚେଷ୍ଟା କରନ୍ତୁ ଯେ କେଉଁ କାରଣରୁ ଆପଣ ନନ୍‌ଭେଜ ଛାଡ଼ିବାକୁ ଚାହୁଁଛନ୍ତି ।

**ବଢ଼ିଆ ରେସିପି ଖୋଜନ୍ତୁ:**
ନନ୍‌ଭେଜ ଛାଡ଼ିବା ପରେ ହୁଏତ ଆପଣ ସ୍ୱାଦକୁ ନେଇ ଅସନ୍ତୁଷ୍ଟ ରହିପାରନ୍ତି । ଅର୍ଥାତ୍ ଭେଜିଟେରିଆନ୍ ବା ନିରାମିଶ ଖାଦ୍ୟ ଆପଣଙ୍କୁ ରୁଚି ନ ପାରେ । ଆପଣ ଭାବିପାରନ୍ତି ଯେ 'ଘାସ ପତ୍ର ଖାଇ ଜିଭଟା ସ୍ୱାଦ ଭୁଲିଗଲାଣି' । ତେଣୁ ଆମିଷ ଯେତେବେଳେ ଛାଡ଼ିବାକୁ ଚାହୁଁଛନ୍ତି, ନିରାମିଷ ଖାଦ୍ୟର ବଢ଼ିଆ ବଢ଼ିଆ ରେସିପି ଖୋଜି ବାହାର କରନ୍ତୁ । ଏଥିପାଇଁ ଆପଣ ଇଣ୍ଟରନେଟ୍‌ର ସହାୟତା ନେଇପାରନ୍ତି ।

**ଧୀରେଧୀରେ ଛାଡ଼ନ୍ତୁ ନନ୍‌ଭେଜ୍:**
ଯଦି ଆପଣ ଏକାଥରେ ନନ୍‌ଭେଜ ଖାଦ୍ୟକୁ ନା କରିପାରୁନାହାନ୍ତି, ତା' ହେଲେ ଧୀରେଧୀରେ ଛାଡ଼ିବା ଅଭ୍ୟାସ କରନ୍ତୁ । ଧୀରେ ଧୀରେ ନିଜ ଭୋଜନରେ ନିରାମିଷ ଖାଦ୍ୟ ପଦାର୍ଥର ମାତ୍ରା ବଢ଼ାନ୍ତୁ । ପ୍ରତି ସପ୍ତାହରେ ନୂଆ ନୂଆ ଭେଜ୍ ରେସିପି ଆପଣଙ୍କୁ ଏଥିରେ ସାହାଯ୍ୟ କରିବ । ବିଭିନ୍ନ ପତ୍ରପତ୍ରିକା, ଇଣ୍ଟରନେଟ୍‌ରୁ ନୂଆ ନୂଆ ନିରାମିଷ ଖାଦ୍ୟ ସମ୍ପର୍କରେ ଜାଣନ୍ତୁ ଓ ତାହାକୁ ଘରେ ପ୍ରସ୍ତୁତ କରିବାକୁ ଚେଷ୍ଟା କରନ୍ତୁ । ମନେରଖନ୍ତୁ, ଯଦି ଆପଣ ନନ୍‌ଭେଜ ଛାଡ଼ିବାକୁ ଚାହୁଁଛନ୍ତି, ତା' ହେଲେ ପ୍ରଥମେ ରେଡ୍‌ମିଟ୍‌ରୁ ହିଁ ଆରମ୍ଭ କରନ୍ତୁ । ଏହାପରେ ଧୀରେ ଧୀରେ ଅନ୍ୟ ଆମିଷ ସାମଗ୍ରୀ ଖାଇବା ଛାଡ଼ନ୍ତୁ ।

**ନୂଆ ଡାଏଟ୍ ପ୍ଲାନ୍ କରନ୍ତୁ:**
ଆପଣ ଯେଉଁ ଖାଦ୍ୟ ପ୍ରତ୍ୟେକ ଦିନ ଖାଆନ୍ତି, ତାହାର ଏକ ତାଲିକା ପ୍ରସ୍ତୁତ କରନ୍ତୁ । ଏହ ପରେ ଦେଖନ୍ତୁ ଯେ, ଆପଣଙ୍କର ପୁରୁଣା ନନ୍‌ଭେଜ୍ ଡାଏଟ୍‌ର ଭେଜ୍ ବିକଳ୍ପ କ'ଣ ହୋଇପାରେ । ଅର୍ଥାତ୍ କେଉଁ ଆମିଷ ଖାଦ୍ୟ ବଦଳରେ ଆପଣ କେଉଁ ନିରାମିଷ ଖାଦ୍ୟ ଖାଇପାରିବେ ତାହା ଦେଖନ୍ତୁ । ନୂଆ ବିକଳ୍ପ ସହାୟତାରେ ନୂଆ ତାଲିକା ପ୍ରସ୍ତୁତ କରନ୍ତୁ, ଯେଉଁଥିରେ କେବଳ ଭେଜ୍ ଡାଏଟ୍ ସାମିଲ ଥିବ ।

**ଜଙ୍କ୍‌ଫୁଡ୍‌ରୁ ଦୂରେଇ ରୁହନ୍ତୁ:**
ଭେଜିଟେରିଆନ୍ ଡାଏଟ୍ ଆରମ୍ଭ କରିବାର ଅର୍ଥ ଆପଣଙ୍କୁ ଜଙ୍କ୍ ଫୁଡ୍ ଖାଇବାରେ ଲାଇସେନ୍ସ ମିଳିଗଲା ବୋଲି ଭାବନ୍ତୁ ନାହିଁ । ଯଦି ଏଭଳି ହେଉଛି ତା' ହେଲେ ଭୋଜନରେ ଆପଣ ଫଳ ଏବଂ ପନିପରିବାର ପରିମାଣ ବଢ଼ାଇ ଦିଅନ୍ତୁ । ଚୋପା ଥିବା ଶସ୍ୟ, ବିନ୍‌ସ, ନଟ୍‌ସ, ସୋୟା ପ୍ରୋଟିନ୍ ଏବଂ ଅନ୍ୟ ପୋଷଣ ଆପଣଙ୍କର ସହାୟତା କରିପାରେ ।

**ନୂଆ ଜିନିଷ ଟ୍ରାଏ କରନ୍ତୁ:**
ଶାକାହାରୀ ହେବାର ସବୁଠୁ ବଡ଼ ଲାଭ ଏହା ଯେ, ଆପଣଙ୍କୁ ଏହା ଦ୍ୱାରା ନୂଆ ଜିନିଷ ଟ୍ରାଏ କରିବାର ପ୍ରେରଣା ମିଳେ । ଏହାର ଲାଭ ଉଠାନ୍ତୁ ଏବଂ ଇଣ୍ଟରନେଟ୍ କିମ୍ବା ରେସିପି ବୁକ୍‌ସ ସହାୟତାରେ ଅନ୍ୟ ଦେଶର ଭେଜ୍ ରେସିପିର ସ୍ୱାଦ ନିଅନ୍ତୁ ।

**ପରିବାର ଏବଂ ବନ୍ଧୁଙ୍କ ଭୂମିକା:**
ଯଦି ଆପଣ ଶାକାହାରୀ ହେବାକୁ ଯାଉଛନ୍ତି, ତା'ହେଲେ ଆପଣଙ୍କୁ ପରିବାର ଏବଂ ବନ୍ଧୁମାନଙ୍କ ସହ ଏ ବିଷୟରେ ଆଲୋଚନା କରିବାକୁ ହେବ । କାରଣ ନନ୍ ଭେଜ ବନ୍ଦ କରିବା ପରେ ମଧ୍ୟ ଆପଣ ସେମାନଙ୍କ ସହିତ ଖାଦ୍ୟ ଖାଇବେ । ଏଭଳି ସ୍ଥିତିରେ ସେମାନଙ୍କୁ ଆପଣ ଏ ବାବଦରେ ଜଣାଇଦେବା ଆପଣଙ୍କ ପାଇଁ ଭଲ ହେବ ।

**ମଜା ନିଅନ୍ତୁ:**
ସବୁଠାରୁ ଜରୁରୀ ବିଷୟ ହେଉଛି, ଆପଣ ପରବର୍ତ୍ତିତ ଡାଏଟ୍‌ରୁ ମଜା ନିଅନ୍ତୁ । ଆପଣ ଆମିଷ ବଦଳରେ ନିରାମିଷ ଭୋଜନ କରିବାକୁ ଚାହୁଁଛନ୍ତି, ଏହାକୁ ନେଇ ଖୁସି ହୁଅନ୍ତୁ ଓ ଏନ୍‌ଜୟ କରନ୍ତୁ । ନିୟମିତ ଭଲ ଭଲ ଖାଇବା ଆପଣଙ୍କୁ ଏଥିରେ ସହାୟତା କରିପାରେ ।

**ଆମିଷ ଭକ୍ଷଣ, ଅନେକଙ୍କ ଭୋକର କାରଣ:**
କୁକୁର, ବିରାଡ଼ିଙ୍କୁ ଆମେ ସଉକ ପାଇଁ ରଖୁ ॥ ଆଉ କିଛି ପ୍ରାଣୀଙ୍କୁ ଆମେ ପୋଷିକରି ରଖିଥାଉ, ତା' ପଛରେ ଥାଏ ଆମର ମାଂସ ଭକ୍ଷଣ ଲାଳସା । ଯେମିତିକି କୁକୁଡ଼ା, ବତକ, ଛେଳି, ମେଣ୍ଢାଙ୍କୁ ଆମେ ପାଳିପୋଷି ବନ କରୁ । ଖୁଆଇ ପିଆଇ ପିଆଇ ହୃଷ୍ଟପୁଷ୍ଟ କରୁ । ପରେ ସେମାନଙ୍କୁ ମାରି ସେମାନଙ୍କ ମାଂସ ଖାଉ । ମାଂସ ବା ଆମିଷ ଖାଇବାରେ ଆମେ ଆନନ୍ଦ ପାଉ । ଏମିତିକି ଜନ୍ମଦିନ, ବିବାହବାର୍ଷିକୀ, ବିବାହ ଉତ୍ସବ ପାର୍ଟି ଫଙ୍କସନ୍, ପିକ୍‌ନିକ୍ ଆଦିରେ ଆମେ ମାଂସାହାର ବା ଆମିଷ ଭୋଜନ କରିବାକୁ ସୁଖ ପାଉ । ଭୋଜି ଭାତରେ ମଟନ୍, ଚିକେନ୍ ନଥିଲେ ଅନେକଙ୍କ ମୁହଁ ଶୁଖିଯାଏ । ତେବେ ଆମାମାନଙ୍କ ମଧ୍ୟରୁ ଅନେକେ ହୁଏତ କେବେ ଭାବି ନଥିବେ ଯେ କିଛି ଲୋକଙ୍କ ନନ୍‌ଭେଜ ବା ଆମିଷ ଭକ୍ଷଣ ଲାଳସା ଅନେକଙ୍କ ଭୋଗର କାରଣ ପାଲଟିଥାଏ । ପିପୁଲ୍ ଫର୍ ଦ ଏଥିକାଲ୍ ଟ୍ରିଟ୍‌ମେଣ୍ଟ ଅଫ୍ ଆନିମଲ୍‌ସ (ପେଟା) ପ୍ରଦତ୍ତ ତଥ୍ୟ ମୁତାବକ, ନିଜେ ଆମିଷ ଖାଇବା ଓ ଅନ୍ୟଙ୍କୁ ଖୁଆଇବା ଅର୍ଥାତ୍ ମାଂସ ଆଦିର ବ୍ୟବସାୟ ବା ବିକ୍ରି ପାଇଁ ପ୍ରାଣୀଙ୍କୁ ପୋଷିବା, ସେମାନଙ୍କ ବଂଶ ବଢ଼ାଇବା ଆଦୌ ଶୁଭଙ୍କର ନୁହେଁ । କାରଣ ପ୍ରାଣୀମାନେ ଅଧିକ ଖାଆନ୍ତି । ସେମାନେ ଯେତିକି ଖାଆନ୍ତି ଶସ୍ୟ ଖାଅନ୍ତି, ତା' ତୁଳନାରେ କମ୍ ମାଂସ, ଅଣ୍ଡା ଓ କ୍ଷୀର ଭଳି ଡେରି ପ୍ରଡକ୍ଟ ଦେଇଥାନ୍ତି । ଗୋଟିଏ କିଲୋ ମାଂସ ପାଇଁ ପ୍ରାଣୀଙ୍କୁ ୧୦ କିଲୋଗ୍ରାମରୁ ଅଧିକ ଶସ୍ୟ ଖୁଆଇବାକୁ ପଡ଼ିଥାଏ । ୱାର୍ଲ୍ଡ ୱାଚ୍ ଇନ୍‌ଷ୍ଟିଚ୍ୟୁଟ୍‌ର ତଥ୍ୟ ଅନୁସାରେ, ବିଶ୍ୱର ପ୍ରତି ୬ ଜଣରେ ଜଣେ ବ୍ୟକ୍ତି ଖାଦ୍ୟାଭାବରୁ ଭୋକରେ ରହେ । ଏଭଳି ପରିସ୍ଥିତିରେ ମାଂସ ଖାଇବା ପାଇଁ ପ୍ରାଣୀଙ୍କୁ ପୋଷିବା ଶସ୍ୟ ବରବାଦ କରିବା ସହିତ ସମାନ । ଏହାକୁ ଶସ୍ୟର ଦୁରୁପଯୋଗ କୁହାଗଲେ ମଧ ଭୁଲ୍ ହେବ ନାହିଁ ।



ପେଟାର ୱେବ୍‌ସାଇଟ୍ ଦର୍ଶାଉଛି ଯେ, ପ୍ଲାଣ୍ଟ୍ ବେସ୍‌ଡ ଡାଏଟ୍ ଅର୍ଥାତ୍ ନିରାମିଷ ଭୋଜନ ବା ଶାକାହାର ବିଶ୍ୱକୁ ଭୋକ, ଖାଦ୍ୟାଭାବ ଜନିତ ମୃତ୍ୟୁକୁ ଦୂର କରିପାରିବ । ୨୦୫୦ ମସିହା ପର୍ଯ୍ୟନ୍ତ ଆନୁମାନିକ ୯୦୦ କୋଟି ଲୋକଙ୍କ ଛେଳି, ମେଣ୍ଢା, କୁକୁଡ଼ା, ବତକ ଆଦି ପୋଷି ମୋଟ ଉତ୍ପାଦନର ୪୦ ପ୍ରତିଶତ ଶସ୍ୟ ସେମାନଙ୍କୁ ଖୁଆଇବା ବଦଳରେ ସିଧା ମଣିଷଙ୍କ କାମରେ ଆସିଲେ ହିଁ ଏହା ସମ୍ଭବ ହୋଇପାରିବ । ଅର୍ଥାତ୍ ଆମିଷ ବଦଳରେ ନିରାମିଷାଶୀ ଲୋକଙ୍କ ସଂଖ୍ୟା ବଢ଼ିଲେ ହିଁ ପୃଥିବୀର ସମସ୍ତ ମଣିଷ ଭଲରେ ମୁଠାଏ ଖାଇବାକୁ ପାଇବେ । ପେଟା, ଇଣ୍ଡିଆର ତଥ୍ୟ ଅନୁସାରେ, ଏକ ଶୁଦ୍ଧ ନିରାମିଷ ଭୋଜନ ପାଇଁ ପ୍ରତିଦିନ ୧୧୩୭ ଲିଟର ପାଣି ଆବଶ୍ୟକ ହେଉଥିବାବେଳେ ମାଂସ ଆଧାରିତ ଭୋଜନ ପାଇଁ ପ୍ରତିଦିନ ୧୫ ହଜାର ଲିଟରରୁ ଅଧିକ ପାଣି ଦରକାର ହୋଇଥାଏ ।

**ମାଂସାହାର ଅନେକ ରୋଗର କାରଣ:**
ୱାର୍ଲ୍ଡ ହେଲ୍‌ଥ ଅର୍ଗନାଇଜେସନ୍ (ହୁ) ବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁମାନ କରିଛି ଯେ, ପ୍ରତ୍ୟେକ ବର୍ଷ ଜୁନୋସିସ୍ (ପଶୁ, ପକ୍ଷୀଙ୍କ ସଂସ୍ପର୍ଶରୁ ମଣିଷକୁ ହେଉଥିବା ରୋଗ) କାରଣରୁ ପ୍ରାୟ ୧୦୦ କୋଟି ଲୋକ ରୋଗରେ ପଡ଼ିଥାନ୍ତି ଓ ଲକ୍ଷ ଲକ୍ଷ ଲୋକ ପ୍ରାଣ ହରାଇଥାନ୍ତି । ପେଟା ପକ୍ଷରୁ ପ୍ରଦତ୍ତ ତଥ୍ୟ ଅନୁସାରେ, ଆପଣଙ୍କ ହୃଦ୍‌ରୋଗ, ମୋଟାପଣ, କ୍ୟାନ୍‌ସର, ମଧୁମେହ ଆଦି ରୋଗ ଭୋଗିବାର ଯଥେଷ୍ଟ ଆଶଙ୍କା ରହିଛି । ଏମିତିକି ଏହି କାରଣରୁ ଆପଣ ନପୁଂସକ ବି ହୋଇଯାଇପାରନ୍ତି । ଗବେଷଣାରୁ ଏହା ମଧ ଜଣାପଡ଼ିଛି ଯେ ନିରାମିଷ ଭୋଜନ କରୁଥିବା ଲୋକମାନଙ୍କୁ କିଛି ନିର୍ଦ୍ଦିଷ୍ଟ ପ୍ରକାର କ୍ୟାନ୍‌ସର ହେବାର ଆଶଙ୍କା ପଚାଶ ପ୍ରତିଶତ କମ୍ ହୋଇଥାଏ ।

**ଭେଜିଟେରିଆନ୍ ଓ ୱିଗନ୍ ମଧ୍ୟରେ ଫରକ୍:**
ଭେଜିଟେରିଆନ୍ ଓ ୱିଗନ୍ ଶବ୍ଦ ଆମେ ଅନେକଥର ଶୁଣିଛୁ । ହେଲେ ଏହି ଶବ୍ଦ ଦୁଇଟିର ଅର୍ଥକୁ ନେଇ ଆମେ ସବୁବେଳେ ଦ୍ୱନ୍ଦ୍ୱରେ ପଡ଼ିଥାଉ । ପେଟା, ଅନୁସାରେ, ଭେଜିଟେରିଆନ୍ ବା ନିରାମିଷ ଖାଦ୍ୟ ଖାଉଥିବା ଲୋକମାନେ କୌଣସି ବି ପ୍ରାଣୀକୁ ନିଜ ଖାଦ୍ୟରେ ସାମିଲ କରନ୍ତି ନାହିଁ । ଅର୍ଥାତ୍ ମାଂସ ଖାଆନ୍ତି ନାହିଁ । ମାତ୍ର ୱିଗନମାନେ ପ୍ରାଣୀଙ୍କଠାରୁ ମିଳୁଥିବା କୌଣସି ଉତ୍ପାଦ ବା ସାମଗ୍ରୀ ଖାଆନ୍ତି ନାହିଁ ଯେମିତିକି ଅଣ୍ଡା, କ୍ଷୀର ଓ ପନିର ଇତ୍ୟାଦି ।

# ମଙ୍ଗୌଡ଼ି ପାମ୍ପଡ଼ ତରକାରି

ମୁଗ ଡାଲିକୁ ଭିଜାଇ ପେଷ୍ଟ କରି ତାହାକୁ ବଡ଼ି ଆକାରରରେ କରି ଖରାରେ ଶୁଖାଇ ଦିଆଯାଏ । ଶୁଖିଗଲା ପରେ ତାହାକୁ ଡବାରେ ରଖି ଆବଶ୍ୟକ ସମୟରେ ବ୍ୟବହାର କରାଯାଏ ।



**ଆବଶ୍ୟକ ସାମଗ୍ରୀ:**
ମଙ୍ଗୌଡ଼ି- ଅଧା କପ୍, ମାଧ୍ୟମ ଆକାରର ପାମ୍ପଡ଼-୨ଟି, କଦ୍ଦୁକଷ ହୋଇଥିବା ଅଦା-୧ ଛୋଟ ଚାମଚ, କଞ୍ଚା ଲଙ୍କା-୧ଟି, ଜିରା- ୧ ଚାମଚ, ହିଙ୍ଗୁ- ୧ ଚୁଟ୍‌କି, ହଳଦୀ-୧/୪ ଚାମଚ, ଧନିଆ ପାଉଡର-୧/୨ ଚାମଚ, ଲଙ୍କା ପାଉଡର-୧/୨ ଚାମଚ, ସ୍ୱାଦ ଅନୁସାରେ ଲୁଣ, ଘିଅ-୧/୨ ଚାମଚ, ଗରମ ମସଲା-୧/୨ ଚାମଚ, ପାଣି-୨ କପ୍, କଟା ଯାଇଥିବା ଧନିଆ ପତ୍ର ।

**ପ୍ରଣାଳୀ:**
କଞ୍ଚା ଲଙ୍କାକୁ କଟା ହେବ । କୁକର୍‌ରେ ଘିଅ ଗରମ କରି ସେଥିରେର ଜିରା ପକାଇ କିଛି ସମୟ ରଖନ୍ତୁ । ଏବେ ସେଥିରେ ହିଙ୍ଗୁ ପକାନ୍ତୁ । କଦ୍ଦୁକଷ ହେଇଥିବା ଅଦାକୁ ପକାଇ ଭାଜନ୍ତୁ । ଏବେ ସେଥିରେ ମଙ୍ଗୌଡ଼ି ପକାନ୍ତୁ । ମଙ୍ଗୌଡ଼ି ଭାଜି ହେବା ପାଇଁ ୨-୩ ମିନିଟ୍ ଲାଗିବ । ଏବେ ସେଥିରେ କଞ୍ଚା ଲଙ୍କା, ଲୁଣ, ଲଙ୍କା ପାଉଡର, ହଳଦୀ ଓ ଧନିଆ ପାଉଡର ଦେଇ ଭଲ ଭାବରେ ମିଶାଇ ଦିଅନ୍ତୁ । ତା' ପରେ ସେଥିରେ ଦୁଇ କପ୍ ପାଣି ମିଶାଇ ଫୁଟାନ୍ତୁ । କୁକର୍‌ରେ ଘୋଡ଼ଣୀ ହୋଇ ଗୋଟେ ସିଟି ମାରିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । କଡ଼ାଇରେ ରାନ୍ଧୁଥିଲେ ମଧ୍ୟମ ଆଞ୍ଚରେ ମଙ୍ଗୌଡ଼ି ସିଝିବା ପର୍ଯ୍ୟନ୍ତ ତରକାରିକୁ ଘୋଡ଼େଇ ରଖନ୍ତୁ । ପାମ୍ପଡ଼କୁ ଦେଢ଼ ବା ଦୁଇ ଇଞ୍ଚର ଭାଙ୍ଗି ମଙ୍ଗୌଡ଼ିରେ ପକାନ୍ତୁ । ୨-୩ ମିନିଟ୍ ଆଞ୍ଚରେ ରଖନ୍ତୁ । ତରକାରିରେ ପାଣି କମ୍ ହୋଇଗଲେ ଗରମ ପାଣି ମିଶାଇ କିଛି ସମୟ ଫୁଟାଇ ଗ୍ୟାସ୍ ବନ୍ଦ କରନ୍ତୁ । ଏବେ ଧନିଆ ପତ୍ର ପକାଇ ସର୍ଭ କରନ୍ତୁ । ଏହି ତରକାରୀ ପରଟା, ପୁରି ଓ ଭାତ ସହିତ ମଧ ଖାଇପାରିବେ ।

# କାଗଜକୁ ନେଇ ଗିନିଜ୍

ରେକର୍ଡ ନିଶା କାହାକୁ ଘାରିଲେ ଯେ ଯେଉଁ ବାଟେ ହେଉ ନାଁ କମାଇବା ପାଇଁ ବିଭିନ୍ନ ଅସାଧ୍ୟ କାମ କରିପାରେ । ଯେତେକ ଗିନିଜ୍ ରେକର୍ଡ ହୋଇଛି, ତାହା ମଣିଷର ଏକ ଖିଆଲ ବା ଅଦ୍ଭୂତ ନିଶାକୁ ନେଇ ହିଁ ହୋଇଥାଏ । ପୂର୍ବରୁ ଅନେକ ବିଷୟକୁ ନେଇ ଗିନିଜ୍ ରେକର୍ଡରେ ସ୍ଥାନିତ ହୋଇଥିଲେ ବି କାଗଜକୁ ନେଇ ୧୯ ଅଗଷ୍ଟ ୨୦୦୯ରେ ମାସାକୀ ତାକାହାସୀ ଓ କାଜୁକି ମାଏଦା ନାମକ ଜାପାନର ଦୁଇଜଣ ବ୍ୟକ୍ତି ସାମିଲ ହୋଇଛନ୍ତି । ସେ ନିଜ ହାତରେ ପୃଥିବୀର ସବୁଠାରୁ ଲମ୍ବା କାଗଜ ପ୍ରସ୍ତୁତ କରି ରେକର୍ଡର ଅଧିକାରୀ ହୋଇପାରିଛନ୍ତି ।





# ପଟୁ ମାଟି ଓ ପଟିଆ ଦହଲ

**ପ୍ରତିବର୍ଷ ଆସୁଛି ପାର୍ବଣର ଋତୁ । ହେଲେ ମୂର୍ତ୍ତି ପାଇଁ ନା ଖୋଜା ପଡୁଛି ପଟୁମାଟି, ନା ଯିବାକୁ ପଡୁଛି ପଟିଆ ଦହଲ । ସେଦିନର ପଟିଆ ଦହଲର କଳା ମଚମଚ୍ ମାଟି ଦୀପ ବଦଳରେ ଏବେ ଚାଇନା ଆଲୁଅରେ ଘର ସଜ୍ଜା ହେଉଛି । ଆମ ପିଲାଏ ଚାଇନାର ଚିକ୍‌ମିକ୍ ଆଲୁଅକୁ ଅତି ସହଜରେ ଆବୋରି ନେଉଛନ୍ତି । କାହିଁକିନା ଚାଇନା ଆଲୁଅରେ ନାହିଁ ତେଲ କି ସଳିତା, ଦୀପରେ ଜାଳିବାର ଝିନ୍‌ଝଟ୍ ଅବା ତେଜିବାକୁ ସମୟ ।**

ଆଉ କିଛିଦିନ ପରେ ଦୁର୍ଗାପୂଜା । ପୂଜା ଆଗରୁ ସଜବାଜ । ମୂର୍ତ୍ତି ଗଢ଼ା ପାଇଁ ଆଗୁଆ କାରିଗର ଠିକ୍ କରିବା ଆଉ ମାଟି ଯୋଗାଡ଼ କରିବା । ଅବଶ୍ୟ କାରିଗର ପାଇଁ ବର୍ଷକ ଆଗରୁ ବରାଦ ଦିଆଯାଏ । ନହେଲେ କଦବା କ୍ୱଚିତ୍ ନୂଆ କାରିଗର ଖୋଜା ପଡ଼େ । ବାକି ରହିଲା ମାଟି ଟେନ୍‌ସନ୍ । ମାଟି କୋଉଠୁ ଆସିବ, କୋଉଠୁ ଆସିବ.. ? କେବଳ ଦୁର୍ଗାପୂଜା କାହିଁକି ଗାରେ ଯେତେବେଳେ ଯେଉଁ ମୂର୍ତ୍ତି ପାଇଁ ମାଟି ଦରକାର ପଡ଼େ ସେତେବେଳେ ପଟିଆ ଦହଲ ଯବାକୁ ପଡ଼େ । ଗହୀର ମଝିରେ ଗୋଟାଏ ଗୋଟାଏ ବଡ଼ ପଚପଚିଆ ଜାଗା ହେଉଛି ପଟିଆ ଦହଲ । ପାଞ୍ଚ ସାତଖଣ୍ଡ ଗାଁର ଗହୀରର ମଝି ପଟିଆ ଦହଲ । ପାଖ ଗାଁରେ ଯେତେ ଯେଉଁଠି ମାଟି ହାଣ୍ଡି- ଆଟିକା ଗଢ଼ା ହୁଏ କୁମ୍ଭାର ଘର ଲୋକେ ପଟିଆ ଦହଲରୁ ମାଟି ଆଣନ୍ତି । ଏଠାକାର ମାଟି ହାଣ୍ଡିର ରଙ୍ଗ କଳା କିଟିକିଟି, ବେଶ୍ ମନୋରମ ଦିଶୁଥାଏ । ଆମ ଅଞ୍ଚଳର ମାଟି ସାମଗ୍ରୀ ରାଜ୍ୟ ବାହାରକୁ ଯାଏ । ଗାଁ ଲୋକଙ୍କ ପାଇଁ ପଟିଆ ଦହଲ ଯେତିକି ଭଲ, ସେତିକି ବିପଦ ବି ସାଜୁଥିଲା । ଅନେକ ସମୟରେ ପଟିଆ ଦହଲକୁ ଚରିବାକୁ ଯାଉଥିବା ଗାଈଗୋରୁ କେବେ ଫସିଗଲେ ଆଉ ବାହାରିପାରନ୍ତି ନାହିଁ । ଅବଶ୍ୟ କେବେ ପଟିଆ ଦହଲରେ ଗାଈ ଫସି ପ୍ରାଣହାନି ଆମ ସମୟରେ ହୋଇନି । କିନ୍ତୁ ଅନେକ ଥର ପଟିଆ ଦହଲରେ ଫସିଥିବା ଗାଈଗୋରୁଙ୍କୁ ଉଦ୍ଧାର ପାଇଁ ଗାଁ ଲୋକେ ଯାଆନ୍ତି । ଗାଁରେ ଧାନକଟା ସରିଥାଏ । ଜମି ପଡ଼ିଆ ପଡ଼ିଥିଲା । ମନିଆ ଦାଦାଙ୍କ ଗାଈଟା ଫସିଗଲା ଯେ ଫସିଗଲା । ଦି' ଦିନ ଯାଏ ଗାଁ'ର ଖୋଜ ଖବର ମିଳିଲାନି । ପାଖ ଗାଁଗଣ୍ଡା ଖୋଜି ଖୋଜି ଘର ଲୋକେ ନୟାନ୍ତ ହେଲେ । ଭାବିଲେ କେହି ଚୋର ନେଇ ଯାଇଥିବ । କିନ୍ତୁ କ'ଣ ହେଲା କେଜାଣି କାହ ମୁଣ୍ଡରେ ପଶିଲା ।ଇ ବୋଧେ ପଟିଆ ଦହଲରେ ପଶି ଯାଇଥିବ । ମନିଆ ଦାଦାଙ୍କ ପୁଅ ପଦ ଭାଇ ତାଙ୍କ ହଳିଆକୁ ଧରି ପଟିଆ ଦହଲକୁ ଗଲେ ଆଉ ସତକୁ ସତ ସେଠି ଗାଈକୁ ଦେଖିଲେ । ଯୋତ ଯୋଗାଡ଼ କରି ପଟିଆ ଦହଲରୁ ବିଚରା ଗାଈଟାକୁ ଉଦ୍ଧାର କଲେ । ଗାଈଟି ବିଚରା ଦି' ଦିନ କାଳ ନଖାଇ ନ ପିଇ ଦୁର୍ବଳ ହୋଇଯାଇଥିଲା । ସେଇଠୁ ଘାସ ଆଉ ଯୋଗାଡ଼ କରି ଗାଈକୁ ଦେଲେ । ଗାଈ ଟିକେ ତାଗଡ଼ା ହୋଇ ଉଠିଲା ଆଉ ଧୀରେ ଧୀରେ ଘରକୁ ଫେରିଲା । ଗାଁର କେବେ କାହାର ବି ଗାଈ ଯଦି ହଜିଗଲା ତା' ହେଲେ ପ୍ରଥମେ ପଟିଆ ଦହଲରେ ଖୋଜାପଡ଼େ । ଖାଲି ଗାଈ କାହିଁକି ପଟିଆ ଦହଲରେ ଅନେକ ଥର ହାତୀ ଫସିବାର ନଜିର ରହିଛି । ଗାଁ ଗଣ୍ଡ ଚଉତରାକୁ ଗଲେ ହାତୀ ସବୁ ଛୋଟ ଛୋଟ ହୋଇ ଦେଖାଯାଆନ୍ତି । ଫସଲ ସମୟରେ ଗହୀରକୁ ଆସୁଥିବା ହାତୀପଲ ଭିତରୁ ଥରେ ଗୋଟାଏ ଛୁଆହାତୀ ଫସିଗଲା । ଅନ୍ୟ ହାତୀମାନେ ଏକାଠି ହୋଇ ଶୁଣ୍ଢ ଲଗାଇ ଉଦ୍ଧାର କଲେ । ହାତୀମାନେ ଦଳ ହୋଇ ଗାଁ ଗହୀର ରାସ୍ତା ଦେଇ ଜଙ୍ଗଲକୁ ଗଲେ । ଦୁର୍ଗାପୂଜା ପାଇଁ ମାଟି ଆଣିବାକୁ ପ୍ରତିବର୍ଷ ଆମକୁ ଚାଲି ଚାଲି ପଟିଆ ଦହଲ ପର୍ଯ୍ୟନ୍ତ ଯିବାକୁ ହୁଏ । ସେଥିପାଇଁ ତ ସକାଳୁ ସକାଳୁ ଅଖାମୁଣି ଧରି ବାହାରି ଯାଉଥିଲୁ । ଦହଲରେ କଳା କିଟ୍‌କିଟ୍ ଅଠାଳିଆ ମାଟି । ଭାରି ଓଜନିଆ । ଗାଣ୍ଡୁଆଏ ମାଟି ଟେକିବା ସହଜ ନୁହେଁ । ସାଇକେଲ ଯିବା ତକଲିବ୍ । ତାକୁ ପୁଣି ବସ୍ତାରେ ପୂରେଇ ଏତେ ବାଟ ଆଣିବା କାଠିକର ପାଠ । ତଥାପି ଠାକୁରାଣୀଙ୍କ ନାମରେ ସବୁ ବଳ ସଞ୍ଚୟ କରି ମାଟି ବୋହି ଆଣିବାକୁ ହୁଏ । ଅବଶ୍ୟ ବଡ଼ ସାହସ ଥାଏ । ଏକାଠି ହୋଇ ମାଟି ପାଇଁ ଯିବା ଗୋଟାଏ ନିଆରା ମଜା ଥାଏ । ବେଶ୍ ହସଖୁସିରେ ମାଟି ପାଇଁ ଯିବାର ଗୋଟାଏ ନିଆରା ମଜା ଥାଏ । ବେଶ୍ ହସଖୁସିରେ ମାଟି ବୋହି ବୋହି ଆଣି ପୂଜା ମଣ୍ଡପ ପାଖରେ ଗଦା କରୁ । ମୂର୍ତ୍ତି ହୁଏ ଆଉ ଦୁର୍ଗାପୂଜା ବି ହୁଏ ।



ଏବେ କିନ୍ତୁ ପ୍ରତିବର୍ଷ ଦୁର୍ଗାପୂଜା ଆସୁଛି । ହେଲେ ମୂର୍ତ୍ତି ପାଇଁ ପଟିଆ ଦହଲ ଯିବାକୁ ପଡୁନି । ଗାଁ ଯେବେଠାରୁ ସହରମୁହାଁ ହେଲାଣି ସେବେଠାରୁ ଲୋକଙ୍କ ପାଖରେ ପୁଳା ପୁଳା ପଇସା ବି ହେଲାଣି । ସହଜେ ଗାଁ ଗହୀର ତ ନାହିଁ ପଟୁମାଟି ମିଳିବ କେଉଁଠୁ । ପୂରା ଗହୀରରେ କୋଠାବାଡ଼ି ହୋଇଗଲାଣି । ଗାଁ ଦାଣ୍ଡ ବି କଙ୍କ୍ରିଟ ହୋଇଯାଇଛି । ପିଲାଏ ଗାଁରେ ମୋବାଇଲ ଧରି ମସ୍ତି କରୁଛନ୍ତି ପଛେ ମାଟି ଆଣିବା କଥା ଶୁଣିଲେ ମୁହଁ ବୁଲାଉଛନ୍ତି । କାରିଗରକୁ ପଇସା ଦେଲେ ସିଏ ତା' ମନ ଇଚ୍ଛାରେ ମାଟି ଯୋଗାଡ଼ କରି ମୂର୍ତ୍ତି କରୁଛି । କେବେ କେବେ ବରାଦ ଦେଲେ ସିଏ ବାହାରେ ଛାଞ୍ଚ ପକାଇ ବଡ଼ ବଡ଼ ମୂର୍ତ୍ତି ବି କରୁଛି । ଖାଦଲି ମୂର୍ତ୍ତି କାହିଁକି ପଇସା ଦେଲେ ଟେଣ୍ଟଠାରୁ ଆରମ୍ଭ କରି ଭୋଗରାଗ ସବୁ ଯୋଗାଡ଼ ହୋଇଯାଉଛି । ଗାଁ ଲୋକେ କେବଳ ପୂଜା କରୁଛନ୍ତି । ଆଜିକାଲି ଆଉ ମାଟି ହାଣ୍ଡି କେହି କିଣୁ ନାହାନ୍ତି । ଏମିତି କି କିଛିବର୍ଷ ହେଲା ମାଟିଦୀପ ଥିଲା । କିଛି ନହେଲେ ଦୀପାବଳିକୁ ମାଟିଦୀପ ଖୋଜା ପଡୁଥିଲା । କିନ୍ତୁ ଏବେ ଆଉ ସେତକ ବି ଲୋଡ଼ା ପଡୁନି । ଦୀପ ଭଳି ଦିଶୁଥିବା ଚାଇନା ଆଲୁଅ ସବୁ ଘରେ ଛାତରେ ସଜେଇ ହୋଇ ରହୁଛି । ନା ଅଛି ତେଲ କି ଘିଅ ଖର୍ଚ୍ଚ ନା ଦୀପ ଜାଳିବାର ତେଜିବାର ଝିନ୍‌ଝଟ । ଦୀପ କି ମାଟି ହାଣ୍ଡି ତ ଦରକାର ପଡୁନି ପାଖ ଗାଁର କୁମ୍ଭାରମାନେ ବି ଆଉ ମାଟି ଜିନିଷ ଗଢୁନାହାନ୍ତି । ତାଙ୍କ କୁମ୍ଭାର ଚକ ସବୁ ଭାଙ୍ଗି ଗଲାଣି । କୁମ୍ଭାର ଶାଳରେ ବଡ଼ବଡ଼ କୋଠାଘର ସବୁ ତିଆରି ହେଲାଣି । ଯାହାର ଚକ ସବୁ ଥିଲା ସରକାର ତାକୁ ଚଢ଼ା ଦାମ ଦେଇ ସଂଗ୍ରହାଳୟରେ ରଖିଲେଣି । ଯେଉଁ କୁମ୍ଭାର ଚକ ଦିନେ ଗାଁ ପାଖରେ ମିଳୁଥିଲା ସେସବୁ ଦେଖିବାକୁ ଆମ ପିଲାଙ୍କ ପାଇଁ ସାତସପନ ହେଲାଣି । ପଇସା ଦେଇ ଟିକେଟ କରି ପିଲାମାନେ ଏବେ କୁମ୍ଭାର ଚକ ଦେଖିବାକୁ ଯାଉଛନ୍ତି ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବିଶ୍ୱାସ ହରାଉଛି...

ବୈଶ୍ୱିକ ମହାମାରୀ କୋଭିଡ୍ ପାଇଁ ପୂରାମାତ୍ରାରେ ଦାୟୀ କୁହାଯାଉଥିବା ଚୀନ୍‌ର ଭୂମିକା ନେଇ ଯାବତୀୟ ଅଭିଯୋଗ ଉଠିଲାଣି । ଭୂତାଣୁ ସଂକ୍ରମିତଜନିତ ଜନ ଓ ଧନ କ୍ଷତି ସମସ୍ତଙ୍କ ମନରେ ଚୀନ୍ ଓ ତାହାର ନେତୃତ୍ୱ ପାଇଁ ଘୃଣା ଉପୁଜାଇଥିବା ବେଳେ କେଉଁ କାରଣରୁ ତାହାର ନୀତି ବଦଳୁନାହିଁ, ସେ ନେଇ ଦ୍ୱନ୍ଦ୍ୱ ଲାଗି ରହିବା ସ୍ୱାଭାବିକ୍ । କରୋନା ସଂକ୍ରମଣ ବିଶ୍ୱର ଲକ୍ଷ ଲକ୍ଷ ମୁଣ୍ଡ ନେଇସାରିଲାଣରି । ଆଉ କେତେ କ୍ଷତି କଲେ ଚୀନ୍ ଶାନ୍ତି ହେବ, ତାହା ତାହାର ନେତୃତ୍ୱକୁ ଜଣା । ହୋଇପାରେ ଜୈବିକ ଭୂତାଣୁକୁ ବାହାରକୁ ଛାଡ଼ିଦେବା ପରେ ତାହା ଉପରେ କାହାରି କଟକଣା କାମ କରୁନାହିଁ । ଏମିତିରେ ଭୂତାଣରୁ ଭୟରୁ ଚୀନ୍ ମଧ ରକ୍ଷାପାଇଯିବ ବୋଲି କେହି ବିଚାରିବା ଠିକ୍ ନୁହେଁ । ମାତ୍ର ଯେଉଁ କାରଣରୁ ଚୀନ୍ ତାହାର ପୁରୁଣା ଖୋଇ ଛାଡୁନାହିଁ; ତାହା ବିଶ୍ୱବାସୀଙ୍କୁ ଜଣା । ଯୁଦ୍ଧଖୋର ଚୀନ୍ ନିକଟ ପ୍ରତିବେଶୀ ଭାରତ ସହ ବୈରତାକୁ ଜିଆଇ ରଖିବା ପାଇଁ ଯେକୌଣସି ସ୍ତରକୁ ଚାଲିଯାଇପାରେ । ତାହାର ନଗଦ ପ୍ରମାଣ ମିଳିଯାଇଛି ଲଦାଖ ଓ ଗଲ୍‌ୱାନ୍ ସେକ୍ଟରରେ ସେନା ଠୁଳ କରାଯିବା ଘଟଣାରୁ । ଏକାଧିକବାର ସାମରିକ ଅଧିକାରୀସ୍ତରୀୟ ବୈଠକରେ ସହମତି ସତ୍ତ୍ୱେ ପାଳନ ତଥା କାର୍ଯ୍ୟକାରିତା ଫଳ ଶୂନ୍ । ଏହା ସ୍ପଷ୍ଟ ସୂଚାଉଛି କି, କଥା ପ୍ରକାରେ ଓ କାର୍ଯ୍ୟ ପ୍ରକାରେ ନୀତି ହେଉଛି ଚୀନ୍ ନୀତି ।

ସୀମାନ୍ତରେ ନୈନ୍ୟ ଠୁଳ ହେଉ କି ଘନ ଘନ ଆମ ଦେଶର ସୈନ୍ୟଙ୍କ ସହ ସଂଘର୍ଷ ହେଉ, ଚୀନ୍ ପଛରେ ବିଶ୍ୱର ଅନ୍ୟ କୌଣସି ଦେଶ ବା ଶକ୍ତିର ସମର୍ଥନ ନାହିଁ । କେବଳ ସେତିକି ନୁହେଁ ଗୋଟି ଗୋଟି କରି ଦେଶ ସହ ଶତ୍ରୁତା ଆଚରଣ ଚୀନ୍‌ର ସାମ୍ପ୍ରତିକ ନେତୃତ୍ୱର ଅସ୍ଥିମଜ୍ଜାଗତ ନୀତି ପାଲଟି ସାରିଛି । ତାହା ଅଷ୍ଟ୍ରେଲିଆ କିମ୍ବା ଆମେରିକା ସହ ବାଣିଜ୍ୟ ଯୁଦ୍ଧ ହେଉ କି ଜାପାନ ସହ ସୀମା ବିବାଦ, ଜର୍ମାନୀ ସହ ମତଭେଦ କିମ୍ବା ଭାରତ ସହ ସାମରିକ ମତାନ୍ତର; ସବୁ କ୍ଷେତ୍ରରେ ଚୀନ୍‌ର ବିବଦମାନ ଭୂମିକା ହୋଇସାରିଛି । ତେଣୁ ନିକଟରେ ଅଷ୍ଟ୍ରେଲିଆ, ଜାପାନ, ଭାରତ ଓ ଆମେରିକା ଭଳି ରାଷ୍ଟ୍ର ଚତୁଷ୍କୋଣୀ ଚଢ଼ଉ କରିବା ସକାଶେ ଏକାଠି ହେଉଥିବାରୁ ସୂଚିତ ହୋଇଛି । ଆମ ବିଦେଶ ମନ୍ତ୍ରୀ ଏସ୍.ଜୟଶଙ୍କର ଇତିମଧ୍ୟରେ ମାର୍କିନ୍ ପରରାଷ୍ଟ୍ର ସଚିବ ପମ୍ପିଓଙ୍କୁ ଭେଟି ସର୍ବଶେଷ ସ୍ଥିତି ନେଇ ବିଚାରବିମର୍ଶ କରିଛନ୍ତି । ଦକ୍ଷିଣ ଚୀନ୍ ସାଗରର ସର୍ବଶେଷ ସ୍ଥିତି ନେଇ ଆମେରିକା ଚୀନ୍ ଉପରେ ଖପ୍ପା ହୋଇ ରହିଛି । ଉକ୍ତ ଜଳରାଶିରେ ଆମେରିକା ତାହାର ସମରାଭ୍ୟାସ ବଢ଼ାଇବାରୁ ଚୀନ୍ ସହ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇସାରିଲାଣି । ଚୀନ୍ ଏବେ ଉପଗ୍ରହ ରାଷ୍ଟ୍ରଭାବେ ବିବେଚନା କରୁଥିବା ନେପାଳକୁ ଭାରତବିରୋଧୀ କାର୍ଯ୍ୟକଳାପ ପାଇଁ ଭିଡ଼େଇ ଦେଇଛି । ନେପାଳ ନିକଟରେ ଯେଉଁ ନୂତନ ରାଜନୈତିକ ମାନଚିତ୍ର ଜାରି କରି ସଂସଦୀୟ ଅନୁମୋଦନ ନେଇସାରିଛି, ସେଥିରେ ଭାରତୀୟ ଇଲାକାକୁ ତାହାର ବୋଲି ଦର୍ଶାଯିବା ପଛରେ ବେଜିଂର ପ୍ରତ୍ୟକ୍ଷ ହାତ ରହିଛି । ତାହା ସହିତ ଅରୁଣାଚଳ ପ୍ରଦେଶକୁ ଦକ୍ଷିଣ ତିବ୍ବତର ଅଂଶ ବୋଲି ଦର୍ଶାଇବାକୁ ପଛାଇନାହିଁ । ପାକିସ୍ତାନକୁ ଭାରତବିରୋଧୀ ଷଡ଼ଯନ୍ତ୍ରରେ ନିଜପଟକୁ ଢଳାଇ ନେଇଥିବା ଚୀନ୍‌ର ମତିଗତି ନେଇ କେବଳ ଦକ୍ଷିଣ ଏସିଆରେ ନୁହେଁ, ବିଶ୍ୱବ୍ୟାପୀ ଘୃଣାଭାବ ଉଦ୍ରେକ ହୋଇଛି । ଚୀନ୍ ଚାହୁଁଛି ତାହାର ମନମଉଜିରେ ସମସ୍ତଙ୍କୁ ନଚାଇ ପାରିବ । ହେଲେ ତାହାର କାରନାମାର କୁପରିଣତି ତାକୁ ହିଁ ଭୋଗିବାକୁ ପଡ଼ିପାରେ, ଚୀନ୍ ନେତୃତ୍ୱ ତାହା ଜାଣି, ନଜାଣିଲା ପରି ହେଉଛି । ଭାରତ ତଥା ଉପମହାଦେଶରେ ବିଭିନ୍ନ ରାଷ୍ଟ୍ରଗୁଡ଼ିକୁ ଅଙ୍ଗୁଳି ଆଗରେ ନଚାଇବା ପାଇଁ ଚୀନ୍‌ର ଅପଚେଷ୍ଟାର ଯେ ନିଶ୍ଚିତ ଅନ୍ତ ଘଟିବ; ତାହା ବେଶି ଦୂର ନାହିଁ । ମାତ୍ର ସବୁ କିଛି ନିର୍ଭର କରୁଛି ସମୟ ଉପରେ । ସମୟ ହିଁ ବିଷମ ସ୍ଥିତିର ଠିକ୍ ଆକଳନ କରିବ ।

## ରାଶି ସରହଦରେ ଅକ୍ଷର ଗୋପନ

ଉତ୍କଳାନନ୍ଦ ଅଜୟ କୁମାର ବେହେରା



ବାରଗୋଟି ରାଶି, ଯାହା ଜ୍ୟୋତିଷ ଶାସ୍ତ୍ରର ଏକ କଳାପଟା ସଦୃଶ। ଏକ ରାଶି ୩୦୦ ଓ ୧ରାଶି ୩୬୦୦ର ଦୈର୍ଘ୍ୟ ବା ଦ୍ରାଘିମା ଥିବାରୁ ଏହା ଏକ ବୃତ୍ତରେ ଆସୁଛନ୍ତି। ଯଦି ୯ଗଅହର ବିବରଣୀ ଜଣାଯିବ ତେବେ ପ୍ରକୃତରେ ସବୁଗ୍ରହର ଆବର୍ତ୍ତନ ପାଇଁ ୧/୧ ବୃତ୍ତ ଏମିତି ୯ଟି ଗ୍ରହର ଗତି ଚିହ୍ନିତ ବୃତ୍ତ ହେବ, ଏହାବାଦ୍ ଯେଉଁ ଲଗ୍ନ ଅବତାରଣାର ପୃଥିବୀର ଆହ୍ନିକ ଗତି ସଂଶ୍ଲିଷ୍ଟ ତାର ଚିହ୍ନଟ ପାଇଁ ପୁନଃ ୧୨ଟି ଘର ଓ ଅନ୍ୟ ଏକ ବୃତ୍ତ ହେବ। ସବୁ ଚନ୍ଦ୍ର ମିଶି ୧୦ ଚନ୍ଦ୍ର, ମାତ୍ର ଏହାକୁ ମାତ୍ର ୧ ଚକ୍ରରେ ଚିହ୍ନଟ ରଖି ତହିଁରୁ ବିଭିନ୍ନ ରାଶି ଭାବ ଗ୍ରହାଦି ବିଭିନ୍ନ କୌଣିକ ସମ୍ବନ୍ଧରୁ କଣ କଣ ସୂଚନା ମିଳିପାରେ ତାହା ଜ୍ୟୋତିଷୀମାନେ ତାଙ୍କ ପାରମ୍ପରିକ ଶାସ୍ତ୍ରଜ୍ଞାନକୁ ନେଇ ତତ୍‌କାଳ ପରିସ୍ଥିତି ଦୃଷ୍ଟେ ଭବିଷ୍ୟତବାଣୀ କରୁଛନ୍ତି।

୧୨ଟି ଚକ୍ରର ଅର ସଦୃଶ ଗ୍ରହମାନେ ସାଧାରଣ ତ ୨ପ୍ରକାର ଗତିରେ ରହିଥାନ୍ତି। ମେଷରୁ ବୃଷ ଦେଇ ମୀନ ଆଡ଼କୁ ଓ ମେଷରୁ ମୀନ ଦେଇ ବୃଷ ଉପର ଟପି ପୁଣି ମେଷ ଆଡ଼କୁ ଆସିବା ୨ ପ୍ରକାର ଗତି। ଘଣ୍ଟାର ବିପରୀତ ଦିଗ କଣ୍ଟା ଚାଳନାରେ ରବି, ଚନ୍ଦ୍ର, ମଙ୍ଗଳ, ବୁଧ, ଗୁରୁ, ଶୁକ୍ର, ଶନି, ମାର୍ଗୀ ରହିବା ବେଳେ ଓ ଘଣ୍ଟାର କଣ୍ଟା ଗତି ଦିଗରେ ବକ୍ରୀଗ୍ରହ ମାନେ ଗତି କରନ୍ତି। ନିତ୍ୟ ବକ୍ରୀରେ ରାହୁ କେତୁ ଥିଲାବେଳେ ରବି, ଚନ୍ଦ୍ର କେବେ ବକ୍ରୀ ନୁହଁନ୍ତି ଓ ମଙ୍ଗଳ, ବୁଧ, ବୃହସ୍ପତି, ଶୁକ୍ର ଓ ଶନି ସାମୟିକ ଗଣିତ ଦୃଷ୍ଟେ ବକ୍ରୀ ହୋଇଥାନ୍ତି। ସ୍ୱାଭାବିକ ବକ୍ରୀ ଗ୍ରହ ରାହୁ ଠାରୁ ସର୍ବଦା ୧୮୦୦ ବା ୬ରାଶି ଦୂରରେ କେତୁଙ୍କ ଅବସ୍ଥାନ ରହେ। ଏଇ ରାହୁ ଏକ ଆକ୍ରମଣକାରୀ ଗ୍ରହ ଯେ, ରବି, ଚନ୍ଦ୍ରଙ୍କ ଆଲୋକ ପ୍ରଦାନ କ୍ଷମତାକୁ ଅନ୍ଧାର କୁହେଳି କରାଇବା ପାଇଁ ଚେଷ୍ଟିତ ଫଳରେ ସ୍ୱଭାବିକ ପରିସ୍ଥିତିକୁଚ ଅସ୍ୱାଭାବିକ କରାଇ ପାରନ୍ତି। ଜଟିଳ ପରିସ୍ଥିତି, ଏକ ସ୍ଥାୟୀ ନିର୍ମାଣ ସ୍ଥାୟୀ ସମ୍ବନ୍ଧ ସ୍ଥାୟୀ ରାଜକୁ ଭାଙ୍ଗିବାରେ ବ୍ରତୀ ହୁଅନ୍ତି। ନାମାକ୍ଷର ସହିତ ରାଶି ମାନଙ୍କର ସମ୍ବନ୍ଧ ଅଛି। ଏଇ ନାମାକ୍ଷର ମୂଳ ଦେବନାଗରୀ ସଂସ୍କୃତ ଲିପି ଥିଲେ ବି ଅନେକ ଭାଷାରେ ଏହାର ଉଚ୍ଚାରଣ ସମାନ ରଖି ଅକ୍ଷରରେ ଅଲଗା ପ୍ରକାରରେ ଲେଖା ରହିପାରେ।

ମେଷ ରାଶି ଅଧିନ - ଅଲ,
ବୃଷ ରାଶି ଅଧିନ - ଉବ,
ମିଥୁନ ରାଶି ଅଧିନ -କଛ,
କର୍କଟ ରାଶି ଅଧିନ - ଡହ,
ସିଂହ ରାଶି ଅଧିନ - ମଟ,
କନ୍ୟା ରାଶି ଅଧିନ - ପଠ,
ତୁଳା ରାଶି ଅଧିନ - ରତ,
ବିଛା ରାଶି ଅଧିନ - ନଯ,
ଧନୁ ରାଶି ଅଧିନ - ଧଭ,
ମକର ରାଶି ଅଧିନ - ଖଜ,
କୁମ୍ଭ ରାଶି ଅଧିନ - ଗଣ,
ମୀନ ରାଶି ଅଧିନ - ଦଚ।

ଯେତେବେଳେ ଗ୍ରହମାନେ ଏହି ଏହି ରାଶି ଉପରେ ଦେଇ ଗତି କରନ୍ତି ସେତେବେଳେ ତତ୍‌କାଳ ଏହି ନାମ ସମ୍ବନ୍ଧ ସ୍ଥୁଳ ନାମ ଦ୍ରବ୍ୟ ଉପରେ ବିଶେଷ ପ୍ରଭାବ ପକାନ୍ତି। ରାହୁ ଏପରି ଚାଲି ଆସି ରାଶିସ୍ଥିତିରେ ରହିଲେ ସେମିତି ଅପରିଚିତ ମୁଖ୍ୟକୁ ପ୍ରଖ୍ୟାତ କରିପାରନ୍ତି ପୁଣି ସ୍ଥୁଳ ବିଶେଷରେ କୁଖ୍ୟାତ କରିପାରନ୍ତି। ଆମର ଓଡ଼ିଶାରେ 'କ' ଇଂରାଜୀରେ 'କ' ସମ୍ବନ୍ଧ ଲେଖାଗଲେ ବି ଜଟିଳ ଲେଖାଗଲା ବେଳକୁ 'ଉ' ସମ୍ବନ୍ଧ ହେଉଛି। କୋରାନ ଲେଖାଗଲା ବେଳକୁ 'ଛ' ସମ୍ବନ୍ଧ ଆସୁଛି। ଏମିତି ରାଜାଜ୍ଞା କିପରି ବ୍ୟାଙ୍କରେ ହଜାର ଟଙ୍କା ୫୦୦ଟଙ୍କା ନୋଟ ପାଇଁ ଲୋକ ବିକଳ ହୋଇଛନ୍ତି। ମିଥୁନ ରାଶି ଏକ ଦ୍ୱୈତ ସମ୍ବନ୍ଧ ରାଶି ସମ୍ପୂର୍ଣ୍ଣ ମାନବୀୟ ଗୁଣ ସମ୍ପନ୍ନ ବିବାହ ବେଦୀରେ ବରକନ୍ୟାଙ୍କର ପାଣିଗ୍ରହଣ କାର୍ଯ୍ୟ ଏଥିରୁ ବିଚାର ଧରାଯାଏ ସହମତିରେ ପୁରୁଷ ସ୍ତ୍ରୀଙ୍କର ପରସ୍ପର ମିଳନ ଏହାକୁ ଅଗ୍ନୀ, ବ୍ରାହ୍ମଣ ନିଜ ପକ୍ଷର ପିତାମାତା ବନ୍ଧୁ ବାନ୍ଧବ ପରିବର୍ତ୍ତେ ତତ୍‌କାଳ ସଂଦର୍ଶନ କରିଥିଲେ ପର ସମୟରେ ଏମାନେ ସାମାଜିକ ବନ୍ଧନରେ ଥିବାରୁ କେହି ସନ୍ଦେହ ଚକ୍ଷୁ ବା ଘୃଣା ଚକ୍ଷୁରେ ଦେଖନ୍ତି ନାହିଁ। ମାତ୍ର ଏକ ଦୁଷ୍କର୍ମରେ ଏକ ନାରୀ ଅପହରଣ କରାଗଲେ ତାର ସମାଜ ନ୍ୟାୟରେ ଦୋଷୀ ହେବାକୁ ହୁଏ। ଦୁର୍ଦ୍ଦାନ୍ତ ରାହୁ ପ୍ରବଳ ଆକାଙ୍କ୍ଷାକ୍ଷୀ ଗ୍ରହ ସେ ଦୁଷର୍ମ ସୃଷ୍ଟି କରିବା ପାଇଁ ଦୁଇ ସାହାସ ଦିଏ। ଏମିତି ମିଥୁନସ୍ଥ ରାହୁ ବେଳେ ଭାରତର ନ୍ୟାୟାଳୟ ଚାରି ଜଣ ଦୁଷର୍ମକାରୀଙ୍କୁ ଫାଶି ଦେଲେ। ଚାରି ସଂଖ୍ୟାର ମାଲିକ ରାହୁ ସଂଖ୍ୟା ଜ୍ୟୋତିଷରେ ଧରାଯାଏ। ଏମିତି ଦ୍ରବ୍ୟରେ ହସ୍ତ ମାର୍ଜନା ସମସ୍ତଙ୍କୁ କରିବାକୁ ପଡୁଛି। ଏ ମଧ୍ୟରେ ଗୃହବନ୍ଦୀ ଯୋଗୁ ଘରେ କଳିତର୍କ ଅର୍ଥ ଅବରଦ୍ଧି ବୃତ୍ତିନାଶ। ସବୁ ଏହି ଗ୍ରହଙ୍କ ଲୀଳା। ବିଛା ରାଶିରେ ନ ଓ ଯ ଅକ୍ଷର ଅଛି। ଆମ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ନାମର ଆଦ୍ୟାକ୍ଷର ପ୍ରଧାନମନ୍ତ୍ରୀଙ୍କ 'ନ' ଅକ୍ଷର ଏ ଅକ୍ଷର ଉପରେ କେତୁ ଗତି କରିବା ଦ୍ୱାରା ଏଇ ପ୍ରଖ୍ୟାତ ଦୁଇ ବ୍ୟକ୍ତିଙ୍କର କୌଣସି କ୍ଷତି ଆଶଙ୍କା ହେଉଛି। ବିଛା ବିଷରାଶି ଏରେ ଗୁପ୍ତଘାତକ କେତୁ ରହିଲେ ବଳବାନ ରହନ୍ତି ଅତଏବ ମହାବିଷ ଔଷଧ ଆକାରରେ ଆସିବା ସମ୍ଭାବନା ରହିଛି। ଯେ ଛୁଞ୍ଚିଫୋଡ଼ରେ ଶରୀର ପ୍ରବେଶରେ ରୋଗ ଆରୋଗ୍ୟ କରିପାରେ। ଯେ କୌଣସି ଜ୍ୟୋତିଷୀଙ୍କୁ ବହୁ ତଥ୍ୟ ଆବଶ୍ୟକ ଇତିହାସ ଭୂଗୋଳ ପ୍ରକୃତିପାଠ ବହୁ ଗୁରୁତ୍ୱପୂର୍ଣ୍ଣ ତାରିଖ ଦରକାର ପଡ଼େ। ମାତ୍ର ସରକାର ଜ୍ୟୋତିଷୀଙ୍କ ପାଇଁ କିଛି ବ୍ୟବସ୍ଥା ପୁସ୍ତକାଳୟ ନଥିଘର ରଖିନାହାଁନ୍ତି। କାହାକୁ ତଥ୍ୟ ମାଗିବାରେ ଯେଉଁ ସମୟ ଓ ଅର୍ଥ ଆବଶ୍ୟକ ତାହା କୌଣସି ଗବେଷକ ଜ୍ୟୋତିଷୀ ପାଖରେ ଅଭବା। ନଟନଟୀ ଏଇ ମିଥୁନ ରାଶିରୁ ବିଚାର ଅବିଶ୍ୱାସ ରାହୁ ସୃଷ୍ଟି କରି ବୃଷ ରାଶିକୁ ପାଦ ବଢ଼ାଇଲେଣି। ଯେଉଁ ଘରର ମାଲିକ (-) ରାଶିର ଶୁକ୍ର ଏଠାରେ ଏକ ନାରୀ ବିପ୍ଲବ ଆସୁଛି। ଯାହାଙ୍କ ପାଇଁ 'ବ' ଅକ୍ଷର ଦିଗଦର୍ଶନ କରୁଛି। 'ବ' ଦୁଇଟି ବର୍ଗ 'ବ' ଓ ଅବର୍ଗ 'ବଂ' ଈଇ, ଠଇ, ଡଇ ରେ 'ବ' ଉଚ୍ଚାରଣ ହୁଏ ଚିହ୍ନଟ ହୁଏ। ପୃଥିବୀର ଇଂରାଜୀ ଡଙ୍କଖଉ ହେବାରୁ ପୃଥିବୀରେ ଏକ ବିଶେଷ ପରିଦର୍ଶନ ସମୟ, ବ୍ରାହ୍ମଣ ଦେବ ଉପସାକ ସେବକଙ୍କ ଏକ ବିଦ୍ରୋହ ଆସିବା ସମୟ। ନଟନଟୀ ବୃତ୍ତି ରାହୁ ଶେଷ କରିଛି। ବୃଷ ରାଶିକୁ ଆସିଲେ ଏ ବୃତ୍ତିର ଭିନ୍ନ ଦିଗ ମୋଡ଼ ନେଇଚାଲିବ। ଶିକ୍ଷାୟତନ ଓ ଛାତ୍ରଛାତ୍ରୀ ମଧ୍ୟରେ ରାହୁ କେତୁ ଛେଦ କରିଥିଲେ ତାହା ପୁନଃ ସ୍ଥାପିତ ହେବ। ହେଲେ ବିଦ୍ୟାବାନ ପ୍ରକ୍ରିୟା ଏକ ନୂଆ ପ୍ରକାର ହେବ। 'ଉତ୍ତର' ପାଇଁ ପ୍ରଶ୍ନ କେମିତି କରାଯିବ ଏହାର ପରିକଳ୍ପନା କରାଯିବ। ବିଲରେ ଲୋକ ସମାଗମ ବିଳାସମୟ ବରାଯାତ୍ରୀ ଯାତ୍ରା ଉପରେ ଅନେକ ଭୋକ ଲାଗିବ। ଶୁକ୍ର ରାକ୍ଷସ ଗୁରୁ ଯୋଗୁ ବିଜ୍ଞାନର ନୂଆ ଉଦ୍ଭାବନ ନୂଆ କୌଶଳରେ ବ୍ୟକ୍ତିମାନେ ଅର୍ଥଅଭାବ ସୁଧାର ପାଇଁ ଚେଷ୍ଟିତ ହେବେ। ସବୁ ସ୍ତରେ ପ୍ରତିକାର ଅଛି। ଏବେ ରାଜ କାନୁନ ଏପରି ଶାସନର କାନୁନକୁ ଡରି କେହି ପ୍ରତିକାର ନାମ ଧରୁନାହାଁନ୍ତି। ଦେବ ଦର୍ଶନ ସମ୍ପୂର୍ଣ୍ଣ ମନା ପ୍ରଶାସନ ଧାରାରେ ପ୍ରଥମେ ରାଜା, ତାପରେ ମନ୍ତ୍ରୀ ସେବକ ତାପରେ ପୁରୋହିତ ମାତ୍ର ଏମିତି ଅବସ୍ଥା ଉପୁଜିବ ପୁରୋହିତ ଅଣଦେଖା ତେବେ ଆଗାମୀ ସମୟ ୨୦୨୨କୁ ଏପରି ସମୟ ନଥିବ।

ସମ୍ପାଦକ 'ବରେଣ୍ୟବାଣୀ'

+ ଅରୁଣଦୋୟ ନଗର, କଟକ,
ଦୂରଭାଷ : ୯୪୩୭୦୩୧୨୫୩

## ହାତରସ କାଣ୍ଡ ଓ ବୈଦ୍ୟୁତିକ ଗଣମାଧ୍ୟମ

ଇଂ. ବିଦ୍ୟାଧର ପଣ୍ଡା



(ପୂର୍ବ ପ୍ରକାଶିତ ଉତ୍ତାରୁ...) ଏତିକି ବେଳକୁ ସାଂସଦ ସୁବ୍ରମନିୟମ୍ ସ୍ୱାମୀଙ୍କ ବୟାନ ଦେଇ କହିଲେ ଯେ ତାଙ୍କୁ ବି ଲାଗୁଛି ଯେ ସୁଶାନ୍ତର ହତ୍ୟା ହୋଇଛି। ବିଗତ ଦିନରେ ସୁବ୍ରମନିୟମ ସ୍ୱାମୀ ଯାହା କହିଛନ୍ତି ସେୟା ହୋଇଛି। କହିଥିଲେ ଶ୍ରୀଦେବୀଙ୍କ ହତ୍ୟା କଥା ଯାହା ପ୍ରାମାଣିତ ହେଲା। ହତ୍ୟାକାରୀ ଧରା ପଡିବା ନପଡିବା ଅଲଗା କଥା।

କିନ୍ତୁ ସୁଶାନ୍ତ ଘଟଣାରେ ଲୋକମାନେ ଯେତେବେଳେ ଶୁଣିଲେ କେସ୍ ସିବିଆଇକୁ ତଦନ୍ତ କରିବା ଲାଗି ହସ୍ତାନ୍ତର ହୋଇଗଲା, ବିହାରରେ ମିଠାଇ ବାଂଟିଲେ। ଦିଲ୍ଲୀରେ ସୁଶାନ୍ତର ହତ୍ୟାକାରୀକୁ ଫାଶି ହୋଇଗଲା ପରି ବାଜାବଜେଇ ଭାଲୁ ନାଚ ନାଚିଲେ। କିନ୍ତୁ ସେମାନେ ଭୁଲିଗଲେ ଯେ ସିବିଆଇ ଏମିତି ଅନେକ କେସ୍‌କୁ ତଦନ୍ତ କରିବାକୁ ହାତକୁ ନେଇଛି। ଆମ ଭାରତ ଏକ ଅନୋଖା ଦେଶ, ଯେଉଁଠି ଦୋଷୀଟିଏ ଦଣ୍ଡପାଇବା ବଡ କଷ୍ଟ। ଆଜି ପର୍ଯ୍ୟନ୍ତ ସିବିଆଇ ତଦନ୍ତ କରିଥିବା କେସ୍ ଗୁଡିକରେ କେବଳ ମାତ୍ର ସତେଇଶ ପ୍ରତିଶତ ସମାଧାନ ଆସିଛି ଯେଉଁଥିରେ ଦୋଷୀକୁ ସଜା ହୋଇ ପାରିଛି, ବାକି ତେସ୍ତରି ପ୍ରତିଶତ ନିର୍ଦ୍ଦୋଷରେ ଖଲାସ। ସଲମାନ୍ ଖାଁଙ୍କର ହିଟ୍ ଆଣ୍ଡ ରନ୍ କେସ୍‌ରେ ତିନିବର୍ଷ ଲାଗିଗଲା କେବଳ ମାତ୍ର ଏତିକି ଜାଣିବା ପାଇଁ ଯେ ସେ ଗାଡି ସଲମାନ୍ ଖାଁ ଚଳାଉ ନଥିଲେ, ତା'ଙ୍କ ଡ୍ରାଇଭର ଚଳାଉଥିଲେ। ଆମ ଓଡିଶାରେ ସେମିତି ଗଣ୍ଡାଗଣ୍ଡା କେସ୍ ସିବିଆଇ ହାତକୁ ଯାଇ ଫୁରୁସି ଗଲା, ଏବେ ବି କିଛି ଥଣ୍ଡାବସ୍ତାରେ ପଶିକି ଅଛି। ପୁଣି ନିର୍ବାଚନ ଆସିଲେ ମୁଣି ଖୋଲିବେ। କିନ୍ତୁ ଲୋକେ ସବୁ ଜ୍ଞାତ ହେଲେଣି, ସବୁ ବୁଝୁଛନ୍ତି।

ହାତରସ ଘଟଣାରେ ବଳାତ୍କାର ହେଉ କି ନହେଉ ରାଜନେତାଙ୍କ ବୟାନ ବାଜି କୁ ବାଦ ଦେଲେ ଏକ ନିରୀହ ଯୁବା ମହିଳାର ହତ୍ୟା ହେବା କଥା ତ କେହି ଅସ୍ୱୀକାର କରିପାରିବେନି। ଗୃହ ମନ୍ତ୍ରାଳୟର ୧୯୯୪ମସିହାର ରିପୋର୍ଟ ଅନୁସାରେ ପ୍ରତି ୫୧ମିନିଟରେ ଜଣେ ମହିଳାର ଯୌନ ଶୋଷଣ ହେଉଥିଲା, ପ୍ରତି ୫୪ମିନଟରେ ଏକ ମହିଳାର ବଳାତ୍କାର ହେଉଥିଲା ଏବଂ ପ୍ରତି ୧୦୪ମିନିଟରେ ଭାରତରେ ଜଣେ ମହିଳାଙ୍କୁ ଯୌତୁକ ପାଇଁ ମାରି ଦିଆଯାଉଥିଲା। ଏ ସଂଖ୍ୟା ଯଦିଓ କିଛି ମାତ୍ରାରେ କମିଛି ତଥାପି ଆଖିଦୃଷ୍ଟିଆ ଭାବରେ କମିନାହିଁ। ବରଂ ମହିଳାଙ୍କ ଉପରେ ଅତ୍ୟାଚାରରେ ବର୍ଷକୁ ବର୍ଷ ପାଂଚ ଛଅ ପ୍ରତିଶତ ବଢିବାରେ ଲାଗିଛି। ୨୦୧୯ମସିହା ରେକର୍ଡକୁ ବିଶ୍ଳେଷଣ କଲେ ଜଣାଯାଏ ପ୍ରତି ଦିନ ୮୭ଜଣ ମହିଳାଙ୍କର ବଳାତ୍କାର ହୋଇଛି। ଏ ସବୁ ତ ସରକାରୀ ସଂଖ୍ୟା, ପ୍ରକୃତ ସଂଖ୍ୟା ଏହାଠାରୁ ଢେର ଅଧିକା ନିଶ୍ଚିତ ଥିବ। ଲଜ୍ଜା ସରମ କାରଣରୁ ଅନେକ ଥାନାକୁ ଆସିବାକୁ ଡରୁଥିବେ। କଥା କଥାକେ ଆମେ କହୁଛେ ଆଜିକାଲି ପୁଅଝିଅ ଭିତରେ କିଛି ଫରକ ନାହିଁ। କିନ୍ତୁ ବାସ୍ତବରେ କଣ ସେୟା! ମୋର କେଉଁ ଏକ ସିନେମା କଥା ମନେ ପଡୁଛି ଯେଉଁଥିରେ ବିବାହର କିଛି ଦିନ ପରେ ଶାଶୂଘର ଲୋକେ ଜାଣିବାକୁ ପାଇଲେ ଯେ ତା'ଙ୍କ ବୋହୂକୁ କିଏଜଣେ କେତେବର୍ଷ ତଳେ ବଳତ୍କାର କରିଥିଲା ଏବଂ ସିଏ ତା ବରୁଦ୍ଧରେ ଥାନାରେ ଅଭିଯୋଗ କରି ମକଦ୍ଦମା ଦାୟେର କରିଥିଲେ। ସେହିଦିନ ଶାଶୂ ସମୂଦୁଣିକୁ ଡାକି ବୋହୂକୁ ତା'ଙ୍କ ଘରୁ ନେଇଯିବାକୁ କହି କହିଲେ, 'ବୋହୂଟା ଅଇଁଠା ହୋଇଯାଇଛି। ଗୋଟିଏ ପାତ୍ରରେ ଜଣେ ଖାଇସାରିଲା ପରେ ଆଉଜଣେ କେମିତି ଖାଇବ? ଏ'ପର୍ଯ୍ୟନ୍ତ ମୋ ପୁଅ କାହାର ନାହିଁ କାହାର ଅଇଁଠା ପତ୍ରରେ ଖାଉଥିଲା, ଆମେ କେହି ଜାଣି ପାରିଲୁନି। ମାସ ଗୋଟାକରେ ଅନ୍ୟଜାଗାରେ ବାହା କରିବି।' ସେହି ଏକା କଥା ଯଦି ପୁଅ ସାଙ୍ଗରେ ହୁଏ! ଅନେକ ପୁଅ ବିବାହ ପୂର୍ବରୁ ଅନେକ ଝିଅଙ୍କ ସହ ଯୌନ ସମ୍ପର୍କ ରଖିଥାନ୍ତି, କିନ୍ତୁ ପୁଅ ତ ପିତ୍ତଳ ମାଠିଆ। ମାଜିମୁଜି ଦେଲେ ଯୋଉ ଚିକ୍କଣ କୁ ସେହି ଚିକ୍କଣ। ଝିଅ ମାଟିପାତ୍ର, ଭାଙ୍ଗିଗଲେ ଖପରା। ଆଉ ଯୋଡିହେବନି। ଏ ଆଧୁନିକ ଭାରତୀୟ ସମାଜର ମଧ ଏହି ମାନସିକତା। ମହିଳାଙ୍କୁ ସୁରକ୍ଷା ଦେବାକୁ ଆମ ଦେଶରେ ଅନେକ କାନୁନ ଅଛି। କିନ୍ତୁ କୌଣସି ଗୋଟିଏ ଭଲ ଭାବରେ କାର୍ଯ୍ୟକାରୀ ହେଉନାହିଁ। ଆମର ଦୁର୍ଭାଗ୍ୟ ହେଲା ଅଂଗ୍ରେଜ ଲୋକ ଆମପାଇଁ ଯେଉଁ କାନୁନ ୧୮୬୦ ମସିହାରେ ତିଆରି କରିଥିଲେ ତା'କୁ ୧୯୭୮ରେ ଆମେ ବଦଳେଇଲେ। ଶହେ ବର୍ଷ ଉପରେ ସେହି କାନୁନ ସାହାଯ୍ୟରେ ଦେଶକୁ ପେଲିନେଲେ। ଏମିତି ଅନେକ ପୁରୁଣା ନିୟମ ଏହି ଦୁଇଦଶନ୍ଧି ଭିତରେ ନବ କଳେବର ହେବାର ଦେଖା ଦେଉଛି ଯାହା କି ବହୁ ମାତ୍ରାରେ ତୃଟିପୂର୍ଣ୍ଣ ଥିଲା। ଆଶା କରାଯାଏ ଯେ ଆଗକୁ ଏକ ଦଶନ୍ଧି ଭିତରେ ସବୁ ନିୟମାବଳୀର ସଂଶୋଧନ ହେଲେ ଅପରାଧ ମାତ୍ରା କମିବ କି ନାହିଁ ସମୟ କହିବ। ହେଲେ ବୈଦୁତିକ ଗଣମାଧ୍ୟମ ଗୁଡିକର ପ୍ରଚ୍ଚର ପ୍ରସାର ଢଙ୍ଗରଙ୍ଗ ନ ବଦଳିଲେ ସମାଜର ଅପର୍ଯ୍ୟାପ୍ତ କ୍ଷତି ହେବ। କିଛି ରାଜନେତାମାନେ ତ ବେକାର ଥିବାରୁ ଦଙ୍ଗା ଗ୍ରହୁଁଛନ୍ତି, କିନ୍ତୁ କିଛି ଗଣମାଧ୍ୟମ ସେମାନଙ୍କ ସପକ୍ଷରେ ମତାମତ ବାରମ୍ବାର ପ୍ରସାରିତ କରି ନିଆଁରେ ଘିଅ ଢାଳିବା କାମ କରୁଛନ୍ତି। ଏଥିରେ ଅଂକୁଶ ଲାଗିବା ଅନିବାର୍ଯ୍ୟ। (ସମାପ୍ତ)

+ ବି.ଟେକ୍. ସିଭିଲ୍,
ଏମ୍.ଟେକ୍.(ପରିବେଶ),
ଏଲ୍‌ଏଲ୍‌ବି
ଏଲ୍-୧୭/୧୫, ପଂଚଶଖା ନଗର,
ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯,
ମୋ- ୯୪୩୯୧୨୮୦୫୦ / ୭୯୭୮୦୧୯୦୮୧,
bdpanda1@gmail.com

## କବିତା କୋଣାର୍କ

### ଭୋକ ...

ଅନୁଜ ବେହେରା

ଦିନହୀନ ଦରିଦ୍ର ଟିଏ
ଚିରା ସାର୍ଟକୁ ଛିଣ୍ଡା ପ୍ୟାଣ୍ଟ
ମଳିମଗଧିଆ ରୁଗିଣା ମଣରିଷଟିଏ..

ଖଁ ଖଁ ହୋଇ ଖାସୁଥାଏ
ଦେହରେ ପ୍ରଚଣ୍ଡ ତାତି
ସତେ କି ଭ୍ରମ ହୋଇଛି ମତି...

ଆଖପାଖ ଲୋକେ ଘୃଣା କରୁଥାନ୍ତି
କୁହନ୍ତି ଯାକୁ ବୋଧେଦ କରୋନା ହେଇଛି
କେହିବି ଛୁଅନା ଜଣେଣ

ବିଚରାର ଦୁଃଖ କିଏ ବା ବୁଝିବ
ବାସ୍ତବରେ ଘୁରି ବୁଲୁଥିବା ଏଣେତେଣେ
ପେଟର ଭୋକର ଅନ୍ୱେଷଣେ..

ହେଲେ ହତାଶ
ଖରାତରାରେ ଏଠି ସେଠି ଦିନଗଲା
ବୋଧହୁଏ ଦାଉସାଧୁଛି ଉପରବାଲା
ସବୁଠି ଲକଡାଉନ୍ ସଟ୍‌ଡାଉନ୍
ଉର୍ପାଜନର ସବୁ ପନ୍ଥାରେ ପଡ଼ିଛି ତାଲା..

ତିନିଦିନ ହେଲା କିଛି ବି ଖାଇନି
ଆହା ପଦେ ଥରେ କେହି ବି କହିନି
କହିବ ବା କାହିଁ
ନିଜର ବୋଲି ତ କେହି ବି ନାହିଁ
ବାଧହୋଇ ଆକୁତାକୁ ହାତ ପତାଇଛି
ଭୋକର କରାଳ ଦାଉରୁ
ରକ୍ଷା ପାଇବା ପାଇଁ...

ମୋ: ୮୫୫୫୯୪୯୪୯୩



## କବିତା କୋଣାର୍କ

### ଗାଆଁ ପାଇଁ କିଛି କରିବା ଚାଲ...



ହରେରାମ ପଣ୍ଡା

ଆମ ଗାଆଁ ଆମ ଗାଆର ସମାନ
ଯାହାର ଦାଦନରେ ଏ ପିଣ୍ଡ ଗଢ଼ା,
ଯେଉଁଠି ଦେଖିଛେ ପ୍ରଥମ ଆଲୋକ
ମନେ ରହିଥିବ ଜୀବନ ସାରା ।

ଯା ପାଣି ପବନ, ବନ ଉପବନ-
ମଙ୍ଗଳା ମନ୍ଦିର ପୂଜା ଆଳତି,
କିଏ ଦାଦା ଖୁଡ଼ି, କିଏ ଆଈ ବୁଢ଼ୀ-
ସଭିଏଁ ଲାଗନ୍ତି ଆପଣା ପରି ।

ଯେଉଁଠି ଶିଖିଲେ କଥା କହି ଆମେ
ପ୍ରଥମେ ଯେଉଁଠି ଶିଖିଲେ ଚାଲି,
କେତେ ପାଠ ପଢ଼ି ବଡ଼ ହୋଇ ଆଜି
କେମିତି ଗାଆଁକୁ ଯାଇଛେ ଭୁଲି ।

ଗାଆଁ ଗାଇଗୋଠ, ଗାଈଆଳ ଗୀତ
ବର ଓହଳରେ ଖେଳିଛେ ଝୁଲି,
ବରଷା ଦିନରେ ପାଣରି ସୁଅରେ
କାଗଜ ଡଙ୍ଗାକୁ ପାରିଛେ ଭୁଲି?

କେମିତି ସେ ଗାଆଁ ପରଲାଗେ ଆଜି
ପରଦେଶ ଲାଗେ ଆପଣା ପରି,
କେତେ ଅସଜଡ଼ା ଆମ ଗାଆଁ ଆଜି
ତା କଥା ଭାବିବା କାମ ଆମରି ।

ଗାଆଁ ପରିବେଶ, ଗାଆଁର ସଂସ୍କାର-
ସ୍ୱସ୍ଥ୍ୟରକ୍ଷା ପୁଣି ମେଳା ମଉଜ,
ଭାଗବତ ଟୁଙ୍ଗି, କନ୍ତାଳ, କୀର୍ତ୍ତନ-
ଗାଆଁ କଥା ଟିକେ ମନରେ ହେଜ!

ମନରେ ଭାବିଲେ ଗାଆଁ କଥା ଥରେ-
ମାଆପରି କେତେ ଲାଗଇ ଭଲ,
ଆମ ପାଇଁ ଆମ ଗାଆଁଟା ହସିବ
ଗାଆଁ ପାଇଁ କିଛି କରିବା ଚାଲ!

କୁଆଁସ, ମେର୍ଦ୍ଧା
କାଟିଆଛକ, ଯାଜପୁର ।

+ ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ,
ମଧୁପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ।

### କପୋତ...

ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ

କୁଟା କାଠିକୁ ଥଣ୍ଟରେ ଧରି
ନୀଡ଼ ରଚୁଥାଏ ଯତନ କରି ।

ମହୁଲ ଗଛର ଡାଳେ...
ନୂଆ ଅତିଥି ନୀଡ଼କୁ ଆସିବେ
ଧରି ଖୁସି ହେବ କୋଳେ ।

କିଛି ଦଦିନ ପରେ କପୋତ ପକ୍ଷୀ
ଦୁଇଟି ଅଣ୍ଡା କୋଳରେ ଜାକି
ଫୁଟାଇଲା ଦୁଇ ଛୁଆ...
ଛୁଆ ମୁହଁ ଚାହିଁ ଆନନ୍ଦ ହୋଇ
ଡାଳୁ ଡାଳ ମାରେ ଡିଆଁ ॥

କପୋତ ବୁଲି ବଣର ମୂଳକ
ଆଣେ ପିଲାଙ୍କ ଖାଇବା ଯାକ
ପାଟିରେ ଦେଇ ଦେଇ...
ଦୂର ଡାଳରେ ପିଲାଙ୍କ ଖେଳ
ଦେଖି ଖୁସି ହେଉଥାଇ ॥

ବଡ଼ ହୋଇ ଛୁଆ ଉଡ଼ିବା ପରେ
ଚାଲିଗଲେ କେଉଁ ଦୂର ସହରେ
ଭୁଲି ଜନ୍ମଦାତା ମୁହଁକୁ...
କପୋତ କପୋତି ଆଖି ବୁଜିଦେଲେ
ଝୁରି ଝୁରି ପିଲା ପିଲା ଦୁହିଁଙ୍କୁ ॥

କହୁଅଛି ପିଲେ ରଖିବ ମନେ
ଜନ୍ମଦାତା ଶ୍ରେଷ୍ଠ ତୁମ ଜୀବନେ
ଚଳନ୍ତି ଦେବତା ସେହି...

ଯେତେ ଉଚ୍ଚ ପଦ ଲଭିଲେ ଜୀବନେ
ତାଙ୍କୁ ଭୁଲିବ ନାହିଁ ॥

+ ଚକାପଦା, ବେଗୁନିଆ, ଖୋର୍ଦ୍ଧା
ମୋ:୮୩୨୮୯୪୧୭୦୭

ଡାକ୍ତର ସୁରେନ୍ଦ୍ର ନାଥ ଦାଶ


## ଭୁଟାନ ଦେଶର କଥା

ଭାରତ ର ଉତ୍ତରପୂର୍ବ ସୀମାନ୍ତ କୁ ଲାଗି ଭୁଟାନ (Royal Kingdom of Bhutan or Land of Thunder Dragon) ଅବସ୍ଥିତ । ଏହାର ଚାରି କଡରେ ସିକିମ, ପଶ୍ଚିମ ବଙ୍ଗ, ଆସାମ, ଅରୁଣାଚଳ ପ୍ରଦେଶ ଓ ତିବ୍ବତର ଚୁମ୍ବି ଉପତ୍ୟକା ଲାଗିଛି । ୧୯୧୦ ମସିହା ଇଂରେଜ ମାନଙ୍କ ସହ ଓ ୧୯୪୯ ମସିହା ର ୟୁନିଅନ ଅଫ୍ ଇଣ୍ଡିଆ ସହ ହୋଇଥିବା ଚୁକ୍ତି ଅନୁଯାୟୀ ଏହା ଭାରତର ଏକ ଆଶ୍ରିତରାଜ୍ୟ(Proctctorate) ଓ ଏହାର ବୈଦେଶିକ, ପ୍ରତିରକ୍ଷା, ଗମନାଗମନ ର ଦାୟିତ୍ୱ ଭାରତ ସରକାରଙ୍କର । ଏହା ନିଜର ଉଚ୍ଚ ବରଫାବୃତ ପର୍ବତ ଶୃଙ୍ଗ, ପାଇନ ଗଛର ଜଙ୍ଗଲ, ଶସ୍ୟ ଶ୍ୟାମଳା ଉପତ୍ୟକା, ଖରସ୍ରୋତା ନଦୀ, ଅସଂଖ୍ୟ ପୁରାତନ ବୌଦ୍ଧ ମନ୍ଦିର, ଦୁର୍ଗ, ଶାନ୍ତ ସରଳ ରାଜଭକ୍ତ ନାଗରୀକଙ୍କ ପାଇଁ ପ୍ରସିଦ୍ଧ । ଏହା ପୃଥିବୀର ସବୁଠାରୁ ଅନୁନ୍ନତ ଦେଶ (୨୦୧୬) ହେଲେ ମଧ୍ୟ ଲୋକ ମାନଙ୍କର ସନ୍ତୋଷ ଭାବନାରେ ଏହା ସବୁଠାରୁ ଆଗରେ । ଏହି ଦେଶ ଇତିହାସରେ କୌଣସି ଶକ୍ତି ଦ୍ୱାରା ଅଧିକୃତ ହୋଇନି । ଅନେକ ଗୁଡିଏ ଛୋଟ ଛୋଟ ରାଜ୍ୟରେ ବିଭକ୍ତ ହୋଇ ଡବକ୍ସ ଖବ୍ଦକ୍ୱୟ ଙ୍କ ଦ୍ୱାରା ଶାସିତ ହେଉଥିଲା । ଉନବିଂଶ ଶତାବ୍ଦୀରେ ୱାଂଚୁଙ୍ଗ ରାଜବଂଶ ଏହାକୁ ଏକାଠି କରିଏକ ଏକତ୍ରିତ ରାଷ୍ଟ୍ର (ଡ୍ରୁକ ୟାଲ) ସ୍ଥାପନା କଲେ । ୨୦୦୮ ମସିହାରୁ ଭୁଟାନରେ ରାଜତନ୍ତ୍ରର ଉଚ୍ଛେଦ ହୋଇ ଗଣତନ୍ତ୍ର ପ୍ରତିଷ୍ଠା ହୋଇଛି । ସାବାଳକ ଭୋଟ ଦ୍ୱାରା ଲୋକ ପ୍ରତିନିଧି ନେସନାଲ ଆସେମ୍ବଲିକୁ ନିର୍ବାଚିତ ହେଉଛନ୍ତି । ରାଜା (Jigme Khesar Wanchuk) କେବଳ ନାମମାତ୍ର ସାମ୍ବିଧାନିକ ମୁଖ୍ୟ ହୋଇଅଛନ୍ତି । ମାତ୍ର ଲୋକମାନେ ତାଙ୍କୁ ଦେବତା ଭଳି ମାନନ୍ତି । ସମସ୍ତଙ୍କ ଘରେ ରାଜ ପରିବାରର ଫଟୋ ଶୋଭା ପାଇଥାଏ । ଭୁଟାନ ଏକ ଜନ ବିରଳ ଦେଶ । କ୍ଷେତ୍ରଫଳ ୩୮ ହଜାର ବର୍ଗ କିମି ଓ ଲୋକ ସଂଖ୍ୟା ମାତ୍ର ଦଶ ଲକ୍ଷ । ପ୍ରତି ବର୍ଗ କିମିରେ ମାତ୍ର ୨୬ ଜଣ ବାସ କରନ୍ତି । ଏହାର ୭୪ ଭାଗ ଲୋକ ବୌଦ୍ଧ,୨୪ ଭାଗ ହିନ୍ଦୁ ଓ ବୌଦ୍ଧ ଧର୍ମ ରାଜଧର୍ମ ମାନ୍ୟତା ପାଇଛି । ରାଜ୍ୟକୁ ୨୦ ଟି ଜିଲ୍ଲାରେ ବିଭକ୍ତ କରା ହୋଇଛି । ଭୁଟାନର ଉତ୍ତର ଅଂଶରେ ହିମାଳୟର ଚିର ବରଫାବୃତ ପର୍ବତ ଶୃଙ୍ଗ ମାନ ରହିଛି। ଯେଉଁ ମାନଙ୍କର ଉଚ୍ଚତା ୨୨ ହଜାର ଫୁଟରୁ ଉପରେ । ଏହାର ଉଚ୍ଚତମ ଶୃଙ୍ଗ Gangkhar Puenso (୨୪୮୦୦ଫୁଟ) । ତାହାର ଶୀର୍ଷରେ ଏପର୍ଯ୍ୟନ୍ତ ମଣିଷର ପାଦ ପଡିନାହିଁ । ଏଠାରେ ଥିବା ଗ୍ଲେସିଆରରୁ ଭୁଟାନର ନଦୀ ଗୁଡିକ ବାହାରି ସଂକୀର୍ଣ୍ଣ ଉପତ୍ୟକା ଦେଇ ଗତି କରି ଭାରତର ତିସ୍ତା(ବ୍ରହ୍ମପୁତ୍ର) ନଦୀରେ ପଡିଛନ୍ତି । ବରଫାବୃତ ପାହାଡ କଡ ଦେଇ ତିବ୍ବତ ସିମାନ୍ତକୁ ପାଇନ ଜଙ୍ଗଲ ଦେଇ ଯାତ୍ରା ବେଶ ଆମୋଦ ଦାୟକ । ଦଳଦଳ ୟାକ ବା ଚମରୀ ଗାଇ ସବୁଆଡେ ଦେଖା ଯାଆନ୍ତି । ବିଭିନ୍ନ ଫଳ ଗଛରେ ସବୁଆଡ ଆଛନ୍ନ ଥାଏ । ନିଜର ପରମ୍ପରାରେ ପରଲୋକ ଗତ ଆତ୍ମାଙ୍କ ପାଇଁ ଲଗାଇ ଥିବା ହଜାର ହଜାର ରଙ୍ଗିନ ପତାକା ସବୁଆଡେ ଉଡିବାର ଦୃଶ୍ୟ ଅପୂର୍ବ ଦେଖାଦିଏ । କେନ୍ଦ୍ରରେ ବ୍ଲାକ ପର୍ବତ(Black Mountion) ଜଳ ବିଭାଜିକା ରୂପେ କାର୍ଯ୍ୟ କରୁଛି । ଏଥିରୁ ମୋ-ଚୁ ଓ-ଡ୍ରାନଗେ-ଚୁ ନଦୀ ମାନ ବାହାରି ବହିଯାଇଛନ୍ତି । ଦକ୍ଷିଣରେ ୪-୫ ହଜାର ଫୁଟ ଉଚ୍ଚରେ ହିମାଳୟର ସିୱାଲିକର ଘନ ଜଙ୍ଗଲ ଅବସ୍ଥିତ । ଘନ ତୃଣ ଭୁମି(ସାଭାନା) ମଧ୍ୟ ଦେଖାଯାଏ । ଏହା ନିମ୍ନ ଭୂମିରେ ଭାରତର ପ୍ଲାବନ ଭୂମି କଙ୍କରିତ ଡୁଆରାରେ ମିଶି ଯାଇଛି । ଖରସ୍ରୋତା ନଦୀରୁ ଉତ୍ପନ୍ନ ହେଉଥିବା ଜଳବିଦ୍ୟୁତ ଶକ୍ତି ଭୁଟାନର ପ୍ରଧାନ ରପ୍ତାନୀ ସାମଗ୍ରୀ । ପରମ୍ପରା ସହ ପ୍ରଗତିର ମିଶ୍ରଣ ଭୁଟାନର ଲକ୍ଷ୍ୟ । ନିଜର ପରିବେଶ, ପ୍ରାକୃତିକ ସଂପଦକୁ ପ୍ରଗତି ନାଆଁରେ ଧ୍ୱଂସ ନକରିବାକୁ ସେମାନେ ପ୍ରତିଜ୍ଞାବଦ୍ଧ । ଭୁଟାନ ସର୍ବ ପ୍ରଥମେ ବିଶ୍ୱରେ ଧୂମ୍ରପାନ କୁ ନିଷେଧ କରିଛି । ସାରା ଦେଶରେ ସମସ୍ତେ ଜାତୀୟ ପୋଷାକ ପିନ୍ଧନ୍ତି । ଘର ଗୁଡିକ ପାରମ୍ପରିକ ଶୈଳିରେ ନିର୍ମିତ । କାଠ ଓ ମାଟି ଦ୍ୱାରା ତିଆରି ବିଭିନ୍ନ ପ୍ରାକୃତିକ ରଙ୍ଗରେ ରଙ୍ଗା । ଲୁହା କଂଟାର ବ୍ୟବହାର ହୁଏ ନାହିଁ। ଥିମ୍ପୁ ଭୁଟାନର ରାଜଧାଣୀ ଓ ମୁଖ୍ୟ ସହର । ଲୋକ ସଂଖ୍ୟା ଏକ ଲକ୍ଷ । ବହିଯାଉଥିବା ନଦୀ ର ଉଭୟ କୂଳରେ ସଂକୀର୍ଣ୍ଣ ଉପତ୍ୟକାରେ ସହର ରହିଛି । ଏଠାରେ ଜାତୀୟ ଆସେମ୍ବଲି, ରାଜାଙ୍କର ପ୍ରାସାଦ, ମ୍ୟୁଜିଅମ, ସୁନ୍ଦର ବଜାର, ହୋଟେଲ ମାନ ଅଛି ।

ପୁନାଖା: ଏହା ଭୁଟାନର ପୁରୁଣା ରାଜଧାନୀ (୧୯୫୫ ପର୍ଯ୍ୟନ୍ତ)। ଏଠାରେ ସର୍ବୋଚ୍ଚ ଧର୍ମଗୁରୁ (Zhabadrung Rinchope) ବାସ କରନ୍ତି । ରେଡିଆଟ ନଦୀ ସହର ଦେଇ ବହିଯାଇଛି ।ଏଠାରେ ଜଳବାୟୁ ଉଷ୍ମ ରହୁଥିବାରୁ ଶୀତ ଦିନେ ବୌଦ୍ଧ ସନ୍ୟାସୀ ମାନେ ଏଠାକୁ ଆସି ବାସ କରନ୍ତି । ପୁନାଖାର ପ୍ରସିଦ୍ଧ ଲାଲ ଓ ଧଳା ଚାଉଳର ଦେଶରେ ବେଶ ଆଦର ବାରମ୍ବାର ବନ୍ୟା (Flash Flood) ହେଉଥିବାରୁ ଏଠାରୁ ରାଜଧାନୀ ଉଠିଗଲା।

ପାରୋ: ପାରୋ ନଦୀର ଉପତ୍ୟକାରେ ଏହି ସହର ରେ ଭୁଟାନର ଏକମାତ୍ର ବିମାନ ଘାଟି ରହିଛି । ଏକ ସଂକୀର୍ଣ୍ଣ ଉପତ୍ୟକାରେ ଏହା ବିଶ୍ୱର ଉଚ୍ଚତମ ଓ ବିପଦ ପୂର୍ଣ୍ଣ ବିମାନ ଘାଟୀ । ମାତ୍ର ଆଠ ଜଣ ବୈମାନୀକ ଏଠାକୁ ବିମାନ ନେବାକୁ ଯୋଗ୍ୟତା ପାଇଛନ୍ତି । ପାରୋରେ ଅନେକ ବୌଦ୍ଧ ମନ୍ଦିର ଅଛି । ଭୁଟାନର ଉଚ୍ଚତମ କୋଠା(୭୨ ଫୁଟ) ଏଠାରେ ଅଛି । ପ୍ରସିଦ୍ଧ ପବିତ୍ର କ୍ଷେତ୍ର ଟାଇଗର ନେଷ୍ଟ ପାରୋ ଠାରୁ ୧୬ କିଲୋମିଟର ଦୂରରେ ଉଚ୍ଚ ପାହାଡ ଉପରେ ଅବସ୍ଥିତ । କିମ୍ବଦନ୍ତି କୁହେ ବୌଦ୍ଧସନ୍ୟାସୀ ଏବ ବାଘ ଉପରେ ବସି ଏଠାରେ ପହଂଚିଥିଲେ । ଫୁଟ ସୋଲନ ଭୁଟାନର ମୁଖ୍ୟ ବାଣିଜ୍ୟ କେନ୍ଦ୍ର । ଭାରତେ ସୀମାନ୍ତ ସହର ଜୟ ନଗର ସହ ମିଶି ଏହି ସହର ଅଛି । ପାହାଡ ତଳେ ସମତଳ ଅଂଚଳରେ ସ୍ଥାନଟି ଅଛି । ଏଠାରୁ ଭଟାନ ପାଇଁ ସମସ୍ତ ପଦାର୍ଥ ଗାଡି ଯୋଗେ ଘାଟି ଉଠାଣି ରାସ୍ତା ଦେଇ ଯାଏ । ଏଠାରେ ଭ୍ରମଣ କରାଙ୍କୁ ପ୍ରବେଶ ଅନୁମତି ପତ୍ର ଭୁଟାନ ସରକାର ଙ୍କ ପକ୍ଷରୁ ଦିଆଯାଏ ।

ଛୋଟ ଦେଶ ଟିଏ ହେଲେ ମଧ୍ୟ ନିଜର ସଂସ୍କୃତି ଯୋଗୁ ବିଶ୍ୱରେ ଭୁଟାନ ଏକ ସ୍ୱତନ୍ତ୍ର ପରିଚୟ ନିଜ ପାଇଁ ସୃଷ୍ଟି କରିପାରିଛି ।


**ଓଡ଼ିଶା ନ୍ୟୁଜ୍ ସର୍ଭିସ୍,**
**ଉମରକୋଟ, ନବରଙ୍ଗପୁର,**
**ମୋ:୯୪୩୭୨୩୫୩୮୬**


## ଅମରନାଥ ଗୁମ୍ଫା



ଅମରନାଥ ଗୁମ୍ଫା ଭଗବାନ ଶିବଙ୍କର ପ୍ରମୁଖ ଧାର୍ମିକ ସ୍ଥଳ ମଧ୍ୟରୁ ଅନ୍ୟତମ । ସେଠାରେ ପ୍ରାକୃତିକ ଶିବଲିଙ୍ଗ ତିଆରି ହୋଇଥାଏ । ତାଙ୍କୁ 'ଅମରେଶ୍ୱର' ବୋଲି ମଧ୍ୟ କୁହାଯାଏ ।







ଅମରନାଥ ଗୁମ୍ଫା ଶ୍ରୀନଗରଠାରୁ ପାଖାପାଖି ୧୪୫ କି.ମି ଦୂରରେ ହିମାଳୟ ପର୍ବତ ଶ୍ରେଣୀରେ ଅବସ୍ଥିତ । ସମୁଦ୍ର ପତ୍ତନଠାରୁ ୩,୯୭୮ ମିଟର ଉଚ୍ଚରେ ଅବସ୍ଥିତ ଏହି ଗୁମ୍ଫାର ଉଚ୍ଚତା ୧୫୦ ଫୁଟ୍ ଓ ଲମ୍ବ ୯୦ ଫୁଟ୍ । ଅମରନାଥ ଯାତ୍ରା ପାଇଁ ଯିବାକୁ ହେଲେ ଦୁଇଟି ରାସ୍ତା ରହିଛି- ଗୋଟିଏ ପହଲଗାମ ହୋଇ ଯାଇଛି ଓ ଅନ୍ୟଟି ସୋନମର୍ଗ, ବାଲଟାଲ ହୋଇ ଯାଇଛି । ଏହାର ଅର୍ଥ ଦେଶର କୌଣସି କ୍ଷେତ୍ରରୁ ଗଲେ ପ୍ରଥମେ ପହଲ୍‌ଗାମ ବା ବାଲାଟାଲ ହୋଇ ପହଞ୍ଚାଇବାକୁ ପଡ଼ିଥାଏ । ଏହା ପରର ରାସ୍ତା ପାଦରେ ଯିବାକୁ ପଡ଼ିଥାଏ । ଏବେ ଆସନ୍ତୁ ଅମରନାଥ ଗୁମ୍ଫାର ରହସ୍ୟ ବିଷୟରେ ଜାଣିବା ।

ଅମରନାଥ ଗୁମ୍ଫା ଭଗବାନ ଶିବଙ୍କର ପ୍ରମୁଖ ଧାର୍ମିକ ସ୍ଥଳ ମଧ୍ୟରୁ ଅନ୍ୟତମ । ସେଠାରେ ପ୍ରାକୃତିକ ଶିବଲିଙ୍ଗ ନିର୍ମାଣ ହୋଇଥିବାରୁ ତାଙ୍କୁ ସ୍ୱୟଂମ୍ଭୁ ହିମାନୀ ଶିବଲିଙ୍ଗ ଓ ବାବା ବର୍ଫାନୀ ବୋଲି ମଧ୍ୟ କୁହାଯାଏ । ହିମବିନ୍ଦୁ ପଡ଼ି ସେଠାରେ ଦଶ ଫୁଟ୍ ଲମ୍ବାର ଲିଙ୍ଗ ତିଆରି ହୋଇଥାଏ । ତାଙ୍କୁ 'ଅମରେଶ୍ୱର' ବୋଲି ମଧ କୁହାଯାଏ । ଗୁମ୍ଫାର ପରିଧି ପାଖାପାଖି ୧୫୦ ଫୁଟ୍ ଓ ସେଠାରେ ଉପରୁ ବରଫ ପାଣିର ବୁନ୍ଦା ସ୍ଥାନେ ସ୍ଥାନେ ପଡୁଥାଏ । ଏହାର କେନ୍ଦ୍ରରେର ଏପରି ଏକ ସ୍ଥାନ ଅଛି ଯେଉଁଠାରେ ପଡୁଥିବା ହିମବିନ୍ଦୁରେ ଦଶ ଫୁଟ୍ ଲମ୍ବାର ଶିବଲିଙ୍ଗ ତିଆରି ହେବାର ଦେଖାଯାଇଥାଏ । ଆଶ୍ଚର୍ଯ୍ୟରର କଥା ଏକ ଯେ ଶିବଲିଙ୍ଗ ଶକ୍ତ ବରଫରେ ତିଆରି ହୋଇଥାନ୍ତି । ଅନ୍ୟ ସ୍ଥାନରେ ପଡୁଥିବା ହିମବିନ୍ଦୁ ହାଲୁକା ବରଫରେ ପରିଣତ ହୋଇଥାଏ ଯେଉଁଥିରେ ହାତ ମାରିଲେ ଭାଙ୍ଗିଯାଏ । ମୂଳ ଅମରନାଥ ଶିବଲିଙ୍ଗରରୁ କିଛି ଫୁଟ୍ ଦୂରରେ ଗଣେଶ, ଭୈରବ ଓ ପାର୍ବତୀଙ୍କର ସେହିପରି ଭିନ୍ନ ଭିନ୍ନ ହିମଖଣ୍ଡର ଆକୃତି ତିଆରି ହୋଇଥାଏ । ଗୁମ୍ଫାର କେନ୍ଦ୍ରରେ ବରଫର ଏକ ଖଣ୍ଡ ତିଆରି ହୋଇଥାଏ । ଗୁମ୍ଫାର କେନ୍ଦ୍ରରେ ବରଫର ଏକ ଖଣ୍ଡ ତିଆରି ହୋଇଥାଏ, ଯାହା ଅଳ୍ପ ଅଳ୍ପ ହୋଇ ପନ୍ଦର ଦିନ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ବୃଦ୍ଧି ପାଇଁ ଦୁଇ ଗଜରୁ ଅଧିକ ଉଚ୍ଚ ହୋଇଯାଏ । ଶ୍ରାବଣର ପୂର୍ଣ୍ଣମାରେ ଶିବଲିଙ୍ଗ ପୂରା ଆକାର ପ୍ରାପ୍ତ କରିଥିବାର ଦେଖାଯାଏ ଓ ଅମାବାସ୍ୟ ପର୍ଯ୍ୟନ୍ତ ଧୀରେଧୀରେ ଛୋଟ ହୋଇଯାଏ । ଓ ଅମାବାସ୍ୟା ପର୍ଯ୍ୟନ୍ତ ଧୀରେ ଧୀରେ ଛୋଟ ହୋଇଯାଏ । ଚନ୍ଦ୍ରର ସମ୍ବନ୍ଧ ଶିବଲିଙ୍ଗଙ୍କ ସହିତ ସହିତ ରହିଛି ବୋଲି ମାନ୍ୟତା ରହିଛି । ପ୍ରଶ୍ନ ଉଠେ ଯେ ଏପରି କେଉଁ କାରଣ ଚନ୍ଦ୍ରର ପ୍ରଭାବ ଏହି ଶିବଲିଙ୍ଗଙ୍କ ଉପରେ ପଡ଼ିଥାଏ ଓ ଅନ୍ୟ ଗୁମ୍ଫାରେ ବୁନ୍ଦ ବୁନ୍ଦ ହୋଇ ପଡ଼ିଥିବା ପାଣି ଶିବଲିଙ୍ଗଙ୍କ ରୂପ କାହିଁକି ନିଏ ନାହିଁ ? ଅମରନାଥ ଗୁମ୍ଫା ପରି ଅନେକ ଗୁମ୍ଫା ମଧ ରହିଛି । ଅବରାବତୀ ନଦୀ ପାଖରେ ଆଗକୁ ଗଲେ ଅନେକ ଛୋଟ ଛୋଟ ଗୁମ୍ଫା ଦେଖିବାକୁ ମିଳେ । ସେ ସମସ୍ତ ଗୁମ୍ଫା ବରଫରେ ଘୋଡ଼େଇ ହୋଇ ରହିଛି । ସେଠାରେ ହିମବିନ୍ଦୁ ପଡ଼ିଲେ ମଧ ଶିବଲିଙ୍ଗ ତିଆରି ହୋଇନଥାଏ ।

**ପୌରାଣିକ ଇତିହାସ:**

କାଶ୍ମୀର ଘାଟିରେ ରାଜା ବଂଶ ଓ ଋଷି କଶ୍ୟପ ଓ ତାଙ୍କ ପୁତ୍ରମାନଙ୍କର ନିବାସ ସ୍ଥାନ ଥିଲା । ପୌରାଣିକ କଥା ଅନୁସାରେ ଥରେ କାଶ୍ମୀର ଘାଟି ଜଳମଗ୍ନ ହୋଇ ବଡ଼ ହ୍ରଦର ଆକାର ନେଇଥିଲା । ସେତେବେଳେ ଋଷି କଶ୍ୟପ ଏହି ଜଳକୁ ଅନେକ ନଦୀ ଓ ଛୋଟ ଛୋଟ ଜଳସ୍ରୋତ ଦ୍ୱାରା ପ୍ରବାହିକ କରିଦେଇଥିଲା । ସେ ସମୟରେ ଭୃଗୁ ଋଷି ପବିତ୍ର ହିମାଳୟ ପର୍ବତର ଯାତ୍ରା ସମୟରେ ସେ ବାଟ ଦେଇ ଯାଇଥିଲେ । ତେବେ ଜଳସ୍ତର କମ୍ ହେବା ପରେ ହିମାଳୟ ପର୍ବତରେ ପ୍ରଥମେ ଭୃଗୁ ଋଷି ଅମରନାଥର ପବିତ୍ର ଗୁମ୍ଫା ଓ ବରଫର ଶିବଙ୍ଗକୁ ଦେଖିଥିଲେ । ମାନ୍ୟତା ଅନୁସାରେ ସେବେଠାରୁ ଏହି ସ୍ଥାନ ଶିବ ଆରାଧନା ଓ ଯାତ୍ରାର ପ୍ରମୁଖ ଦେବସ୍ଥାନ ହୋଇଗଲା, କାରଣ ସେଠାରେ ଭଗବାନ ଶିବ ତପସ୍ୟା କରିଥିଲେ ।

**ଐତିହାସିକ ପ୍ରମାଣ:**

ଅମରନାଥ ଗୁମ୍ଫାକୁ ପୁରାତତ୍ତ୍ୱ ବିଭାଗ ପାଞ୍ଚ ହଜାର ବର୍ଷର ପୁରାତନ ଅଥବା ମହାଭାରତ ସମୟର ଗୁମ୍ଫା ବୋଲି କହିଲେ ମଧ ଏହି ଆକଳନ ଭୁଲ୍ ହୋଇପାରେ । ହିମାଳୟର ପ୍ରାଚୀନ ପାହାଡ଼ଗୁଡ଼ିକ ଲକ୍ଷାଧିକ ବର୍ଷର ପୁରୁଣା ବୋଲି କୁହାଯାଏ । ସେଠାରେ ଯଦି ଅନେକ ଗୁମ୍ଫା ଥିବା ତେବେ ହିମଯୁଗ ସମୟରେ ହିଁ ସେସବୁ ତିଆରି ହୋଇଥିବ ଅର୍ଥାତ୍ ବର୍ତ୍ତମାନ ସମୟଠାରୁ ୧୨ରୁ ୧୩ ହଜାର ବର୍ଷ ପୂର୍ବରୁ । କୈଳାସ ଯିଏ ଯାଏ, ସେ ମୋକ୍ଷ ପ୍ରାପ୍ତ କରେ ବୋଲି କୁହାଯାଏ । ଜଣେ ଇଂରେଜ ଲେଖକ ଲୋରେନ୍ସ ତାଙ୍କ ପୁସ୍ତକ, 'ଭ୍ୟାଲି ଅଫ୍ କାଶ୍ମୀର'ରେ ଲେଖିଛନ୍ତି ପୂର୍ବରୁ କାଶ୍ମୀରୀ ବ୍ରାହ୍ମଣମାନେ ଅମରନାଥ ତୀର୍ଥଯାତ୍ରୀମାନଙ୍କୁ ଭ୍ରମଣ କରାଉଥିଲେ ।

**କେବେ ଯିବେ:**

ଅମରନାଥ ଯାତ୍ରା ଜୁଲାଇ ମାସରୁ ଆରମ୍ଭ ହୋଇଯାଏ ଓ ଯଦି ପାଣିପାଗ ଭଲ ଥାଏ ତେବେ ଅଗଷ୍ଟ ମାସର ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଲାଗିଥାଏ । ହିନ୍ଦୁ ମାସ ଅନୁସାରେ ଆଷାଢ଼ ପୂର୍ଣ୍ଣମାରୁ ଯାତ୍ରା ଆରମ୍ଭ ହୋଇ ପୂରା ଶ୍ରାବଣ ମାସ ପର୍ଯ୍ୟନ୍ତ ଚାଲିଥାଏ । ଭଗବାନ ଶିବ ଏହି ଗୁମ୍ଫାକୁ ପ୍ରଥମ ଥର ପାଇଁ ଶ୍ରାବଣ ମାସର ପୂର୍ଣ୍ଣମାରେ ଆସିଥିଲେ । ସେଥିପାଇଁ ସେହିଦିନଠାରୁ ଅମରନାଥ ଯାତ୍ରା ଆରମ୍ଭ ହେବାର ପରମ୍ପରା ରହିଛି । ରାକ୍ଷୀ ପୂର୍ଣ୍ଣିମା ବା ଶ୍ରାବଣ ପୂର୍ଣ୍ଣିମା ଦିନ ଛଡ଼ି ମୁବାରକ ସ୍ଥାପନାର ପରମ୍ପରା ମଧ ରହିଛି ।



**କିପରି ଯିବେ:**

ସଡ଼କ ମାର୍ଗରେର ଅମରନାଥ ଗୁମ୍ଫା ଯିବାକୁ ହେଲେ ପ୍ରଥମେ ଜାମ୍ମୁ ପର୍ଯ୍ୟନ୍ତ ପହଞ୍ଚଇବାକୁ ହୋଇଥାଏ । ଜାମ୍ମୁରୁ ଶ୍ରୀନଗର ପହଞ୍ଚିବାକୁ ହୁଏ । ସେଠାରେ ପହଲଗାମ ବା ବାଲଟାଲ ପହଞ୍ଚି ପାରିବେ । ଏହି ଦୁଇଟି ସ୍ଥାନରୁ ପବିତ୍ର ଯାତ୍ରା ଆରମ୍ଭ ହୋଇଥାଏ ।

-ପହଲଗାମରରୁ ଅମରନାଥ ଯିବା ପାଇଁ ପାଦଚଲା ଯାତ୍ରା ଆରମ୍ଭ ହୋଇଥାଏ । ସେଠାରୁ ସବୁଠାରୁ ନିକଟତମ ବିମାନ ବନ୍ଦର ହେଉଛି ଶ୍ରୀନଗର । ଅନ୍ୟ ବିକଳ୍ପଟି ହେଉଛି ଜାମ୍ମୁ ବିମାନ ବନ୍ଦର ଓ ଏହା ୨୬୩ କି.ମି ଦୂର ।

-ପହଲଗାମରୁ ନିକଟତମ ରେଲୱେ ଷ୍ଟେସନ ହେଉଛି ଉଧମପୁର ଓ ଏହା ୨୧୭ କି.ମି ଦୂର । ଉଧମପୁର ଅପେକ୍ଷା ଜାମ୍ମୁ ରେଲୱେ ଷ୍ଟେସନ ଭାରତର ଅନ୍ୟ ସହରଗୁଡ଼ିକ ସହିତ ଯୋଡ଼ି ହୋଇ ରହିଛି ।

## ପାରିଶ୍ରମିକ୍ କମ୍ କଲେ ଶାହୀଦ୍



କରୋନା ମହାମାରୀ ବିଶ୍ୱର ସ୍ଥିତିକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଛି । ଏହାର ପ୍ରଭାବ ଫିଲ୍ମ ଇଣ୍ଡଷ୍ଟ୍ରି ଉପରେ ମଧ ପଡ଼ିଥିବା ଦେଖିବାକୁ ମିଳିଛି । ଏଭଳି କ୍ଷେତ୍ରରେ ଶୁଣିବାକୁ ମିଳିଛି ଯେ, ଶାହୀଦ୍ କପୁର ନିଜର କମ୍ କରିଦେଇଛନ୍ତି । ସୂଚନା ମୁତାବକ, ଶାହୀଦ୍‌ଙ୍କ ଆଗାମୀ ଫିଲ୍ମ 'ଜର୍ସୀ' ଲାଗି ନିଜର ଫିସ୍ କମ୍ କରିଛନ୍ତି । ଯେଉଁଠି ଫିଲ୍ମ ମେକର୍ସଙ୍କୁ କରୋନା ଯୋଗୁ ଭାରି କ୍ଷତି ସହିବାକୁ ପଡ଼ିଛି ଏବଂ ଇଣ୍ଡଷ୍ଟ୍ରିର ପ୍ରାୟ ସମସ୍ତ କମ୍ପାନୀ କୋଭିଡ୍ ମହାମାରୀ ଯୋଗୁ ସୁରକ୍ଷା ନିୟମ ପାଳନ କରିବାରେ ଖର୍ଚ୍ଚ କରୁଛନ୍ତି । ଏପରି ସ୍ଥଳେ ଶାହୀଦ୍‌ଙ୍କ ଏହି ନିଷ୍ପତ୍ତି ଫିଲ୍ମ ମେକର୍ସଙ୍କ ଦୁଃଖକୁ କିଛି ମାତ୍ରାରେ କମ୍ କରିପାରିଛି । ସୂଚନା ମୁତାବକ, ଶାହୀଦ୍ କପୁର ଏହି ଫିଲ୍ମକୁ ସାଇନ୍ କରିବା ପୂର୍ବରୁ ଦୁଇଟି ସର୍ତ୍ତ ରଖିଲେ । ଯେଉଁଥିରେ ୩୩ କୋଟି ଟଙ୍କାର ପାରିଶ୍ରାମିକ ଏବଂ ପ୍ରଫିଟରେ ସେୟାର ନେବାର ମଧ ସର୍ତ୍ତ ରହିଥିଲା । ମେକର୍ସ ଶାହୀଦ୍‌ଙ୍କ ସର୍ତ୍ତରେ ରାଜି ହୋଇ ଏହାର ସୁଟିଂ ମଧ ଆରମ୍ଭ କରିଥିଲେ । ହେଲେ ଲକ୍‌ଡାଉନ୍ ଯୋଗୁ ସବୁ ଯୋଜନା ପଣ୍ଡ ହୋଇଯାଇଥିଲା । ଶାହୀଦ୍ କପୁର ଫିଲ୍ମ ମେକର୍ସଙ୍କ ଦୁଃଖ ବୁଝି ନିଜର ପାରିଶ୍ରମିକରୁ ୮ କୋଟି ଟଙ୍କା କମ୍ କରିଦେଇଛନ୍ତି ଏବଂ ଏହି ଫିଲ୍ମ ପାଇଁ ସେ ୨୫ କୋଟି ଟଙ୍କା ପାରିଶ୍ରମିକ ନେଉଥିବା ଜଣାପଡ଼ିଛି । ତେବେ ପ୍ରଫିଟ୍ ସେୟାର ସମ୍ପର୍କରେ କୌଣସି ସୂଚନା ଜଣାପଡ଼ି ନାହିଁ । ଏଠାରେ ଉଲ୍ଲେଖନୀୟ ଯେ, ସାଉଥଷ୍ଟାର ନାନୀଙ୍କ ତେଲୁଗୁ ଫିଲ୍ମ 'ଜର୍ସୀ'ର ଏହା ହେଉଛି ହିନ୍ଦୀ ରିମେକ୍ । ଏଥିରେ ଶାହୀଦ୍ ମୁଖ୍ୟ ଭୂମିକାରେ ଥିବା ବେଳେ ମୃଣାଲ ଠାକୁର ତାଙ୍କ ବିପକ୍ଷରେ ଅଭିନୟ କରୁଛନ୍ତି ।

## ବୈଜ୍ଞାନିକ ହେବେ ମାଧବନ୍



ବଲିଉଡର ପୁରୁଣା ଅଭିନେତା ଆର୍ ମାଧବନ୍ ବର୍ତ୍ତମାନ ନିଜର ଆଗାମୀ ଫିଲ୍ମ 'ରକେଟ୍ରି- ଦି ନମ୍ବି ଇଫେକ୍ଟ' କୁ ନେଇ ଚର୍ଚ୍ଚାରେ ଅଛନ୍ତି । ଏହି ଫିଲ୍ମଟି ପ୍ରସିଦ୍ଧ ବୈଜ୍ଞାନିକ ନମ୍ବି ନାରାୟନଙ୍କ ବାୟୋପିକ୍ ଅଟେ । ଏହି ଫିଲ୍ମର ପ୍ରସ୍ତୁତିରେ। ବର୍ତ୍ତମାନ ମାଧବନ୍ ବ୍ୟସ୍ତ ଅଛନ୍ତି । ଫିଲ୍ମ 'ରିକେଟ୍ରି- ଦି ନମ୍ବି ଇଫେକ୍ଟ'ରେ ଆର୍ ମାଧବନ୍ ନମ୍ବି ନାରାୟନଙ୍କ ଚରିତ୍ରରେ ନଜର ଆସୁଛନ୍ତି । ଏଥିସହିତ ଫିଲ୍ମର ନିର୍ମାତା-ନିର୍ଦ୍ଦେଶକ ମଧ ଆର୍ ମାଧବନ୍ ଅଟନ୍ତି । ଏହି ଫିଲ୍ମର ମ୍ୟୁଜିକ୍ ରେକର୍ଡର ପ୍ରସ୍ତୁତି ବର୍ତ୍ତମାନ ଚାଲିଛି । ମାଧବନ୍ ନିଜର ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଏକ ଭିଡ଼ିଓ ସେୟାର କରି ଏ ନେଇ ସୂଚନା ଦେଇଛନ୍ତି । ଏହି ଭିଡ଼ିଓଟିରେ ତାଙ୍କୁ ଷ୍ଟୁଡିଓରେ ଦେଖିବାକୁ ମିଳୁଛି । ଯେଉଁଠି 'ରିକେଟ୍ରି- ଦି ନମ୍ବି ଇଫେକ୍ଟ'ର ମ୍ୟୁଜିକ୍ ରିକର୍ଡିଂ କରାଯଶଉଛି । ଦର୍ଶକ ଫିଲ୍ମଟିକୁ ଉତ୍ସୁକତାର ସହ ଅପେକ୍ଷଣ କରିଥିବା ବେଳେ ମାଧବନଙ୍କ ଫ୍ୟାନ ଭିଡ଼ିଓକୁ ଖୁବ୍ ପସନ୍ଦ କରୁଛନ୍ତି । ସୂଚନା ଥାଉ ଯେ, ମାଧବନ୍‌ଙ୍କ ଏହି ଫିଲ୍ମ ପୂର୍ବତନ ବୈଜ୍ଞାନିକ ଏବଂ ଏୟାରୋସ୍ପେସ ଇଞ୍ଜିନିୟର୍ ନମ୍ବି ନାରାୟଣଙ୍କ ବାୟୋପିକ୍ ଅଟେ ଯାହାକୁ କି ଗୁପ୍ତଚରୀ ଅଭିଯୋଗରେ ଫସାଇ ଦିଆଯାଇଥିଲା । 'ରିକେଟ୍ରି- ଦି ନମ୍ବି ଇଫେକ୍ଟ' ତାମିଲ, ଇଂରାଜୀ ଏବଂ ହିନ୍ଦୀ ଭାଷାରେ ପ୍ରସ୍ତୁତ କରାଯାଇଛି । ଏହି ଫିଲ୍ମଟି କେବେ ସିନେମା ଘରେ ରିଲିଜ ହେବ ସେ ନେଇ କୌଣସି ସୂଚନା ଦିଆଯାଇନାହିଁ ।

# ୨୦୨୦-୨୧ ଆର୍ଥିକ ବର୍ଷରେ ଏକ ନିୟୁତ ଟନ୍ ଫ୍ଲାଏ ଆଶ୍ ପରିବହନ ପାଇଁ ପୂର୍ବତଟ ରେଳପଥର ଲକ୍ଷ୍ୟ

ଭୁବନେଶ୍ୱର,୦୯।୧୦ (ନି.ପ୍ର): ପଣ୍ୟ ପରିବହନ କ୍ଷେତ୍ରରେ ରେଳବାଇର ଅଂଶ ବୃଦ୍ଧି କରେଇବା ଏବଂ ସଡ଼କ ମାର୍ଗରେ ପରିବହନ କରଯାଉଥିବା ପଣ୍ୟକୁ ରେଳବାଇ ପ୍ରତି ଆକୃଷ୍ଟ କରିବା ସହ ପଣ୍ୟ ଗମନାଗମନକୁ ସୁନିଶ୍ଚିତ କରିବା ପାଇଁ ପୂର୍ବ ତଟ ରେଳର ମହାପ୍ରବନ୍ଧକ ବିଦ୍ୟା ଭୂଷଣଙ୍କ ନିର୍ଦ୍ଦେଶରେ ପୂର୍ବତଟ ରେଳପଥର ବ୍ୟବସାୟ ବିକାଶ ୟୁନିଟ୍ ରେଳ ଦ୍ୱାରା ଫ୍ଲାଏ ଆଶ୍ ପରିବହନ ସମ୍ବନ୍ଧରେ ଇତିମଧ୍ୟରେ ଥର୍ମାଲ ପାୱାର ପ୍ଲାଂଟର ପ୍ରତିନିଧି, ଇଂଟିଗ୍ରେଟେଡ୍ ଷ୍ଟିଲ ପ୍ଲାଂଟ, ଆଲୁମିନିୟମ୍ ସ୍ମେଲଟର ପ୍ଲାଂଟ ଏବଂ ସିମେଂଟ ପ୍ଲାଂଟର ପ୍ରତିନିଧି ମାନଙ୍କୁ ଭେଟିଛି । ଆଲୋଚନା ସମୟରେ ରେଳବାଇ ଦ୍ୱାରା ଫ୍ଲାଏ ଆଶ୍ ପରିବହନ ଉପରେ ଦିଆଯାଇଥିବା ୪୦% ପଣ୍ୟ ପରିବହନ ରିହାତିର ଲାଭ ଉଠାଇବାକୁ ଶିଳ୍ପ ପ୍ରତିନିଧିଙ୍କୁ ପରାମର୍ଶ ଦିଆଯାଇଥିଲା । ପରିବେଶ ମନ୍ତ୍ରଣାଳୟ ଦ୍ୱାରା ନିର୍ଦ୍ଦେଶିତ ଶତ ପ୍ରତିଶତ ଫ୍ଲାଏ ପାଉଁଶର ବ୍ୟବହାର କେବଳ ଫ୍ଲାଏ ପାଉଁଶ ଉତ୍ପାଦକ, ପରିବହନକାରୀ ଏବଂ ଶେଷ ବ୍ୟବହାରକାରୀଙ୍କ ମିଳିତ ପ୍ରୟାସ ଦ୍ୱାରା ନିଶ୍ଚିତ ହୋଇପାରିବ । ଏହି ବୈଠକରେ ଅଂଶ ଗ୍ରହଣ କରିଥିବା ସମସ୍ତ ବ୍ୟକ୍ତି ମିଳିତ ଭାବେ ଫ୍ଲାଏ ପାଉଁଶର ଉପଯୋଗ ପାଇଁ ୧୦୦% ପର୍ଯ୍ୟନ୍ତ ମିଳିତ ପ୍ରୟାସ କରିବାକୁ ସହମତ ହୋଇଥିଲେ । ଏହି ବୈଠକରେ ଅକ୍ଟୋବର ୨୦୨୦ରୁ ମାର୍ଚ୍ଚ ୨୦୨୧ ମଧ୍ୟରେ ଅନ୍ତତଃ ପକ୍ଷେ ଏକ ନିୟୁତ ଟନ୍ ଫ୍ଲାଏ ପାଉଁଶ ପରିବହନ କରାଯାଇପାରିବ ବୋଲି ଆକଳନ କରାଯାଇଥିଲା । ଭିଡ଼ିଓ କନଫରେନ୍ସିଂ ଲିଙ୍କ ମାଧ୍ୟମରେ ଏହି ବୈଠକ କରାଯାଇଥିଲା ଯେଉଁଥିରେ ପୂର୍ବତଟ ରେଳପଥର ବାଣିଜ୍ୟକ, ପରିଚାଳନା, ଫାଇନାନ୍ସ ଏବଂ ମେକାନିକାଲ୍ ବିଭାଗ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ । ଆଲୋଚନା ସମୟରେ ଟାଟା ଷ୍ଟିଲ ବିଏସଏଲ ଲିମିଟେଡ଼, ଜିଏମଆର ଏନର୍ଜି ଲିମିଟେଡ଼, ଏନଟିପିସି କଣିହାଁ ଓ ଏନଟିପିସି ସୀମାଦ୍ରୀ ଏବଂ ଡାଲମିଆ ସିମେଂଟ ଭାରତ ଲିମିଟେଡ଼ର ପ୍ରତିନିଧିମାନେ ଭାଗନେଇଥିଲେ । ପୂର୍ବତଟ ରେଳପଥ ବ୍ୟବସାୟ ବିକାଶ ୟୁନିଟ୍ ଗ୍ରାହକ ଏବଂ ଶିଳ୍ପ ସହିତ ବାରମ୍ବାର ଯୋଗାଯୋଗରେ ଥାଇ ପାରମ୍ପରିକ ପରିବହନ ଢ଼ାଂଚାରେ ରେଳବାଇର ଅଂଶକୁ ମଜବୁତ କରିବା ସହିତ ରେଳବାଇରେ ବିଭିନ୍ନ ଅଣ-ସାମଗ୍ରୀ ଯାତାୟତ ବୃଦ୍ଧି କରିବା ଉପାୟ ଅନୁସନ୍ଧାନ କରୁଛି ଯାହାକି ଦେଶର ପରିବହନ କ୍ଷେତ୍ରରେ ରେଳବାଇର ଅଂଶକୁ ଆହୁରି ବୃଦ୍ଧି କରାଯାଇ ପାରିବ ।

# କରୋନାରେ ରାଇରଙ୍ଗପୁର ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କ ମୃତ୍ୟୁ: ଜିଲ୍ଲା ପୋଲିସ ପକ୍ଷରୁ ଶ୍ରଦ୍ଧାଳି ପ୍ରଦାନ

ବାରିପଦା,୦୯।୧୦ (ନି.ପ୍ର): କରୋନାରେ ଆଉ ଜଣେ କୋଭିଡ ଯୋଦ୍ଧାଙ୍କର ପ୍ରାଣ ଗଲା । କରୋନା ଯୁଦ୍ଧରେ ଶେଷରେ ପରାସ୍ତ ହେଲେ ରାଇରଙ୍ଗପୁରର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଶୋକ କୁମାର ପଟ୍ଟନାୟକ । ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସନ୍ଧ୍ୟାରେ ମୃତ୍ୟୁ ବରଣ କରିଥିବା ସୂଚନା ମିଳିଛି । ସୂଚନାନୁସାରେ, ସେପ୍ଟେମ୍ବର ୧୬ ତାରିଖରେ ପଟ୍ଟନାୟକଙ୍କ କରୋନା ପଜିଟିଭ ରିପୋର୍ଟ ଆସିବା ପରେ ଅଧିକ ଚିକିତ୍ସା ପାଇଁ ବାରିପଦା ସ୍ଥିତ ବାଙ୍କିଶୋଳ କିମ୍ସ କୋଭିଡ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ତେବେ ସେଠାରେ ସ୍ୱାସ୍ଥ୍ୟବସ୍ଥାରେ



କୌଣସି ଉନ୍ନତି ନ ଆସିବାରୁ ତାଙ୍କୁ ଭୁବନେଶ୍ୱର କିମ୍ସ କୋଭିଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି । ସ୍ୱର୍ଗତଃ ପଟ୍ଟନାୟକ ଜଣେ ଦକ୍ଷ, ଅଭିଜ୍ଞ ଓ ବରିଷ୍ଠ ପୋଲିସ ଅଧିକାରୀ ଭାବେ ସୁପରିଚିତ ଥିଲେ । ରାଇରଙ୍ଗପୁର ପୋଲିସ ଜିଲ୍ଲାରେ ଅତିରିକ୍ତ ଏସପି ଭାବେ କାର୍ଯ୍ୟରତ ଥିଲେ । ଅବସର ପାଇଁ ଆଉ ଦୁଇ ବର୍ଷ ପରେ ସେ ଅବସର ଗ୍ରହଣ କରିଥାନ୍ତେ । ଏହି ଖବର ପ୍ରସାରିତ ହେବା ପରେ ସମଗ୍ର ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି । ଏନେଇ ବିଭିନ୍ନ ମହଲରୁ ସ୍ୱର୍ଗତଃ ପଟ୍ଟନାୟକଙ୍କ ଅମର ଆତ୍ମାର ସଦଗତି କାମନା କରାଯାଇଛି । ଅତିରିକ୍ତ ଏସପି ଅଶୋକ ପଟ୍ଟନାୟକଙ୍କୁ ବାରିପଦାର ରିଜର୍ଭ ପୋଲିସ ପରିସରରେ ଆଜି ଶ୍ରଦ୍ଧାଳି ପ୍ରଦାନ କରାଯାଇଛି । ସ୍ୱର୍ଗତ ପଟ୍ଟନାୟକଙ୍କୁ ମୟୂରଭ ଜିଲ୍ଲାପାଳ ଭିନିତ ଭରଦ୍ୱାଜ, ପୂର୍ବାଂଚଳ ଆଇଜି ଦିପ୍ତେଶ ପଟ୍ଟନାୟକ, ମୟୂରଭ ଏସପି ସ୍ମିତ ପି. ପରମାର ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଳି ଅର୍ପଣ କରିଥିଲେ । ତାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ଓ ନୀରବ ପ୍ରାର୍ଥନା କରି ଅମର ଆତ୍ମାର ସଦଗତି କାମନା କରାଯିବା ସହିତ ଶୋକ ସନ୍ତୋପ୍ତ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରାଯାଇଛି ।

# କରୋନା ବିରୁଦ୍ଧରେ ଲଢ଼ିବା ପାଇଁ ଜନ ଆନ୍ଦୋଳନ ଅଭିଯାନରେ ସମ୍ବଲପୁର ମଣ୍ଡଳ ଶପଥପାଠ

ସମ୍ବଲପୁର,୦୯।୧୦ (ନି.ପ୍ର): ସ୍ୱଚ୍ଛ ଭାରତର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଜନ ଆନ୍ଦୋଳନ ଅଭିଯାନ ଅନ୍ତର୍ଗତ ଜନସାଧାରଣଙ୍କ ଯୋଗଦାନକୁ ପ୍ରୋତ୍ସାହିତ କରିବା ତଥା କରୋନା ଭାଇରସ ବିରୁଦ୍ଧରେ ଲଢ଼ିବା ପାଇଁ ପୂର୍ବତଟ ରେଳବାଇ ସମ୍ବଲକୁର ମଣ୍ଡଳର କର୍ମଚାରୀ, ରେଳ ବ୍ୟବହାରକାରୀ ଏବଂ ଯାତ୍ରୀ ମାନଙ୍କୁ ମାସ୍କ ପିନ୍ଧିବା, ହାତ ଧୋଇବା, ସାମାଜିକ ଦୂରତା ବଜାୟ ରଖିବା ଆଦି ପ୍ରମୁଖ ବିଶେଷତ୍ୱକୁ ପାଳନ କରିବା ପାଇଁ ନିବେଦନ କରିଅଛି । ଏହି ଅବସରରେ ମଣ୍ଡଳ ରେଳ ପ୍ରବନ୍ଧକ, ସମ୍ବଲପୁର ପ୍ରଦୀପ କୁମାର, ରେଳ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ନିଜେ କିମ୍ବା ନିଜ ସହକର୍ମୀମାନେ ଯେପରି କୋଭିଡ଼-୧୯ ଦ୍ୱାରା ସଂକ୍ରମିତ ନ ହେବେ ସଦା ସର୍ବଦା ମନେ ରଖିବା ସହ ସତର୍କ ରହିବାକୁ ଶପଥପାଠ କରାଇଥିଲେ । ଯେପରି ଏହି ମାରାତ୍ମକ ଭୂତାଣୁ ଅଧିକ ନ ବ୍ୟାପେ ସେଥିପ୍ରତି ସମସ୍ତ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା, କୋଭିଡ଼ ପାଇଁ ଉଦ୍ଦିଷ୍ଟ ନିୟମାବଳୀକୁ ଅନୁସରଣ କରିବା ସହ ଅନ୍ୟ ମାନଙ୍କୁ ମଧ୍ୟ ପ୍ରୋତ୍ସାହିତ କରିବା, ସର୍ବସାଧାରଣ ସ୍ଥାନରେ ମାସ୍କ ପିନ୍ଧିବା, ମୁହଁ ଘୋଡ଼ାଇବା, ଅନ୍ୟ ମାନଙ୍କଠାରୁ ନ୍ୟୁନତମ ୬ ଫୁଟ ଦୂରତା ରକ୍ଷା କରିବା, ନିଜ ହାତ ବାରମ୍ବାର ସାବୁନ୍ ଓ ପାଣିରେ ଧୋଇବା ଏବଂ ସମସ୍ତେ ମିଳିମିଶି କୋଭିଡ଼-୧୯ ବିରୋଧି ସଂଗ୍ରାମରେ ବିଜୟୀ ହେବା ପାଇଁ ଶପଥପାଠ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ, ଏଲ.ଭି.ଏସ.ଏସ ପାତ୍ରୁଡୁ, ସମସ୍ତ ଅଧିକାରୀ ଏବଂ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମ ଭର୍ଚୁଆଲ ମାଧ୍ୟମରେ କୋଭିଡ଼ ପ୍ରୋଟୋକଲ ବଜାୟ ରଖି ଆୟୋଜିତ ହୋଇଥିଲା ।

# ଭଦ୍ରକ ପୌରପାଳିକା କର୍ମଚାରୀଙ୍କ କଲମ ଛାଡ ଆନ୍ଦୋଳନ

ଭଦ୍ରକ, ୯/୧୦ (ହି.ସ.) - ଭଦ୍ରକ ପୌରପାଳିକାର ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ଜଣେ ଠିକାଦାର ଆକ୍ରମଣ କରିବା ପ୍ରତିବାଦରେ କର୍ମଚାରୀମାନଙ୍କ ପକ୍ଷରୁ ଥାନାରେ ଏକ ମାମଲା ରୁଜୁ ହେବା ସହ କଲମଛାଡ ଆନ୍ଦୋଳନ କରାଯାଇଛି । ଅପରପକ୍ଷରେ ଠିକାଦାରଙ୍କୁ ସଂପୃକ୍ତ ଜେଇ ଆକ୍ରମଣ କରିଥିବାର ଅଭିଯୋଗ ନେଇ ଟାଉନ୍ ଥାନାରେ ମଧ୍ୟ ଆଉ ଏକ ଅଭିଯୋଗ ଦିଆଯାଇଛି । ଠିକାଦାରଙ୍କ ପକ୍ଷରୁ ପ୍ରଥମ ମାମଲା କରାଯାଇଥିବାବେଳେ ପୌରପାଳିକା ପକ୍ଷରୁ ଦ୍ୱିତୀୟଟି ରୁଜୁ ହୋଇଛି । ପ୍ରାପ୍ତ ଖବରରୁ ଯାହା ଜଣାଯାଏ ପୌରପାଳିକାର ୨୪ ନଂ ୱାର୍ଡର ଜଣେ ପୌର ଠିକାଦାରଙ୍କ ନାମରେ ୨ ଗୋଟି କାମ ପାଇଥିବା ଶଶିକାନ୍ତ ପରିଡା ନାମକ ଜଣେ ଉପ ଠିକାଦାର ନିଜ କାମ ବିଷୟରେ ପୌର କାର୍ଯ୍ୟାଳୟକୁ ବୁଝିବାକୁ ଯାଇଥିବାବେଳେ ଉକ୍ତ କାମକୁ ଅନ୍ୟ ଜଣେ ଠିକାଦାରଙ୍କୁ ଦେଇଦେବାକୁ ତାଙ୍କୁ ବାଧ କରାଯାଇଥିଲା । ସେ ଏଥିରେ ଅରାଜି ହେବାରୁ ପୌର ଜେଇ ଲାଲା ଦେବାଶିଷ ରାୟ ଏବଂ କାର୍ଯ୍ୟାଳୟର ତାଙ୍କର ସହଯୋଗୀମାନେ ତାଙ୍କ ପ୍ରତି ମିଳିତ ଆକ୍ରମଣ କରି ତାଙ୍କର ମୁଣ୍ଡ ଫଟାଇ ଦେଇଥିଲେ । ଅପରପକ୍ଷରେ ସଂପୃକ୍ତ ଠିକାଦାର ନିଶାସକ୍ତ ଅବସ୍ଥାରେ ସେମାନଙ୍କ ପ୍ରତି ଦୁର୍ବ୍ୟବହାର କରିଥିବାବେଳେ ମୋଟର ସାଇକେଲ୍‌ରୁ ଭଡି ଆହତ ହୋଇଥିଲେ । ଏବଂ ସେହି ଦୁର୍ଘଟଣାର କ୍ଷତକୁ କନିଷ୍ଠ ଯନ୍ତ୍ରୀ ଶ୍ରୀ ରାୟଙ୍କ ଉପରେ ମିଥ୍ୟାରେ ଲଦି ଦେଇଥିବା ବିଷୟ ସେ ଅଭିଯୋଗ କରିଛନ୍ତି । ତେବେ ପୌର ଠିକାଦାରୀ କାମରେ ପିସି ପ୍ରସଙ୍ଗକୁ ନେଇ ଉଭୟ ଠିକାଦାର ଏବଂ କନିଷ୍ଠ ଯନ୍ତ୍ରୀଙ୍କ ମଧ୍ୟରେ ଏହି ଗଣ୍ଡଗୋଳର ସୂତ୍ରପାଇ ହୋଇଥିବା ବିଷୟ ଆଲୋଚନା ହେଉଛି । ସର୍ବପରି ଏହି ଘଟଣାକୁ ନେଇ ଆଜି ପୌର କର୍ମଚାରୀ ସଂଘ ପକ୍ଷରୁ କଲମ ଛାଡ ଆନ୍ଦୋଳନ ଆରମ୍ଭ ହୋଇ ଏ ସଂପର୍କରେ ଜିଲାପାଳ ଓ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପତ୍ର ଦିଆଯାଇଥିବା ବିଷୟ ଜଣାପଡିଛି ।

# ସିନାପାଲିରେ ବିଜୁ ଜନତା ଦଳ ତରଫରୁ ମହିଳା ସମାବେଶ

ନୂଆପଡା,୦୯।୧୦ (ନି.ପ୍ର): ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଟିମନପୁର ଠାରେ ବିଜୁ ଜନତା ଦଳ ତରଫରୁ ଜିଲ୍ଲା ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲଙ୍କ ସଭାପତିତ୍ୱରେ ଜନସଂପର୍କ ପଦଯାତ୍ରା ତଥା ଜନସଚେତନତା ଅଭିଯାନ ଅବସରରେ ଏକ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏହି ସମାବେଶରେ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକଲାପ ଉପରେ ଆଲୋଚନା କରିବା ସହ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ କରୋନା ମହାମାରୀରୁ ରକ୍ଷା ପାଇବା ପାଇଁ ସଚେତନ କରାଯାଇଥିଲା । ଲୋକଙ୍କୁ ମାସ୍କ ବଂଟନ କରିବା ସହ ସଚେତନ ହୋଇ ଘରେ ସୁରକ୍ଷିତ ରହିବାକୁ ପରାମର୍ଶ ଦିଆଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାୟକ, ମହିଳା ପର୍ଯ୍ୟବେକ୍ଷକ ମିରା ପରିଡା, ସିନାପାଲି ମହିଳା ମୋର୍ଚ୍ଚା ସଭାନେତ୍ରୀ ମନ୍ଦାକିନୀ ବଘେଲ, ଜିଲ୍ଲା ପରିଷଦ ସଦସ୍ୟା ଦୋଲକାନ୍ତୀ ମାଝୀ, ପୂର୍ବତନ ଜିଲ୍ଲା ପରିଷଦ ଜାନକୀ ଘିଭେଲା, ରମେଶ ତିଓାରୀ, ସିନାପାଲି ବ୍ଲକ ସଭାପତି ବିରେନ୍ଦ୍ର ଖମାରୀ, ସମ୍ପାଦକ ଦୈତାରୀ ମେହେର, ଟିମନପୁର ସରପଂଚ କେଦାର ବନ୍ଦିଛୋର ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ସମସ୍ତ କର୍ମକର୍ତା ସାମିଲ ହୋଇ ସହଯୋଗ କରିଥିଲେ ।

# କରୋନା ଆକ୍ରାନ୍ତ ମହାକାଳପଡ଼ା ବିଧାୟକ ଅତନୁଙ୍କ ଆଶୁ ଆରୋଗ୍ୟ କାମନା କରି ସମୂହ ଦୀପଦାନ

କେନ୍ଦ୍ରାପଡ଼ା,୦୯।୧୦ (ନି.ପ୍ର): କରୋନାରେ ଆକ୍ରାନ୍ତ ହୋଇଥିବା ମହାକାଳପଡ଼ା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ଗୁରୁବାର ସଂନ୍ଧ୍ୟାରେ ଇଚ୍ଛାପୁର ସ୍ଥିତ ଶ୍ରୀ ବଳଦେବଜୀଉଙ୍କ ମନ୍ଦିରରେ ସମୂହ ଦୀପଦାନ କରାଯାଇଛି । ପୂର୍ବତନ କାଉନସିଲର ହିରଣ୍ୟ କୁମାର ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଦୀପଦାନ କାର୍ଯ୍ୟକ୍ରମରେ ଜିଲ୍ଲା ଯୁବ ବିଜେଡ଼ି ସଭାପତି ରାଜେଶ ଦାସ, ରଞ୍ଜିତ ସାହୁ, ଯଯାତିକେଶରୀ ମହାନ୍ତି, ଛାତ୍ର ବିଜେଡ଼ି ସଭାପତି ପ୍ରଦୀପ କୁମାର ସାହୁ, କାଳୀପ୍ରସାଦ ମିଶ୍ର, ମଙ୍ଗଳବରଣ ସିଂ, ଅଙ୍ଗୁଳେଇ ପଚାଂୟତ ସରପଚଂ ଦୁର୍ଗାବତୀ ପ୍ରଧାନ, ସମିତି ସଭ୍ୟ ଅଜୟ ରାଉତ, ବଳଭଦ୍ର ପଣ୍ଡା, ଦୀନବନ୍ଧୁ ନାୟକ, ରାକେଶ ସାହୁ, ମାଧବାନନ୍ଦ ପାତ୍ର, ବିଜୟ କୁମାର ମଣ୍ଡଳ, ଜଗନ୍ନାଥ ସ୍ୱାଇଁ, ନାରାୟଣ ସାହୁ, ରେବତୀରମଣ ଦାସ, ଦେବାଶିଷ କୁବେର, ଧିରେନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ଶ୍ରୀଜୀଉଙ୍କ ପାଖରେ ସମୁହ ଦୀପଦାନ କରି ବିଧାୟକ ଶ୍ରୀ ନାୟକଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ ।

# ସୁନ୍ଦରଗଡ ଜିଲ୍ଲାର ବିଭିନ୍ନ ଡାକ୍ତରଖାନାର ହଜାର ହଜାର ରୋଗୀଙ୍କର ବର୍ଯ୍ୟ ପାଣି ମିଶୁଛି ବ୍ରାହ୍ମଣୀରେ

**ଲୋକଙ୍କୁ ଘାରିଲାଣି ସଂକ୍ରମଣର ଭୟ : ପବିତ୍ର ବ୍ରାହ୍ମଣୀ ନଦୀ ଉପରେ ଅତ୍ୟାଚାର ବନ୍ଦ ହେବ କେବେ**

ରାଉରକେଲା,୦୯।୧୦ (ନି.ପ୍ର): ସୁନ୍ଦରଗଡ ଜିଲ୍ଲା ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀରେ ଦିନକୁ ଦିନ ପ୍ରଦୁଷଣର ମାତ୍ରା ବଢିବାରେ ଲାଗିଛି । ଜିଲ୍ଲାରେ ଥିବା ଡାକ୍ତରଖାନା ଗୁଡିକରେ ରହୁଥିବା ହଜାର ହଜାର ରୋଗୀଙ୍କର ମଇଲା ପାଣି ପ୍ରତିଦିନ ନଦୀରେ ମିଶୁଥିବା ବେଳେ ଏବେ କୋଭିଡ୍ ରୋଗୀଙ୍କ ପାଣି ମଧ୍ୟ ମିଶିବାରେ ଲାଗିଛି । ସୁନ୍ଦରଗଡ ଜିଲ୍ଲାରେ ଥିବା ବ୍ରାହ୍ମଣୀ ନଦୀର ପବିତ୍ରତାକୁ ନେଇ ଅନେକ କଥା ରହିଛି । ସବୁଦିନ ଅନେକ ଭକ୍ତ ଏହି ନଦୀରେ ବୁଡ ପକାଇ ନିଜକୁ ଧନ୍ୟ ମନେ କରୁଛନ୍ତି । କିନ୍ତୁ, ଏହି ନଦୀ ଉପରେ ଦିନକୁ ଦିନ ଅତ୍ୟାଚାର ବଢି ଚାଲିଛି । କଳକାରଖାନାର ଜାବତୀୟ ଅଳିଆ ପାଣିକୁ ଏହି ନଦୀକୁ କାରଖାନା ଗୁଡିକ ବିନା ପରିଚାଳନାରେ ଛାଡୁଥିବା ବେଳେ ସମଗ୍ର ଇସ୍ପାତ ସହରର ଅଳିଆ ପାଣି ବିନା ଟ୍ରିଟମେଂଟରେ ଏହାରି ଭିତରକୁ ପ୍ରତି ମୁହୁର୍ତରେ ଛଡା ଚାଲିଛି, ତାହାରି ଭିତରେ ଥିବା ସହରର ଡାକ୍ତରଖାନା ଗୁଡିକର ଅଳିଆ ପାଣି ନଦୀରେ ଆଗରୁ ବିନା ପରିଚାଳନାରେ ମିଶୁଥିଲା କିନ୍ତୁ ବର୍ତମାନ କୋଭିଡ ଡାକ୍ତରଖାନା ହୋଇଥିବା ଡାକ୍ତରଖାନା ଗୁଡିକର ଅଳିଆ ପାଣି ବିନା ଟ୍ରିଟମେଂଟରେ ମଧ୍ୟ ସିଧା ସଳଖ ବ୍ରାହ୍ମଣୀରେ ମିଶିବାରେ ଲାଗିଛି । ଏନେଇ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡ ସମେତ ଦାୟିତ୍ୱରେ ଥିବା ଅଧିକାରୀ ମାନେ ନୀରବ ଦ୍ରଷ୍ଟା ସାଜିଥିବାର ଅଭିଯୋଗ ହେଉଛି । ସହରରେ ଥିବା ଆଇଜିଏଚ, ସୁନ୍ଦରଗଡ ସରକାରୀ ଡାକ୍ତରଖାନା, ରାଉରକେଲା ସରକାରୀ ଡାକ୍ତରଖାନା, ସିଡବ୍ଲୁସି ଡାକ୍ତରଖାନା, ହାଇଟେକ୍, ଆସ୍ଥା ଭେଷଜ, କେଟିଏଚ, ସୁପରସ୍ପେସାଲିଟି ଡାକ୍ତରଖାନା ଗୁଡିକର ୨୦୧୯ ସଜ୍ୟା ସଂଖ୍ୟାକୁ ଯଦି ହିସାବକୁ ନିଆଯାଏ, ତେବେ ଏହାର ପରିମାଣ ୧୫୫୦ ଥିଲା । ବର୍ତମାନ ଏହାର ସଂଖ୍ୟା ୨୦୦୦ରୁ ଅଧିକ ବୋଲି କୁହାଯାଉଛି । ଏହାଛଡା ଅନେକ ଡାକ୍ତରଖାନା ରହିଛି ଯେଉଁମାନେ ତାଙ୍କ ଡାକ୍ତରଖାନା ଚଳାଇଥିଲେ ବି ସେମାନେ ଏହି ତାଲିକାକୁ ଆସି ନାହାନ୍ତି । ଯେମିତିକି ଲାଇଫ୍ ଲାଇନ ଡାକ୍ତରଖାନା, ଇଏସଆଇ ଡାକ୍ତରଖାନା ଓ ଆହୁରି ଅନେକ । ଏମାନଙ୍କ ସଜ୍ୟାକୁ ଯଦି ହିସାବକୁ ନିଆଜିବ ତାହାର ପରିମାଣ ୧୦୦୦ ହେବ ବୋଲି କୁହାଯାଛି । ସେହିଭଳି ବର୍ତମାନ କୋଭିଡ୍ ଡାକ୍ତରଖାନା ହୋଇଥିବା ଜୟପ୍ରକାଶର ୩୦୭ ଶଜ୍ୟା ଥିବା ସରକାରୀ ସୂତ୍ରରୁ ଜଣାପଡିଥିବା ବେଳେ, ଅନ୍ୟତମ କୋଭିଡ୍ ଡାକ୍ତରଖାନା ମେମୋରିଆଲ, ହାଇଟେକ ଓ ନୂଆକରି ହୋଇଥିବା କୋଭିଡ୍ ଡାକ୍ତରଖାନା ମନୁ ପଟ୍ଟନାୟକ ଡାକ୍ତରଖାନାର ଆନୁମାନିକ ଶଜ୍ୟା ସଂଖ୍ୟାକୁ ମିଶାଇଲେ କୋଭିଡ୍ ଡାକ୍ତରଖାନା ଗୁଡିକର ଶଜ୍ୟା ସଂଖ୍ୟା ପ୍ରାୟ ୮୦୦ ହେବ ବୋଲି କୁହାଯାଉଛି । ମୋଟ୍ ଉପରେ ଦେଖିବାକୁ ଗଲେ ଜିଲ୍ଲାରେ ସରକାରୀ ବେସରକାରୀ ଓ ବର୍ତମାନ କୋଭିଡ୍ ଛାପ ନେଇଥିବା ଡାକ୍ତରଖାନା ଗୁଡିକର ସଜ୍ୟା ସଂଖ୍ୟା ପ୍ରାୟ ୪୦୦୦ ହେବ ବୋଲି କୁହାଯାଉଛି । ଏହି ସବୁ ଡାକ୍ତରଖାନା ଗୁଡିକ ମଧ୍ୟରୁ କେବଳ ଜେପି ଡାକ୍ତରଖାନା ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡର ନିୟମକୁ ମାନିଥିବା ବେଳେ, ଅନ୍ୟ ମାନେ ନିଜ ହିସାବରେ ଚାଲିଛନ୍ତି । ଏପରିକି ୩ କୋଭିଡ୍ ଡାକ୍ତରଖାନା ମଧ୍ୟ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡ ୭ର ନିୟମକୁ ମାନି ନଥିବା ଖବର ମିଳିଛି । ଏମାନେ ନିଜ ଡାକ୍ତରଖାନାରୁ ବାହାରୁଥିବା ବର୍ଯ୍ୟ ଜଳର ସଠିକ ପରିଚାଳନା ଲାଗି ଆଜିଯାଏ କୌଣସି ବ୍ୟବସ୍ଥା ନକରି ବର୍ଯ୍ୟଜଳ ଗୁଡିକୁ ସିଧା ସଳଖ ନଦୀକୁ ଛାଡି ଦେଇଛନ୍ତି ବୋଲି ଅଭିଯୋଗ ହେଉଛି । ଖାଲି ସେତିକି ନୁହେଁ, ଏହି ସବୁ ସ୍ଥାନରୁ ବାହାରୁଥିବା କଠିନ ଅଳିଆକୁ ପରିଚାଳନା ଲାଗି ଏକ ଠିକା ସଂସ୍ଥା ଦାୟିତ୍ୱ ନେଇଛି ବୋଲି ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡ କହୁଥିବା ବେଳେ ଏହି ଅଫିସ, ଯାହା ଆରଜିଏଚ ପାଖରେ ଓ ଜିଲ୍ଲାର ବିଭିନ୍ନ ସ୍ଥାନରେ ରହିଛି ତାହା ତାଲା ପଡି ରହିଛି । ଡିସପୋଜାଲ ସିରିଞ୍ଜକୁ କିଛି ଲୋକ ବାଛି ନେଇ ଯାଉଥିବା ବେଳେ, ଅନ୍ୟ ଗୁଡିକୁ ଏମାନେ ଏଣେ ତେଣେ ଫୋପାଡିଦେଉଥିବା ଅଭିଯୋଗ ହେଉଛି । ଅନେକ ସମୟରେ ନଦୀକୂଳରେ ଏଭଳି ଅଳିଆ ଦେଖା ଯାଉଥିବା ବେଳେ ବିପିୟୁଟି ପାଖରେ ଥିବା ଖାଲି ଯାଗାରେ ମଧ୍ୟ ମେଡିକାଲ ଅଳିଆ ପଡୁଥିବାର ଅଭିଯୋଗ ହେଉଛି । ସୁନ୍ଦରଗଡ ଜିଲ୍ଲାରେ ଯଦି ଡାକ୍ତରଖାନାର ଅଳିଆ ପାଣି ଓ ବର୍ଯ୍ୟ ବସ୍ତୁର ପରିଚାଳନା ଏଇଆ ହୁଏ ଓ ରାଜ୍ୟ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡ କେବଳ ଦେଖଣାହାରି ହୁଏ ତେବେ ବ୍ରାହ୍ମଣୀ ଉପରେ ପ୍ରଦୁଷଣର ଚାପ ଦିନକୁ ଦିନ ଆହୁରି ବଢିବ । ଏହା ଦ୍ୱାରା ନଦୀ ଉପରେ ନିର୍ଭର କରୁଥିବା ଲୋକଙ୍କ ଦୁଃଖ ଆଗକୁ ବଢିବ ଏବଂ ସେମାନେ ବିଭିନ୍ନ ପ୍ରକାର ସଂକ୍ରମକ ରୋଗର ଶିକାର ହେବେ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ବୋଲି ମତ ପ୍ରକାଶ ପାଇଛି ।

# ଘରେ ଘରେ ଅରୁଣିମା ଅକ୍ଟୋବର ମାସର କାର୍ଯ୍ୟକ୍ରମ: ପ୍ରାକ୍ ବିଦ୍ୟାଳୟ ଶିଶୁମାନଙ୍କର ପ୍ରକୃତି ସହ ପରିଚୟ

ଭୁବନେଶ୍ୱର,୦୯।୧୦ (ନି.ପ୍ର): ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା କୋଭିଡ୍-୧୯ ମହାମାରୀ ସମୟରେ ଶିଶୁମାନଙ୍କୁ ସୃଜନାତ୍ମକ କାର୍ଯ୍ୟକଳାପରେ ନିୟୋଜିତ ରଖି ସେମାନଙ୍କ ଶାରୀରିକ ଓ ମାନସିକ ବିକାଶ ପାଇଁ ଆରମ୍ଭ କରାଯାଇଥିବା ଘରେ ଘରେ ଅରୁଣିମା କାର୍ଯ୍ୟକ୍ରମରେ ଅକ୍ଟୋବର ମାସରେ ପ୍ରକୃତି ସହିତ ପରିଚିତ କରିବା ନିମନ୍ତେ ପ୍ରୟାସ କରାଯାଇଛି । ଅକ୍ଟୋବର ମାସ ପାଇଁ ବିଷୟବସ୍ତୁ ରହିଛି ଗଛ, ପତ୍ର, ଫୁଲ ଓ ଫଳ । ପୂର୍ବରୁ ଅରୁଣିମା କ୍ୟାଲେଣ୍ଡର ଜରିଆରେ ମୋ ଶରୀର ମୁଁ ଆଉ ମୋ ପରିବାର ଏବଂ ପଶୁପକ୍ଷୀଙ୍କ ସମ୍ପର୍କରେ ଶିକ୍ଷା ପ୍ରଦାନ କରାଯାଇଥିଲା । ଘରେ ଘରେ ଅରୁଣିମା କ୍ୟାଲେଣ୍ଡରରେ କୋଭିଡ଼-୧୯ ମହାମାରୀ ସମୟରେ ନିଜର ତଥା ଅନ୍ୟମାନଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେବା ସହ ହାତଧୁଆ ଅଭ୍ୟାସ, ମାସ୍କ ବ୍ୟବହାର, ସାମାଜିକ ଦୂରତା ରକ୍ଷା ଓ ଅନ୍ୟାନ୍ୟ ସୁଅଭ୍ୟାସ ସହ ଗଛ, ପତ୍ର, ଫୁଲ ଓ ଫଳ ସମ୍ବନ୍ଧୀୟ ଧାରଣା ପ୍ରଦାନ କରାଯାଇଛି । ବିଭିନ୍ନ ଗଛପତ୍ର, ଫୁଲଫଳ ଆଦି ସମ୍ବନ୍ଧରେ ଗୀତ, ଗପ, ଖେଳ, ଚିତ୍ର ଓ ଅଭିୟନ ଏବଂ ସଂଗୀତ ମାଧ୍ୟମରେ ଶିକ୍ଷା ଦାନ କଲେ ଏହା ବିଶେଷ କୌତୁହଳପ୍ରଦ ହେବ । ମାତାପିତା ଓ ଅଭିଭାବକମାନେ ଘରେ କିପରି ଉତମ ଦାୟିତ୍ୱବୋଧତାର ସହିତ ଏକ ଆନନ୍ଦପୂର୍ଣ୍ଣ ବାତାବରଣ ମଧ୍ୟରେ ଶିଶୁକୁ ଶିକ୍ଷା ପ୍ରଦାନ କରିପାରିବେ ତାହା ଘରେ ଘରେ ଅରୁଣିମା କ୍ୟାଲେଣ୍ଡରରେ ପ୍ରଦତ ହୋଇଛି । ଗତ ସେପ୍ଟେମ୍ବର ଶେଷ ସପ୍ତାହରେ ସମସ୍ତ ଆଇସିଡିଏସ୍ ପ୍ରକଳ୍ପକୁ ଏହି କ୍ୟାଲେଣ୍ଡର ପ୍ରେରଣ କରାଯାଇଛି । ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲା ସମାଜମଙ୍ଗଳ ଅଧିକାରୀଙ୍କୁ ଏ ବାବଦରେ ପତ୍ର ଲେଖି ଅବଗତ କରାଯାଇଛି । ଯେଉଁ ପିତାମାତା/ଅଭିଭାବକ ମାନଙ୍କ ଆଣ୍ଡ୍ରଏଡ଼ ଫୋନ ଏବଂ ଇଂଟରନେଟ୍ ସୁବିଧା ଅଛି, ସେମାନଙ୍କୁ ହ୍ୱାଟସଆପ୍ ମାଧ୍ୟମରେ ଘରେ ଘରେ ଅରୁଣିମା ଅକ୍ଟୋବର ମାସର କ୍ୟାଲେଣ୍ଡର ପ୍ରେରଣ କରାଯାଇଛି ଏବଂ ସେମାନଙ୍କୁ ୟୁଟ୍ୟୁବ୍ ଲିଙ୍କ ପ୍ରଦାନ କରାଯାଇଛି । ଯେଉଁମାନଙ୍କ ଆଣ୍ଡ୍ରଏଡ୍ ଫୋନ୍‌ର ସୁବିଧା ନାହିଁ ସେମାନଙ୍କୁ ଏ-୩ କାଗଜରେ ଛପା ଯାଇଥିବା ଅରୁଣିମାର ରଙ୍ଗୀନ କ୍ୟାଲେଣ୍ଡର ଅଙ୍ଗନବାଡ଼ି କର୍ମୀମାନେ ଘରେ ପହଂଚି ପ୍ରଦାନ କରୁଛନ୍ତି । ପ୍ରତି ଜିଲ୍ଲାରେ ସମୁଦାୟ ପ୍ରାକ୍ ବିଦ୍ୟାଳୟ ପିଲାମାନଙ୍କ ମଧ୍ୟରୁ କେତେଜଣ ଅକ୍ଟୋବର ମାସର କ୍ୟାଲେଣ୍ଡର ପାଇଛନ୍ତି ସେ ସମ୍ପର୍କରେ ଅକ୍ଟୋବର ୭ ତାରିଖ ସୁଦ୍ଧା ବିଭାଗକୁ ସାର୍ଟିଫିକେଟ୍ ପ୍ରଦାନ କରିବା ସହ ଅଙ୍ଗନବାଡ଼ି କର୍ମୀମାନେ ଘରେ ପହଂଚାଇଥିବାର ଫଟୋଚିତ୍ରକୁ ହ୍ୱାଟସ୍‌ଆପ୍ ମାଧ୍ୟମରେ ପଠାଇବାକୁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଇତି ମଧ୍ୟରେ ରାଜ୍ୟର ସମସ୍ତ ଜିଲ୍ଲାରେ ପ୍ରାକ୍ ବିଦ୍ୟାଳୟ ଶିଶୁମାନେ ଏହି କ୍ୟାଲେଣ୍ଡର ପାଇଥିବା ରିପୋର୍ଟ ବିଭାଗର ହସ୍ତଗତ ହୋଇଛି । ଶିଶୁମାନେ ଏହି ନୂତନ କ୍ୟାଲେଣ୍ଡର ମାଧ୍ୟମରେ କିଭଳି ଶିକ୍ଷା ଲାଭ କରୁଛନ୍ତି ତାର ସୁନ୍ଦର ସୁନ୍ଦର ଚିତ୍ର ବିଭାଗକୁ ଆଇସିଡିଏସ୍ କାର୍ଯ୍ୟକର୍ତାମାନେ ପ୍ରେରଣ କରିଛନ୍ତି । କୋଭିଡ଼-୧୯ ମହାମାରୀ ସମୟରେ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ବନ୍ଦ ଥିବାରୁ ଘରେ ଘରେ ଅରୁଣିମା କ୍ୟାଲେଣ୍ଡର ଆବଂଟନ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ । ବିଭାଗର ଟେଲି ମନିଟରିଂ ଟିମ୍ ହିତାଧିକାରୀଙ୍କ ପରିବାର ସହ ଫୋନ୍ କରି ଏହାର କାର୍ଯ୍ୟକାରିତା ତଦାରଖ କରୁଛନ୍ତି । କୋଭିଡ଼୍ ନିୟମାବଳୀର ଅନୁପାଳନ ପୂର୍ବକ ପ୍ରତ୍ୟେକ ପ୍ରାକ୍ ବିଦ୍ୟାଳୟ ଶିଶୁଙ୍କ ପାଖରେ ଏହି କ୍ୟାଲେଣ୍ଡର ପହଂଚାଇବାକୁ ବିଭାଗ ତରଫରୁ ସୁନିର୍ଶ୍ଚିତ କରାଯାଉଛି ।

# ଗୋଛାପଡା ପୁଲିସ ଜବତ କଲା ବାଇକ ସମେତ ୧୭ କିଗ୍ରା ଗଞ୍ଜେଇ ଜଣେ ଗିରଫ

କନ୍ଧମାଳ,୦୯।୧୦ (ନି.ପ୍ର): ଗୋଛାପଡା ଥାନା ପୁଲିସ ବୁଧବାର ଦିନ ପ୍ରାୟ ୨ଟାବେଳେ ଗଞ୍ଜେଇ ଚାଲାଣ ହେଉଥିବାବେଳେ କୌଣସି ସୁତ୍ରରୁ ଖବର ଗୋଛାପଡା ବାଲନ୍ଦାପଡା ରାସ୍ତାରେ ଥିବା କାମଟଣା ନିକଟରେ ଗୋଟିଏ ବାଇକକୁ ଚଢାଉ କରିଥିଲା । ବାଇକ ଅରୋହୀ ଗୋଟିଏ ବସ୍ତାରେ ୧୭ କିଗ୍ରା ଗଞ୍ଜେଇ ନେଇ ଯାଉଥିବାବେଳେ ପୋଲିସ ତାକୁ ଜବତ କରିବା ସହିତ ଏହି ସଂକ୍ରାନ୍ତରେ ଜଣକୁ ଗିରଫ କରିଛି । ଚାଲାଣକାରୀ ଗୋଛାପଡା ଥାନା ଅଂଚଳର ଡାମାରାଜୁ ଗାଁର ଦେବରାଜ ଦିଗାଲ (୫୫) ବୋଲି ଜଣାପଡିଛି । ପୁଲିସ ଚାଲାଣ କାର୍ଯ୍ୟରେ ନିୟୋଜିତ ଏକ ହୀରୋ ବାଇକ ଓଆର-୦୨-ବିୟୁ-୫୪୧୭ ଓ ଗଞ୍ଜେଇ ଜବତ କରିବା ସହିତ ଏହିସଂକ୍ରନ୍ତରେ ଏକ ମାମଲା ୭୦/୨୦୨୦ ରୁଜୁ କରି ଦେବରାଜକୁ ଗିରଫ କରି ତାକୁ ଆଜି କୋର୍ଟ ଚାଲାଣ କରିଥିବା ଗୋଛାପଡା ଥାନା ଅଧିକାରୀ ତୃପ୍ତିରଞ୍ଜନ ନାୟକ ସୁଚନା ଦେଇଛନ୍ତି ।

# ଗୋବିନ୍ଦ ଗୋଧାମ ଗୋଶାଳା ପରିଦର୍ଶନ କଲେ ସିଡିଭିଓ

ପୁରୀ,୦୯।୧୦ (ନି.ପ୍ର): କିଛି ଦିନ ତଳେ ଗୋରୁ ଚାଲାଣକୁ ଅଟକାଇ ଗାଇଗୁଡିକ ଜବତ କରି ପୁରୀ ସଦର ଥାନା ପୁଲିସ ଗୋବିନ୍ଦ ଗୋଧାମ ଗୋଶାଳାକୁ ପଠାଇଥିଲେ । ଆଜି ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ (ସିଡିଭିଓ) ଡା. ପ୍ରସନ୍ନ କୁମାର ପୃଷ୍ଟି , ଭେଟେନାରୀ ଡେପୁଟି ଡାଇରେକ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ ପରିଦର୍ଶନରେ ଯାଇ ଗାଇଗୁଡିଙ୍କ ସ୍ୱାସ୍ଥ୍ୟବସ୍ଥା ପରକ୍ଷା କରିଥିଲେ । ଗାଇମାନଙ୍କ ରହିବା ସ୍ଥାନ ପରିଷ୍କାର ଓ ପରିଛନ୍ନ ରଖିବା ପାଇଁ ପରାମର୍ଶ ଦେଇଥିଲେ । ଗୋଖାଦ୍ୟ ରଖିବା ସ୍ଥାନ, ପାଣିର ସୁବ୍ୟବସ୍ଥା ଓ ବିଦ୍ୟୁତ୍ ସ୍ଥିତି ନେଇ ଯାଂଚ୍ କରିଥିଲେ । ଏହି ଯାଂଚ୍ ସମୟରେ ଗୋଶାଳାର ପ୍ରତିଷ୍ଠାତା ତଥା ସଂପାଦକ ପଣ୍ଡିତ ବିଷ୍ଣୁଚରଣ ପଣ୍ଡା, ମ୍ୟାନେଜର ଦିଲ୍ଲୀପ କୁମାର ମହାନ୍ତି, ହରପ୍ରସାଦ ମହାପାତ୍ର, କୈଳାସଚନ୍ଦ୍ର ପଣ୍ଡା, ମନୋଜ କୁମାର ପଣ୍ଡା, ବିକାଶ ହୋତା, ସର୍ବେଶ୍ୱର ପଣ୍ଡା, ପୁରୁଷୋତମ ପଣ୍ଡା, ଗଣେଶ୍ୱର ପଣ୍ଡା, ପିତାମ୍ବର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ବିଶିଷ୍ଟ ଅର୍ଥନୀତିଜ୍ଞ ସାଧୁଚରଣ ସିଂହଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ

ଭୁବନେଶ୍ୱର,୦୯।୧୦ (ନି.ପ୍ର): ବିଶିଷ୍ଟ ଅର୍ଥନୀତିଜ୍ଞ ଓ ବରିଷ୍ଠ ବିଜେପି କାର୍ଯ୍ୟକର୍ତା ସାଧୁଚରଣ ସିଂହଙ୍କ ବିୟୋଗରେ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଏବଂ ବିରୋଧୀ ଦଳ ନେତା ଶ୍ରୀ ପ୍ରଦୀପ୍ତ କୁମାର ନାଏକ ଗଭୀର ଶୋକ ବ୍ୟକ୍ତ କରିବା ସହ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରି ସ୍ୱର୍ଗତଃ ଆତ୍ମାର ସଦଗତି କାମନା କରିଛନ୍ତି । ୯୨ ବର୍ଷୀୟ ସ୍ୱର୍ଗତଃ ସିଂହ ୧୯୫୦ ମସିହାରେ କେନ୍ଦ୍ରାପଡା ଜିଲ୍ଲା ଆଳି ହାଇସ୍କୁଲର ପ୍ରଧାନ ଶିକ୍ଷକ ଥିଲେ । ପରବର୍ତୀ ସମୟରେ ପ୍ରଶାସନିକ ସେବାରେ ଯୋଗଦାନ କରି ବାଣିଜ୍ୟକର କମିଶନର ଭାବେ ଅବସର ଗ୍ରହଣ କରିଥିଲେ । ଅବସର ଗ୍ରହଣ ପରେ ସ୍ୱର୍ଗତଃ ସିଂହ ନବେ ଦଶକରେ ଭାରତୀୟ ଜନତା ପାର୍ଟୀରେ ଯୋଗଦାନ କରିଥିଲେ । ପାର୍ଟୀର ବୁଦ୍ଧିଜୀବି ପ୍ରକୋଷ୍ଠରେ ଦୀର୍ଘ ଦିନ ଧରି ସଦସ୍ୟ ଥିଲେ । ଗତ ସେପ୍ଟେମ୍ବର ୨୮ ତାରିଖ ଦିନ ସ୍ୱର୍ଗତଃ ସିଂହ ନିଜ ଭୁବନେଶ୍ୱରର ସତ୍ୟନଗରସ୍ଥିତ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ଏଭଳି ଦୁଃଖଦ ସମୟରେ ତାଙ୍କ ପରିବାରବର୍ଗଙ୍କୁ ଅସୀମ ଧର୍ଯ୍ୟ ଓ ସାହସ ପ୍ରଦାନ କରିବା ପାଇଁ ଶ୍ରୀ ମହାନ୍ତି ଏବଂ ଶ୍ରୀ ନାଏକ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ।

# ବିଫଳ ଶାସନ ଓ ଚରମ ଅବ୍ୟବସ୍ଥାର ସରକାର ବିଜେଡି : କଂଗ୍ରେସ ପ୍ରଭାରୀ

ଭୁବନେଶ୍ୱର,୯।୧୦ (ନି.ପ୍ର): ରାଜ୍ୟରେ ଆଇନ୍‌ର ଶାସନ ନାହିଁ କହିଲେ ଚଳେ। ଗଣତନ୍ତ୍ରରେ ନିର୍ବାଚିତ ପ୍ରତିନିଧିଙ୍କ ଦ୍ୱାରା ଶାସନ ବ୍ୟବସ୍ଥା ଚାଲିବା ପରିବର୍ତ୍ତେ କିଛି ମୁଷ୍ଟିମେୟ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ଶାସନ ବ୍ୟବସ୍ଥାକୁ ନିୟନ୍ତ୍ରଣ କରାଯାଉଛି। ରାଜ୍ୟରେ ପଂଚାୟତିରାଜ ବ୍ୟବସ୍ଥା ସଂପୂର୍ଣ୍ଣ ଫେଲ୍ ମାରିଛି ଏବଂ ବିଧାୟକ ତଥା ମନ୍ତ୍ରୀମାନଙ୍କର ପ୍ରଶାସନିକ କାର୍ଯ୍ୟରେ କୌଣସି ଭୂମିକା ରହୁନାହିଁ। କରୋନା ବିପତି ସମୟରେ ମାସ୍କ, ଭେଂଟିଲେଟର ତଥା ବିଭିନ୍ନ ଚିକିତ୍ସା ଉପକରଣ କିଣିବାରେ ରାଜ୍ୟ ସରକାରଙ୍କ କୋଟି କୋଟି ଟଙ୍କାର ଦୁର୍ନୀତି ଏ ସରକାରର ସମ୍ବେଦନହୀନତାକୁ ପଦାରେ ପକାଇ ଦେଇଛି। ପ୍ରଭୁ ଜଗନ୍ନାଥ ଏଭଳି ସମ୍ବେଦନହୀନ ସରକାରକୁ କଦାପି କ୍ଷମା କରିବେ ନାହିଁ ବୋଲି କହି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି ନବନିଯୁକ୍ତ କଂଗ୍ରେସ ପ୍ରଭାରୀ ଡ. ଏ. ଚେଲାକୁମାର। ଶୁକ୍ରବାର କଂଗ୍ରେସ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ପ୍ରଭାରୀ କହିଛନ୍ତି ଯେ ଓଡିଶା ଭଳି ପ୍ରାକୃତିକ ସଂପଦରେ ଭରପୁର ପ୍ରଦେଶର ଜନତା କର୍ମନିଯୁକ୍ତି ନ ପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ରାଜ୍ୟର ଋଣ ପରିମାଣ ବୃଦ୍ଧି ପାଇ ୧,୩୦,୦୦୦ କୋଟିରେ ପହଂଚିଛି। ରାଜ୍ୟର ୩୫ଟି ବୃହତ୍ ଶିଳ୍ପ କଂଗ୍ରେସ ଶାସନ ସମୟରେ ପ୍ରତିଷ୍ଠା ହୋଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସମୟରେ 'ହଜାର ଦିନରେ ହଜାର ଶିଳ୍ପ' ଓଡିଶାର ଶିଳ୍ପାୟନ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଥିଲା ଏବଂ ତା ସହିତ ୨.୫ ଲକ୍ଷ ମଧ୍ୟମ ଓ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରାଯାଇଥିଲା। କଂଗ୍ରେସ ସରକାର ସମୟରେ ଓଡିଶାରେ ୯ଟି ସୂତାକଳ ପ୍ରତିଷ୍ଠା ହୋଇଥିଲା। କିନ୍ତୁ ବର୍ତ୍ତମାନ ସମସ୍ତ ଶିଳ୍ପ ପ୍ରତିଷ୍ଠାନ ବିଜେଡି ସରକାର ସମୟରେ ବନ୍ଦ ହୋଇଯାଇଛି ବୋଲି ସେ କହିଛନ୍ତି। ଓଡିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିଲେ ମଧ୍ୟ କଂଗ୍ରେସ ସରକାର ସମୟରେ ପ୍ରତିଷ୍ଠା ହୋଇଥିବା ବୃହତ୍ ଜଳସେଚନ ପ୍ରକଳ୍ପ ତଥା ୧୨ଟି ମଧ୍ୟମ ଜଳସେଚନ ପ୍ରକଳ୍ପକୁ ବାଦ୍ ଦେଇ ଗୋଟିଏ ବି ଜଳସେଚନ ପ୍ରକଳ୍ପ ବିଗତ ୨୧ ବର୍ଷ ଭିତରେ କରାଯାଇନାହିଁ। ଓଡିଶାରେ ବେକାରୀ ସମସ୍ୟା ଅନ୍ୟ ରାଜ୍ୟ ତୁଳନାରେ ଅତି ଉତ୍କଟ ଏବଂ ଏହା ୨୪ ପ୍ରତିଶତ। ଶିକ୍ଷା କ୍ଷେତ୍ରରେ ବିଗତ ୨୧ ବର୍ଷ ଭିତରେ ଓଡିଶା ଅତ୍ୟନ୍ତ ଦୟନୀୟ ସ୍ଥିତିରେ ପହଂଚିଛି। ପାଖାପାଖି ୨୦ ହଜାର ସ୍କୁଲ ବନ୍ଦ ହେବାକୁ ବସିଛି ଏବଂ ପ୍ରାଥମିକ ସ୍ତରରେ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା ଓଡିଶାରେ ସର୍ବାଧିକ। ନିକଟରେ ଓଡିଶା ବିଶ୍ୱ ବିଦ୍ୟାଳୟ ସଂଶୋଧନ ଆଇନ୍ ଭଳି ଏକ କଳା ଆଇନ୍ କରାଯାଇ ବିଶ୍ୱ ବିଦ୍ୟାଳୟରେ ସରକାରୀ ହସ୍ତକ୍ଷେପ ପାଇଁ ରାସ୍ତା ପରିଷ୍କାର କରାଯାଇଛି। ଏହା ଓଡିଶା ଶିକ୍ଷା ବ୍ୟବସ୍ଥା ପ୍ରତି ଚରମ ଉପହାସ। ଓଡିଶାର ସ୍ୱାସ୍ଥ୍ୟ ସେବା ଅତ୍ୟନ୍ତ ବିପର୍ଯ୍ୟସ୍ତ। ଶିଶୁ ମୃତ୍ୟୁରେ ଓଡିଶା ସମଗ୍ର ଦେଶରେ ୩ ନମ୍ବର ସ୍ଥାନରେ ଥିବା ବେଳେ ୫ ବର୍ଷରୁ କମ୍ ଶିଶୁଙ୍କ ମୃତ୍ୟୁରେ ସମଗ୍ର ଦେଶରେ ୨ୟ ସ୍ଥାନ ଅଧିକାର କରିଛି। ରାଜ୍ୟରେ ୬୫ ପ୍ରତିଶତ ଶିଶୁ ଅପପୃଷ୍ଟିର ଶିକାର ହେଉଥିବା ବେଳେ ୪୮ ପ୍ରତିଶତ ମହିଳା ଅପପୃଷ୍ଟିର କବଳରେ କବଳିତ। ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ, ବିଧାୟକ ଦଳ ନେତା ଶ୍ରୀ ନରସିଂହ ମିଶ୍ର, ପିସିସି କାର୍ଯ୍ୟକାରୀ ସଭାପତି ଶ୍ରୀ ପ୍ରଦୀପ ମାଝୀ, ସାଂସଦ ଶ୍ରୀ ସପ୍ତଗିରି ଉଲାକା ଓ ପୂର୍ବତନ ଅର୍ଥମନ୍ତ୍ରୀ ଶ୍ରୀ ପଂଚାନନ କାନୁନ୍‌ଗୋଙ୍କ ଉପସ୍ଥିତିରେକୁ ସମ୍ବୋଧନ କରିଥିଲେ।

## ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୯।୧୦ (ନି.ପ୍ର):ଆଜି ଖୋର୍ଦ୍ଧା ଜିଲ୍ଲାରେ ୪୮୨ ଟି ନୂଆ କରୋନା ମାମଲା ସାମନାକୁ ଆସିବା ପରେ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢି ୪୨,୭୬୨ ହୋଇଛି। ରାଜା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି।

ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୫୩୧୦, ବାଲେଶ୍ୱର ଜିଲ୍ଲାରେ ୮୪୬୫ , ବରଗଡ ଜିଲ୍ଲାରେ ୭୨୫୭, ଭଦ୍ରକ ଜିଲ୍ଲାରେ ୫୮୩୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ୫୧୩୦. ବୌଦ୍ଧ ଜିଲ୍ଲାରେ ୨୧୧୪, କଟକ ଜିଲ୍ଲାରେ ୨୨,୭୬୬, ଦେବଗଡ ଜିଲ୍ଲାରେ ୭୯୪, ଢେଙ୍କାନାଳ ଜିଲ୍ଲାରେ ୪୨୭୫. ଗଜପତି ଜିଲ୍ଲାରେ ୩୬୮୫, ଗଂଜାମ ଜିଲ୍ଲାରେ ୨୦୫୫୦ , ଜଗତସିଂହପୁର ଜିଲ୍ଲାରେ ୫୯୩୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଯାଜପୁର ଜିଲ୍ଲାରେ ୯୩୩୨, ଝାରସୁଗୁଡା ଜିଲ୍ଲାରେ ୫୨୦୨, କଳାହାଣ୍ଡି ଜିଲ୍ଲାରେ ୩୮୮୪, କନ୍ଧମାଳ ୫୦୦୬, କେନ୍ଦ୍ରାପଡା ଜିଲ୍ଲାରେ ୬୦୬୯, କେନ୍ଦୁଝର ଜିଲ୍ଲାରେ ୫୦୫୭ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କୋରାପୁଟ ଜିଲ୍ଲାରେ ୬୫୫୮ , ମାଲକାନଗିରି ଜିଲ୍ଲାରେ ୪୦୬୪, ମୟୁରଭଂଜ ଜିଲ୍ଲାରେ ୯୧୬୨. ନବରଙ୍ଗପୁର ଜିଲ୍ଲାରେ ୪୨୬୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ନୟାଗଡ ଜିଲ୍ଲାରେ ୫୨୭୧, ନୂଆପଡା ଜିଲ୍ଲାରେ ୪୦୪୩ , ପୁରୀ ଜିଲ୍ଲାରେ ୧୧,୧୨୭, ରାୟଗଡା ଜିଲ୍ଲାରେ ୭୭୦୭. ସମ୍ବଲପୁର ଜିଲ୍ଲାରେ ୬୯୭୧ . ସୁବର୍ଣ୍ଣପୁର ଜିଲ୍ଲାରେ ୩୫୪୫ ଓ ସୁନ୍ଦରଗଡ ଜିଲ୍ଲାରେ ୮୩୭୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।ରାଜ୍ୟପୁଲରେ ଆକ୍ରାନ୍ତଙ୍କ ସଂଖ୍ୟା ବଢି ୬୩୩୪ ହୋଇଛି।

## ବାଲେଶ୍ୱରରେ ଉତ୍କଳମଣି ଗୋପବନ୍ଧୁଙ୍କ ୧୪୩ତମ ଜୟନ୍ତୀ



ବାଲେଶ୍ୱର,୯।୧୦ (ନି.ପ୍ର): ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୩ତମ ଜୟନ୍ତୀ ବାଲେଶ୍ୱର 'ସମାଜ' ସଂସ୍କରଣ ପକ୍ଷରୁ ବୁଧବାର ସକାଳେ ପାଳିତ ହୋଇଯାଇଛି। ଗାନ୍ଧୀ ସ୍ମୃତି ଭବନ ନିକଟରେ ଥିବା ଗୋପବନ୍ଧୁ ପାର୍କ ସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ କୋଭିଡ଼ ନିୟମ ପାଳନ ସହ ସମୂହ ମାଲ୍ୟାର୍ପଣ ଓ ପୁଷ୍ପ ଅର୍ପଣ କରାଯାଇଥିଲା। ସକାଳ ସାଢ଼େ ୮ଟା ବେଳେ ମାସିକ ସାହିତ୍ୟ ପତ୍ରିକା 'ରେବତୀ'ର ସମ୍ପାଦିକା ତଥା ସମାଜସେବୀ ସୁବାସିନୀ ଜେନା, ପୂର୍ବତନ ପୌରାଧ୍ୟକ୍ଷ ଆଲୋକ କୁମାର ସାହୁ, ଗିରୀଶ ଦାସ, ଶତ୍ରୁଘ୍ନ ମଲ୍ଲିକ, କବି ପ୍ରଶାନ୍ତ ଦାସଙ୍କ ସହ ବାଲେଶ୍ୱର ସଂସ୍କରଣର ମୁଖ୍ୟ ମଧୁସୂଦନ ଦାସ, ବ୍ୟୁରୋମୁଖ୍ୟ କୁଳମଣି ବାରିକ, ଡେସ୍କ ଇନଚାର୍ଜ ଶଶୀରଞ୍ଜନ ମଲ୍ଲିକ, ରାଜେଶ ଗିରି ପ୍ରମୁଖ ଗୋପବନ୍ଧୁଙ୍କ ପ୍ରତିମର୍ତ୍ତିରେ ମାଲ୍ୟାର୍ପଣ ଓ ପୁଷ୍ପ ଅର୍ପଣ କରିଥିଲେ। ଗୋପବନ୍ଧୁଙ୍କ ଜୟନ୍ତୀ ଅବସରରେ ଶ୍ରୀମତୀ ଜେନା କହିଥିଲେ ଯେ ଦୀନଦୁଃଖୀଙ୍କ ସମସ୍ୟାରେ ଭାଗୀଦାର ହୋଇଛନ୍ତି ଗୋପବନ୍ଧୁ। ଏବେକାର ପୀଢ଼ି ତାଙ୍କ ସମ୍ପର୍କରେ ଅବଗତ ନାହାନ୍ତି। ତାଙ୍କ ଆଦର୍ଶରେ ସାରା ଦେଶ ଅନୁପ୍ରାଣିତ ହୋଇଛି। ବାଲେଶ୍ୱର ତଥା ଉତ୍ତର ଓଡ଼ିଶା ସହିତ ତାଙ୍କର ଘନିଷ୍ଠ ସମ୍ପର୍କ ରହିଥିଲା। ତାଙ୍କ ନାଁରେ ରାସ୍ତା ନାମିତ କରାଯିବାକୁ ସମୂହ ପ୍ରଚେଷ୍ଟା କରାଯିବା ଉଚିତ ବୋଲି କହିଥିଲେ। ଗୋପବନ୍ଧୁଙ୍କ ପଦାଙ୍କ ଅନୁସରଣ କରି ଆମେ ସମାଜ ସେବା କରିପାରୁ ନାହୁଁ। ତେଣୁ ତାଙ୍କ ପଦାଙ୍କ ଅନୁକରଣ କରିବା ଆବଶ୍ୟକ। ସଭ୍ୟତା ଥିବା ପର୍ଯ୍ୟନ୍ତ ତାଙ୍କ ମାନସ ସନ୍ତାନ 'ସମାଜ' ରହିଥିବ ଓ ଗୋପବନ୍ଧୁ ଲୋକଙ୍କ ମନ ମଧ୍ୟରେ ଥିବେ। ତେବେ ବର୍ତ୍ତମାନର ଯୁବପିଢ଼ୀ ଗୋପବନ୍ଧୁଙ୍କଠାରୁ ଶିଖିବା ଆବଶ୍ୟକ। ଶିକ୍ଷାର ମାନ ଭୁଷୁଡ଼ି ପଡ଼ିଥିବା ବେଳେ ଗୋପବନ୍ଧୁ ଶିକ୍ଷାକୁ ଗୁରୁତ୍ୱ ଦେଇଥିଲେ। ବକୁଳ ବନରେ 'ସତ୍ୟବାଦୀ ବନ ବିଦ୍ୟାଳୟ' ପ୍ରତିଷ୍ଠା କରି ମୌଳିକ ଶିକ୍ଷାପ୍ରତି ଗୁରୁତ୍ୱ ଦେଇଥିଲେ। ତେଣୁ ଶିକ୍ଷା ଓ ମାନବ ସେବା ଉପରେ ଗୁରୁତ୍ୱ ଦେଉଥିବା ଗୋପବନ୍ଧୁଙ୍କ ଭଳି ମହାମନିଷୀଙ୍କୁ ବର୍ତ୍ତମାନର ପିଢ଼ୀ ମନେ ପକାଇବା ସହିତ ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହେବା ଉଚିତ ବୋଲି ବକ୍ତାମାନେ କହିଥିଲେ। ଏହି ଅବସରରେ ଷ୍ଟେସନ ଛକସ୍ଥିତ କାର୍ଯ୍ୟାଳୟରେ ଗୋପବନ୍ଧୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ସେହିପରି ଖାନନଗରରେ ଥିବା ପ୍ରିଣ୍ଟିଂ ପ୍ରେସରେ ମଧ୍ୟ ଗୋପବନ୍ଧୁଙ୍କ ପ୍ରତିମର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ସମାଜର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଥାୟାରାମା ମହିଳା ଡିଗ୍ରୀ ମହାବିଦ୍ୟାଳୟର ନିଜସ୍ୱ ୱେବ୍‌ସାଇଟ ଲୋକାର୍ପିତ




ଗୁଣୁପୁର,୯।୧୦ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର ସହର ସ୍ଥିତ ଥାୟାରାମା ଡିଗ୍ରୀ ମହିଳା ମହାବିଦ୍ୟାଳୟର ନିଜସ୍ୱ ୱେବସାଇଟ ଲୋକାର୍ପିତ କରାଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ସରୋଜ କୁମାର ସିୟା ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ୱେବସାଇଟର ଆବଶ୍ୟକତା, ଗୁରୁତ୍ୱ ଏବଂ ଏହାଦ୍ୱାରା ଉପଲବ୍ଧ ସମସ୍ତ ସୁବିଧା ଉପରେ ତଥ୍ୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ଦୁର୍ଗା ପ୍ରସାଦ କର ଯୋଗଦେଇ ଏହାଦ୍ୱାରା ଛାତ୍ରୀ, ଅଭିଭାବକ ଏବଂ ସାଧାରଣ ଲୋକେ ମହାବିଦ୍ୟାଳୟର ସମସ୍ତ ଆବଶ୍ୟକୀୟ ତଥ୍ୟ, ଭିତ୍ତିଭୂମି, ସାଧାରଣ ଅଭିଯୋଗ ଏବଂ ଶିକ୍ଷା ସମ୍ବନ୍ଧୀୟ ସମସ୍ତ ବିଷୟ ଜାଣିବା ନିମନ୍ତେ ସହାୟକ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପିକା ସୁଶ୍ରୀ ସସ୍ମିତା ସାହୁ ଯୋଗଦେଇ ମହାବିଦ୍ୟାଳୟ ପାଇଁ ସ୍ୱତନ୍ତ୍ର ୱେବସାଇଟ ଆବଶ୍ୟକତା ରହିଥିଲା। ଯଦ୍ୱାରା ବହୁ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକୀୟ ତଥ୍ୟ ସାଧାରଣ ଲୋକେ ଜାଣିପାରିବେ, ଆଜି ଏହା ଉନ୍ମୋଚିତ କରାଯାଇଥିବା ଉଦ୍ୟକ୍ତାଙ୍କୁ ଭୁୟସୀ ପ୍ରଶଂସା କରିଥିଲେ।ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପିକା ଅନୁପମା ତୁଳ, ହେମଲତା ବାଜୁବନ୍ଧ, ହରପ୍ରିୟା ଶତପଥି, ଅଧ୍ୟାପକ ସନ୍ତୋଷ କୁମାର ବିଶ୍ୱାସରାୟ ଏବଂ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ଆଧାପିକ ସସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଧାନସଭା ପରିସରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର,୯।୧୦ (ନି.ପ୍ର): ଓଡ଼ିଶା ବିଧାନସଭା ଆନୁକୂଲ୍ୟରେ ଶୁକ୍ରବାର ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର ବିଧାନସଭା ପ୍ରାଙ୍ଗଣରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସଂସ୍କାରକ ତଥା ସମାଜସେବୀ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବିଧାନସଭା ସଚିବ ଶ୍ରୀ ଦାଶରଥୀ ଶତପଥୀଙ୍କ ସମେତ ବିଧାନସଭାର ପଦାଧିକାରୀ ଓ କର୍ମଚାରୀମାନେ ମଧ୍ୟ ଏହି ମହାନ ବରପୁତ୍ରଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ଗୋଟିଏ ଦିନରେ ୨୬୯୭ କରୋନା ଆକ୍ରାନ୍ତ ଚିହ୍ନଟ : ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୪୬୮୩୯

ଭୁବନେଶ୍ୱର,୯।୧୦ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୬୯୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୪୬୮୩୯ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୨୧୬୯୮୪ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୨୮୮୧୧ରହିଛି। ଆଜି ଚିହ୍ନଟ ହୋଇଥିବା ୨୬୯୭ ଜଣଙ୍କ ମଧ୍ୟରୁ ୧୫୭୬ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୧୨୧ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ୪୮୨ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି। ଅନୁଗୁଳ ଜିଲ୍ଲାରେ ୧୦୭ , ବାଲେଶ୍ୱର ଜିଲ୍ଲାରେ ୧୧୫ ଜଣ, ବରଗଡ ଜିଲ୍ଲାରେ ୮୬ , ଭଦ୍ରକ ଜିଲ୍ଲାରେ ୬୬, ବଲାଙ୍ଗିର ଜିଲ୍ଲାରେ ୬୨, ବୌଦ୍ଧ ଜିଲ୍ଲାରେ ୩୧ ,କଟକ ଜିଲ୍ଲାରେ ୨୩୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ଦେବଗଡ ଜିଲ୍ଲାରେ




୧୫. ଢେଙ୍କାନାଳ ଜିଲ୍ଲାରେ ୪୫, ଗଜପତି ଜିଲ୍ଲାରେ ୮, ଗଂଜାମ ଜିଲ୍ଲାରେ ୪୫, ଜଗତସିଂହପୁର ଜିଲ୍ଲାରେ ୬୫, ଯାଜପୁର ଜିଲ୍ଲାରେ ୧୧୮. ଝାରସୁଗୁଡା ଜିଲ୍ଲାରେ ୭୭, କଳାହାଣ୍ଡି ଜିଲ୍ଲାରେ ୪୫, କନ୍ଧମାଳ ଜିଲ୍ଲାରେ ୩୪, କେନ୍ଦ୍ରାପଡା ଜିଲ୍ଲାରେ ୬୯ ,କେନ୍ଦୁଝର ଜିଲ୍ଲାରେ ୭୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି କୋରାପୁଟ ଜିଲ୍ଲାରେ ୪୫ ଜଣ, ମାଲକାନଗିରି ଜିଲ୍ଲାରେ ୪୦ , ମୟୁରଭଂଜ ଜିଲ୍ଲାରେ ୧୩୪, ନବରଙ୍ଗପୁରରେ ୫୧, ନୟାଗଡ ଜିଲ୍ଲାରେ ୩୮, ନୂଆପଡା ଜିଲ୍ଲାରେ ୧୫୩, ପୁରୀ ଜିଲ୍ଲାରେ ୬୪, ରାୟଗଡା ଜିଲ୍ଲାରେ ୩, ସମ୍ବଲପୁର ଜିଲ୍ଲାରେ ୧୦୭ ,ସୋନପୁର ଜିଲ୍ଲାରେ ୬୯ ତଥା ସୁନ୍ଦରଗଡ ଜିଲ୍ଲାରେ ୧୨୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ରାଜ୍ୟ ପୁଲରେ ୯୪ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ପଦ୍ମ ଛାଡ଼ି ପୁଣି ...

ଏବେ ସଦର ବ୍ଲକ ଚେୟାରମ୍ୟାନ ନାରାୟଣ ଚନ୍ଦ୍ର ପ୍ରଧାନ ବିଜେଡି ଶିବିର ଛାଡ଼ି ବିଜେପିରେ ଯୋଗଦାନ ପରେ ଜିଲ୍ଲା ସଭାପତିଙ୍କ ସମେତ କେନ୍ଦ୍ରମନ୍ତ୍ରୀ ତାଙ୍କୁ ବିଜେପିର ପ୍ରାର୍ଥୀ କରାଇବାକୁ ଜିଦ୍ ଧରିଛନ୍ତି। ଏହାକୁ ନେଇ ଦଳର ରାଜ୍ୟ ସଭାପତି ଓ ଅନ୍ୟାନ୍ୟ ପଦସ୍ଥ କର୍ମକର୍ତ୍ତାଙ୍କ ସହ କେନ୍ଦ୍ରମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀଙ୍କ ମତାନ୍ତରରୁ ମନାନ୍ତର ପରିସ୍ଥିତି ସୃଷ୍ଟି ହୋଇଥିବା କର୍ମୀ ମହଲରେ ଆଲୋଚନା ହେଉଛି। ଏମିତିକି ଶ୍ରୀ ପ୍ରଧାନଙ୍କୁ ପ୍ରାର୍ଥୀ କରାନଗଲେ ଶ୍ରୀ ଷଡ଼ଙ୍ଗୀ ମନ୍ତ୍ରୀପଦରୁ ଇସ୍ତଫା ଦେବାର ଧମକ ବି ଦେଇଛନ୍ତି ବୋଲି ଶୁଣିବାକୁ ମିଳୁଛି। ଅନ୍ୟତମ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ହସ୍ତକ୍ଷେପ ପରେ ଏବେ ଶ୍ରୀ ଷଡ଼ଙ୍ଗୀ କୁଆଡ଼େ ନିଜର ସ୍ୱର ପରିବର୍ତ୍ତନ ସହ ମାନସ ପାଇଁ ସବୁଜ ସଙ୍କେତ ଦେଇଥିବା ଆଲୋଚନା ହେଉଛି। ଅନ୍ୟପକ୍ଷରେ ବିଧାୟକ ପ୍ରାର୍ଥୀ ହେବାର ଆଶା ମଉଳିବା ଦେଖି ସଦର ବ୍ଲକ ଚେୟାରମ୍ୟାନ୍ ଶ୍ରୀ ପ୍ରଧାନ ଏବେ ପୁଣି ବିଜେଡି ଶିବିରକୁ ଫେରି ଆସିଥିବା ଜଣାପଡ଼ିଛି। ରାjyସ୍ତରୀୟ ନେତାଙ୍କ ଉପସ୍ଥିତିରେ ସେ ବିଜେଡିରେ ଯୋଗଦାନ କରିଛନ୍ତି। ତେବେ ବିଜେପିର ତୀବ୍ର ଗୋଷ୍ଠୀ କନ୍ଦଳ ଯୋଗୁଁ ଦଳୀୟ ପ୍ରାର୍ଥୀ ଚୟନରେ ଆହୁରି ବିଳମ୍ବ ହେବା ନେଇ ଆଶଙ୍କା ଦେଖାଦେଇଛି। ସେହିଭଳି ବିଜେଡି ପକ୍ଷରୁ ଚଳିତ ନିର୍ବାଚନରେ ନୂଆମୁହଁକୁ ପ୍ରାର୍ଥୀ କରାଇବା ନେଇ ରାଜ୍ୟ ନେତାଙ୍କ ଇଙ୍ଗିତକୁ ନେଇ ଦଳରେ ଆରମ୍ଭ ହୋଇଥିବା କନ୍ଦଳ ଓ ଉତ୍ତେଜନା ଏବେ ଶାନ୍ତ ପଡ଼ିଥିବା କୁହାଯାଉଛି। ତାଙ୍କୁ ଟିକେଟ୍ ନଦେଲେ ବି ତାଙ୍କ ପୁଅକୁ ପ୍ରାର୍ଥୀ କରାଇବାକୁ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ଜିଦ୍ ଧରିଥିବା ବେଳେ ଦଳୀୟ କର୍ମୀମାନେ ଜିଲ୍ଲା ସଭାପତି ତଥା ପୂର୍ବତନ ସାଂସଦ ରବୀନ୍ଦ୍ର ଜେନାଙ୍କୁ ପ୍ରାର୍ଥୀ କରାଇବାକୁ ଦୃଢ଼ ଦାବି କରିଥିଲେ। ଏହା ରାଜ୍ୟସ୍ତରୀୟ ନେତା, ମନ୍ତ୍ରୀ ଓ ପ୍ରଭାରୀଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିବା ସହିତ ସେମାନେ ଅସନ୍ତୁଷ୍ଟଙ୍କୁ ମନାଇବାର ଚେଷ୍ଟା ଜାରି ରଖିଛନ୍ତି। ବାଲେଶ୍ୱର ବିଜେଡି କର୍ମୀ, ଭୋଟର ଓ ବୁଦ୍ଧିଜୀବୀଙ୍କ ଦାବି ତଥା ପ୍ରସ୍ତାବକୁ ଗୁରୁତ୍ୱ ଦେଇ ରାଜ୍ୟସ୍ତରୀୟ ନେତାମାନେ ଶେଷରେ ଜେନା ପରିବାରକୁ ଟିକେଟ୍ ଦେବା ପାଇଁ ମନସ୍ଥ କରିଥିଲେ। ପ୍ରଥମରୁ ଶ୍ରୀ ଜେନାଙ୍କ ସହଧର୍ମିଣୀ ସମାଜସେବୀ ସୁବାସିନୀ ଜେନାଙ୍କ ନାମ ଚର୍ଚ୍ଚାକୁ ଆସୁଥିବା ବେଳେ ଏବେ ଶ୍ରୀ ଜେନାଙ୍କୁ ବିଜେଡି ଟିକେଟ୍ ପ୍ରଦାନ ପାଇଁ ସ୍ଥିର ହୋଇଥିବା କର୍ମୀ ମହଲରେ ଶୁଣିବାକୁ ମିଳିଛି। ତେବେ ବିଜେପି ଓ ବିଜେଡିର ଦଳୀୟ ଟିକେଟ୍ ପାଇଁ ଆଶାୟୀଙ୍କ ସଂଖ୍ୟାବୃଦ୍ଧି ବେଳେ କଂଗ୍ରେସ ପକ୍ଷରୁ ଏବେ ପ୍ରାର୍ଥୀ ଖୋଜା ଚାଲିଥିବା କୁହାଯାଉଛି। ନିର୍ବାଚନ ପାଇଁ ଦଳୀୟ ପ୍ରଦତ୍ତ ପାଣ୍ଠି ବ୍ୟତୀତ ଅତିକମ୍‌ରେ ୧ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିବାର କ୍ଷମତା ଓ ମାନସିକତା ଥିବା ବ୍ୟକ୍ତିଙ୍କୁ ପ୍ରାର୍ଥୀ କରାଇବା ନିମନ୍ତେ ନବଜ୍ୟୋତି ପଟ୍ଟନାୟକଙ୍କ ସମେତ ରାଜ୍ୟସ୍ତରୀୟ ନେତାମାନେ ଏକ ପ୍ରକାର ଘୋଷଣା କରିଛନ୍ତି। ଏହି ଘୋଷଣା ପରେ ଆଶାୟୀଙ୍କ ସଂଖ୍ୟା ଶୂନରେ ପହଞ୍ଚିଥିବା ଜଣାପଡ଼ିଛି। ତେବେ ଅତୀତରେ ଦଳ ବିରୋଧୀ କାର୍ଯ୍ୟ କରିଥିବା କାରଣରୁ ବିକ୍ରମ ପଣ୍ଡାଙ୍କୁ ଟିକେଟ୍ ନ ମିଳିପାରେ ବୋଲି ଛାମୁଆ କର୍ମୀମାନେ କହୁଥିବା ଶୁଣିବାକୁ ମିଳିଛି। ଏଭଳି ସ୍ଥିତିରେ କଂଗ୍ରେସ ପକ୍ଷରୁ ପୁନର୍ବାର ମାନସ ଦାସପଟ୍ଟନାୟକଙ୍କୁ ପ୍ରାର୍ଥୀ କରାଇବାକୁ ଉଦ୍ୟମ ଜାରିଥିବା ଆଲୋଚନା ହେଉଛି। ୩ ଦଳର ଏହି ଅବସ୍ଥା ପ୍ରତ୍ୟେକ ଦଳର କର୍ମୀଙ୍କ ସମେତ ଭୋଟର ତଥା ସାଧାରଣ ଲୋକଙ୍କ ପାଇଁ ଗୋଳମାଳିଆ ସ୍ଥିତି ସୃଷ୍ଟି କରିଛି। ତେବେ ନାମାଙ୍କନର ଗୋଟିଏ ଦିନ ପୂର୍ବରୁ ଅର୍ଥାତ ୧୫ ତାରିଖ ସୁଦ୍ଧା ସବୁଦଳର ଚିତ୍ର ସ୍ପଷ୍ଟ ହୋଇଯିବ ବୋଲି ଅନୁମାନ କରାଯାଉଛି।

### ଭୁବନେଶ୍ୱର-ବାଙ୍ଗାଲୋର ଟ୍ରେନ...

ନୀଲୟମ ଠାରୁ ବାଙ୍ଗାଲୋର ମଧ୍ୟରେ ବାତିଲ କରାଯିବାକୁ ନିଷ୍ପତି ନିଆଯାଇଛି। ଏହି ସମୟ ମଧ୍ୟରେ ବାଙ୍ଗାଲୋର ଠାରୁ ଛାଡିବାକୁ ଥିବା ବିଶେଷ ଟ୍ରେନ ବାଙ୍ଗାଲୋର ପରିବର୍ତ୍ତେ ସତ୍ୟ ସାଇ ପ୍ରଶାନ୍ତି ନୀଲୟମ ରୁ ଭୁବନେଶ୍ୱରକୁ ଯାତ୍ରା ଆରମ୍ଭ କରିବ। ୦୮୪୬୩/ ୦୮୪୬୪ ଭୁବନେଶ୍ୱର-ବାଙ୍ଗାଲୋର-ଭୁବନେଶ୍ୱର ବିଶେଷ ଟ୍ରେନ ଅକ୍ଟୋବର ମାସ ୧୨ରୁ ୧୬ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରୁ ଏବଂ ଅକ୍ଟୋବର ମାସ ୧୩ରୁ ୧୭ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଓ ସତ୍ୟ ସାଇ ପ୍ରଶାନ୍ତି ନୀଲୟମ ମଧ୍ୟରେ ଚଳାଚଳ କରିବ ଏବଂ ସତ୍ୟ ସାଇ ପ୍ରଶାନ୍ତି ନୀଲୟମ ଓ ବାଙ୍ଗାଲୋର ମଧ୍ୟରେ ଉଭୟ ପାର୍ଶ୍ୱରୁ ବାତିଲ ରହିବ।

### ଅପରାଜିତାଙ୍କ ବିରୁଦ୍ଧରେ...

ଜନଜୀବନ ରକ୍ଷା ନିମନ୍ତେ ଭୁବନେଶ୍ୱର ସହର ଗୁରୁତ୍ୱପୂର୍ଣ୍ଣ ସଂଗ୍ରାମ ଚଳାଇବା ସହ କୋଭିଡ୍ ଯୋଦ୍ଧାମାନେ ଦିନରାତି କାର୍ଯ୍ୟ କରୁଛନ୍ତି। ଏଭଳି ଦାୟିତ୍ୱହୀନ କାର୍ଯ୍ୟ ଯୋଗୁଁ ସାଂସଦ ନିଜେ, ତାଙ୍କର ପ୍ରିୟପରିଜନ ଏବଂ ଜନସାଧାରଣ ବିପଦରେ ପଡ଼ିବାର ଆଶଙ୍କା ଅଛି ବୋଲି ଉଲ୍ଲେଖ କରିଛନ୍ତି କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର। ଶ୍ରୀମତୀ ଷଡ଼ଙ୍ଗୀ ଜଣେ ଲୋକପ୍ରତିନିଧି ତଥା ବିଜେପିର ଜାତୀୟ ମୁଖପାତ୍ର ହୋଇଥିବାରୁ ଜନସାଧାରଣ ତାଙ୍କ ଦ୍ୱାରା ପ୍ରଭାବିତ ହେବା ସ୍ୱାଭାବିକ। ତାଙ୍କର ଏତାଦୃଶ କାର୍ଯ୍ୟ ସର୍ବସାଧାରଣଙ୍କୁ କୋଭିଡ୍ ନିୟମ ଉଲ୍ଲଂଘନ କରିବାକୁ ଉତ୍ସାହ ଦେବ ବୋଲି ସେ ଆଶଙ୍କା ବ୍ୟକ୍ତ କରିଛନ୍ତି।

### ବିକିରଣ ନିରୋଧୀ...

ଓ ଏହାର ଏହାର ଆକ୍ରମଣ ଓ ଲକ୍ଷଭେଦ କ୍ଷମତା ଶତ ପ୍ରତିଶତ। ରାଡ଼ାର ଭଳି ବିଭିନ୍ନ ବିକିରଣଠାରୁ ଏହା ନିଜକୁ ରକ୍ଷା କରିବା ସହିତ ଶତ୍ରୁପକ୍ଷର ବିଶେଷ କ୍ଷତି ଘଟାଇ ପାରିବ। ଭାରତୀୟ ବାୟୁସେନାର ଏହା ବହୁତ ଉପଯୋଗୀ ସାବ୍ୟସ୍ତ ହେବ। ଏହି ପରୀକ୍ଷା ପରେ ଭାରତ ଦୂରଗାମୀ ଆଣ୍ଟି ରେଡିଏସନ କ୍ଷେପଣାସ୍ତ୍ର ବିକଶିତ କରିବା ପାଇଁ ନିଜକୁ ପ୍ରସ୍ତୁତ କରିପାରିଛି ବୋଲି ବିଭାଗୀୟ ସୂତ୍ରରୁ ଜଣାଯାଇଛି। ଆକାଶ ମାର୍ଗରୁ ଭୂପୃଷ୍ଠକୁ ନିକ୍ଷେପ କରାଯାଇ ପାରୁଥିବା ଏହି କ୍ଷେପଣାସ୍ତ୍ର ପୂର୍ବରୁ ଏଆରଏମ ନାମରେ ନାମିତ ହୋଇଥିଲା। ୨୦୧୨ରୁ ଭାରତୀୟ ବାୟୁସେନାରେ ଏହା ବ୍ୟବହୃତ ହୋଇ ଆସୁଛି। ଏହାର ଓଜନ ୧୪୦ କିଲୋଗ୍ରାମ ଓ ଲମ୍ବ ୫.୫ ମିଟର ବା ୧୮ ଫୁଟ। ଏହା ୨୫୦ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟ ଭେଦ କରିବାର କ୍ଷମତା ରଖିଥିଲା ବେଳେ ୧୫ କିଲୋମିଟରରୁ ୫୦୦ ମିଟର ପର୍ଯ୍ୟନ୍ତ ଉଚ୍ଚତାରେ ମାକ ୨ ଗତିରେ ଏହା ଲକ୍ଷ୍ୟ ଭେଦ କରଥାଏ। ଏହା ସୁଖୋଇ ୩୦, ମିରେଜ ୨୦୦୦, ତେଜସ ଓ ଜାଗୁଆର ଭଳି ଯୁଦ୍ଧ ବିମାନରେ ଏହା ପୂର୍ବରୁ ବ୍ୟବହାର କରାଯାଇଛି।

### ଲଘୁଚାପ ପ୍ରଭାବରେ...

ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ସ୍ଥିତଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଏହି ଲଘୁଚାପ ପ୍ରଭାବରେ ୧୧ରୁ ୧୩ ତାରିଖ ମଧ୍ୟରେ ଦକ୍ଷିଣ ଓଡ଼ିଶା, ଉପକୂଳ ଓଡ଼ିଶା, ଦକ୍ଷିଣ ଆଭ୍ୟନ୍ତରୀଣ ଓଡିଶା ଏବଂ ଉତର ଉପକୂଳ ଓଡିଶା, ଉତର ଆଭ୍ୟନ୍ତରୀଣ ଓଡିଶାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୧୧ ରୁ୧୨ ତାରିଖ ମଧ୍ୟରେ ଗଜପତି, ରାୟଗଡ଼ା, ଗଞ୍ଜାମ ଓ ପୁରୀ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ରହିଥିବାରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ମାଲକାନଗିରି, କୋରାପୁଟ, କନ୍ଧମାଳ, ଜଗତସିଂହପୁର, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାରେ ବଜ୍ରପାତ ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି୧୩ ତାରଖରେ ମାଲକାନଗିରି, କୋରାପୁଟ, ରାୟଗଡା, ଗଜପତି, ଗଞ୍ଜାମ, ପୁରୀ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ସେଥିପାଇଁ ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଅନ୍ୟପକ୍ଷରେ ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଜଗତସିଂହପୁର, କେନ୍ଦ୍ରାପଡା, କଟକ, ଭଦ୍ରକ, ବାଲେଶ୍ୱର ଜିଲ୍ଲାରେ ବଜ୍ରପାତ ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ଦକ୍ଷିଣ ଓ ଉପକୂଳ ଓଡିଶାରେ ଘଂଟା ପ୍ରତି ୪୫ ,ରୁ ୫୫ କିମି ବେଗରେ ପବନ ବହିପାରେ। ସେହିପରି ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀ ମାନଙ୍କୁ ସମୁଦ୍ର ମଧ୍ୟକୁ ନଯିବାପାଇଁ ସତର୍କ ସୂଚନା ଦିଆଯାଇଛି।

### ପାରାଦୀପ ପେଲେଟ୍ ପ୍ଲାଂଟର...

ଏହି ଅବସରରେ ଶ୍ରୀ ପ୍ରଧାନ ସମନ୍ୱିତ ଇସ୍ପାତ ପେଣ୍ଠସ୍ଥଳି କଳିଙ୍ଗନଗରରେ ସ୍ଥାପନ ହେବାକୁ ଥିବା ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ୍ ପ୍ରତିଷ୍ଠାନରେ ଆର୍ସେଲର ମିତଲ ଏବଂ ନିପନ ଷ୍ଟିଲକୁ ସହଯୋଗ କରିବା ପାଇଁ ଆହ୍ୱାନ କରିଥିଲେ। ଏହାସହ ନିର୍ଦ୍ଧାରିତ ସମୟ ଅନୁସାରେ ପ୍ରକଳ୍ପ ଗୁଡ଼ିକୁ କାର୍ଯ୍ୟକାରୀ କରିବା, ପ୍ରତିଯୋଗିତାମୂଳକ, ଉନ୍ନତମାନର ଇସ୍ପାତ୍, କ୍ୟାପିଟାଲ ଗୁଡ୍ ଏବଂ ଭାରତରେ ବିଶ୍ୱମାନର ଇସ୍ପାତ୍ ବ୍ୟବହାରକୁ ବଢ଼ାଇବା ଦିଗରେ ଦୃଷ୍ଟି ଦେବା ସହ ଭାରତୀୟ ଇସ୍ପାତ୍ ଅଧିକ ହେବା ପାଇଁ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଥିଲେ। ଉଲ୍ଲେଖନୀୟ ଯେ, ଏହି ବୈଠକରେ ଆର୍ସେଲର ମିତଲ କମ୍ପାନୀର ଅଧିକାରୀ ଓ ନିପନ ଷ୍ଟିଲ୍ ଇଣ୍ଡିଆର ଅଧିକାରୀମାନେ ଯୋଗଦେଇ ଭବିଷ୍ୟତର ରୋଡମ୍ୟାପ୍, ଆତ୍ମନିର୍ଭର ଭାରତ ଦୃଷ୍ଟିକୋଣରେ ରାଷ୍ଟ୍ରୀୟ ଇସ୍ପାତ୍ ନୀତିରେ ଲକ୍ଷ୍ୟ ରଖାଯାଇଥିବା ବାର୍ଷିକ ୩୦୦ ମିଲିୟନ ଟନ(ଏମଟିପିଏ)ର ଇସ୍ପାତ ଉତ୍ପାଦନ ଏବଂ ଏଥିରେ ଆର୍ସେଲର ମିତଲ ଓ ନିପନ ଷ୍ଟିଲ୍ ଇଣ୍ଡିଆ ଦ୍ୱାରା କଳ୍ପନା କରାଯାଇଥିବା ୩୦ ମିଲିୟନ ଟନ୍ ଇସ୍ପାତ୍ ଉତ୍ପାଦନ ଉପରେ ଆଲୋଚନା କରାଯାଇଥିଲା।

## ଡ୍ରିମ୍ସ ଆଇଡିଆଲ ସ୍କୁଲ ପକ୍ଷରୁ ଉତ୍କଳମଣି ଜୟନ୍ତୀ

ବାଲେଶ୍ୱର,୯।୧୦ (ନି.ପ୍ର): ଡ୍ରିମ୍ସ୍ ଆଇଡିଆଲ୍ ରେସିଡେନ୍ସିଆଲ୍ ସ୍କୁଲ୍ ପକ୍ଷରୁ ଉତ୍କଳମଣିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସହରର ଗୋପବନ୍ଧୁ ପାର୍କରେ ଆୟୋଜିତ କାର୍ଯ୍ୟକ୍ରମରେ ଚନ୍ଦ୍ରଭାଗା ମୁଖ୍ୟ କବି ଶ୍ରୀଦେବ, ରୋଟାରୀ କ୍ଲବ୍ ସଭାପତି ତଥା ଡ୍ରିମ୍ସ୍ ସ୍କୁଲ୍ ସମ୍ପାଦକ ଭାବଗ୍ରାହୀ ମହାନ୍ତି, ରୋଟାରୀ-ଅନ୍-ସି ଉପଦେଷ୍ଟା ଶେଖ୍ ମୁକ୍ତାର ଅହମ୍ମଦ, ବିଦ୍ୟାପୀଠର ପ୍ରତିଷ୍ଠାତା ଗଙ୍ଗାଧର ଦାସ, ଶ୍ରୀମତୀ ପୁଷ୍ପିତା ମହାନ୍ତି ପ୍ରମୁଖ ଯୋଗଦେଇ ସେଠାରେ ଥିବା ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜଣେ ଆଦର୍ଶବାଦୀ ତଥା ଦରଦୀ ବ୍ୟକ୍ତିତ୍ୱ ଭାବେ ତତ୍କାଳୀନ ଓଡ଼ିଶାର ବିକାଶ ପାଇଁ ଉତ୍କଳମଣି ଗୋପବନ୍ଧୁଙ୍କ ଅବଦାନକୁ ଏ ମାଟି କେବେ ପସୋରି ଯିବ ନାହିଁ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେହାନା ବେଗମ୍, ସତ୍ୟଭାମା ପ୍ରଧାନ, ସ୍ମିତିସୁଧା ଦାସ, ଦୀପାଞ୍ଜଳୀ ଦାସ, ଦେବୀଶ୍ରୀ ଗିରି, ରୂପଶ୍ରୀ ବେହେରା, ଆରତୀ ରାଉଳ, କଳ୍ପନା ବାରିକ, କାବ୍ୟଶ୍ରୀ ସାହାଣୀ, ସ୍ମୃତିରେଖା ନାଏକ, ଲକ୍ଷ୍ମୀଧର ପଣ୍ଡା, ଅରବିନ୍ଦ ହାତୀ, ଦ୍ୱିତୀକୃଷ୍ଣ ମହାନ୍ତି, ରୁନିସିଂ ପ୍ରମୁଖ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଏଥିରେ ଯୋଗଦେଇ ମହାନ ନେତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

ଶନିବାର,୧୦ ଅକ୍ଟୋବର ୨୦୨୦

ଧ୍ୱନି ପ୍ରତିଧ୍ୱନି



## ନୂଆଦିଲ୍ଲୀକୁ ଚାଲିବ ଆଉ ୨ଟି ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର,୯।୧୦ (ନି.ପ୍ର): ଭୁବନେଶ୍ୱରରୁ ନୂଆଦିଲ୍ଲୀ ଅଭିମୁଖେ ଆଉ ଦୁଇଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଇବାକୁ ରେଳ ମନ୍ତ୍ରଣାଳୟ ନିଷ୍ପତି ନେଇଛି। ଆସନ୍ତା ୧୭ ତାରିଖରୁ ଚାଲିବ ଭୁବନେଶ୍ୱର-ଆନନ୍ଦବିହାର ସ୍ପେଶାଲ ଟ୍ରେନ। ଏହି ଟ୍ରେନ୍ ପ୍ରତି ଶନିବାର ଅପରାହ୍ନ ୧୨ଟା ୪୫ରେ ଭୁବନେଶ୍ୱର ଛାଡ଼ିବ। ୧୯ ତାରିଖରୁ ପ୍ରତି ସୋମବାର ସକାଳ ୭ଟା ୫ରେ ଆନନ୍ଦବିହାରରୁ ଛାଡିବ। ସେହିପରି ୨୧ ତାରିଖରୁ ଦୂରନ୍ତ ଏକ୍ସପ୍ରେସ ପ୍ରତି ବୁଧବାର ସକାଳ ୭ଟା ୪୦ରେ ଭୁବନେଶ୍ୱର ଛାଡ଼ିବ।୨୨ ତାରିଖରୁ ପ୍ରତି ଗୁରୁବାର ଅପରାହ୍ନ ୧୨ଟା ୫୫ରେ ନୂଆଦିଲ୍ଲୀରୁ ଛାଡ଼ିବ। ୦୨୮୧୩ ଭୁବନେଶ୍ୱର-ଆନନ୍ଦ ବିହାର ସାପ୍ତାହିକ ବିଶେଷ ଟ୍ରେନ ଭାୟା ଅନୁଗୁଳ-ସମ୍ବଲପୁର ସିଟି-ଝାରସୁଗୁଡା-ରାଉରକେଲା ଅକ୍ଟୋବର ମାସ ୧୭ ତାରିଖ ଠାରୁ ପ୍ରତି ଶନିବାର ଅପରାହ୍ନ ୧୨ ଟା ୪୫ମି.ରେ ଭୁବନେଶ୍ୱରରୁ ଛାଡି ତା' ପରଦିନ ରାତ୍ର ୮ ଟା ୫୦ମି.ରେ ଆନନ୍ଦ ବିହାର ଠାରେ ପହଂଚିବ। ଫେରିବା ମାର୍ଗରେ ୦୨୮୧୪ ଆନନ୍ଦ ବିହାର-ଭୁବନେଶ୍ୱର ସାପ୍ତାହିକ ବିଶେଷ ଟ୍ରେନ ଅକ୍ଟୋବର ମାସ ୧୯ ତାରିଖ ଠାରୁ ଆନନ୍ଦ ବିହାରରୁ ପ୍ରତି ସୋମବାର ସକାଳ ୭ଟା ୫ମି.ରେ ଛାଡି ଭୁବନେଶ୍ୱର ଠାରେ ତା'ପରଦିନ ଅପରାହ୍ନ ୪ଟା ୧୫ମି.ରେ ରେ ପହଂଚିବ । ଏହି ଟ୍ରେନରେ ଗୋଟିଏ ପ୍ରଥମ ଶ୍ରେଣୀ ଏସି, ଗୋଟିଏ ଏସି-୨ ଟାୟାର, ୫ଟି ଏସି -୩ ଟାୟାର, ଆଠଟି ସ୍ଲିପର କ୍ଲାସ, ଦୁଇଟି ଗାର୍ଡ ତଥା ଲଗେଜ୍ ଭ୍ୟାନ୍ ଉପଲବ୍ଧ ଥିବାବେଳେ ଏହା ଭୁବନେଶ୍ୱର ଓ ଆନନ୍ଦ ବିହାର ମଧ୍ୟରେ ଉଭୟ ପାର୍ଶ୍ୱରୁ ଢେଙ୍କାନାଳ, ତାଳଚେର ରୋଡ଼, ଅନୁଗୁଳ, ରେଢ଼ାଖୋଲ, ସମ୍ବଲପୁର ସିଟି, ଝାରସୁଗୁଡା, ରାଉରକେଲା, ଚକ୍ରଧରପୁର, ମୁରି, ବୋକାରୋ ଷ୍ଟିଲ ସିଟି, ଚନ୍ଦ୍ରପୁରା, ଏନଏସସି ଗୋମୋ, କୋଦରମା, ଗୟା, ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ଜଙ୍କ୍ସନ, ପ୍ରୟାଗରାଜ ଓ କାନପୁର ସେଂଟ୍ରାଲ୍ ଷ୍ଟେସନ ମାନଙ୍କରେ ରହଣି କରିବ । ୦୨୨୦୯ ଭୁବନେଶ୍ୱର-ନୂଆଦିଲ୍ଲୀ ସାପ୍ତାହିକ ଦୁରନ୍ତ ବିଶେଷ ଟ୍ରେନ ଭାୟା ବାଲେଶ୍ୱର ଓ ଆଦ୍ରଓ ଅକ୍ଟୋବର ମାସ ୨୧ ତାରିଖ ଠାରୁ ଭୁବନେଶ୍ୱର ରୁ ପ୍ରାତଃ ବୁଧବାର ସକାଳ ୭ଟା୪୦ମି.ରେ ଭୁବନେଶ୍ୱରରୁ ଛାଡି ତା'ପରଦିନ ସକାଳ୬ଟା୨୫ମି.ରେ ନୂଆଦିଲ୍ଲୀ ଠାରେ ପହଂଚିବ। ଫେରିବା ମାର୍ଗରେ ୦୨୨୧୦ ନୂଆଦିଲ୍ଲୀ-ଭୁବନେଶ୍ୱର ସାପ୍ତାହିକ ଦୁରନ୍ତ ବିଶେଷ ଟ୍ରେନ ଅକ୍ଟୋବର ମାସ ୨୨ ତାରିଖ ଠାରୁ ନୂଆଦିଲ୍ଲୀ ରୁ ପ୍ରତି ଗୁରୁବାରଅପରାହ୍ନ ୧୨ଟା୫୫ମି.ରେ ଛାଡି ତା'ପରଦିନ ପୂର୍ବାହ୍ନ ୧୧ଟା୧୫ମି.ରେ ଭୁବନେଶ୍ୱର ଠାରେ ପହଂଚିବ । ଏହି ଟ୍ରେନ ରେ ଗୋଟିଏ ପ୍ରଥମ ଶ୍ରେଣୀ ଏସି, ଗୋଟିଏ ଏସି-୨ ଟାୟାର, ୫ଟି ଏସି -୩ ଟାୟାର, ୮ଟି ସ୍ଲିପର କ୍ଲାସ, ଦୁଇଟି ଗାର୍ଡ ତଥା ଲଗେଜ୍ ଭ୍ୟାନ୍ ଉପଲବ୍ଧ ଥିବାବେଳେ ଏହା ଭୁବନେଶ୍ୱର ଓ ନୂଆଦିଲ୍ଲୀ ମଧ୍ୟରେ ଉଭୟ ପାର୍ଶ୍ୱରୁ ବାଲେଶ୍ୱର, ଆଦ୍ରଓ, ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ଜଙ୍କ୍ସନ ଓ କାନପୁର ସେଂଟ୍ରାଲ୍ ଷ୍ଟେସନ ମାନଙ୍କରେ ରହଣି କରିବ ।

## କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନ୍‌କୁ ବିରୋଧ: ନବନିର୍ମାଣ କୃଷକ ସଂଘ ପକ୍ଷରୁ ବିକ୍ଷୋଭ




ବାଲେଶ୍ୱର,୯।୧୦ (ନି.ପ୍ର): କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଣୀତ ନୂତନ କୃଷି ଆଇନ୍‌କୁ ବିରୋଧ କରି ନବ ନିର୍ମାଣ କୃଷକ ସଂଘ ପକ୍ଷରୁ ଆଜି ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ସଂଘର କର୍ମକର୍ତ୍ତା ଓ ସଦସ୍ୟଙ୍କୁ ନେଇ ଏକ ଶୋଭାଯାତ୍ରା ବାଲେଶ୍ୱର ରେଳ ଷ୍ଟେସନଠାରୁ ବାହାରି ସହର ପରିକ୍ରମା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ସଂଗଠନର ନବ ନିର୍ମାଣ କୃଷକ ସଂଘର କେନ୍ଦ୍ରୀୟ ସଂଯୋଜକ ଅକ୍ଷୟ କୁମାର ଓ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଯୋଗଦେଇ କେନ୍ଦ୍ର ସରକାରଙ୍କ କୃଷକ ମାରଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ଭାରତ ଭଳି କୃଷି ପ୍ରଧାନ ଦେଶରେ ଏବେ କମ୍ପାନିରାଜ ଚାଲିଥିବା ବେଳେ ସରକାର କୃଷି ଓ କୃଷକର ବିକାଶ କଥା ସମ୍ପୂର୍ଣ୍ଣ ଭୁଲି ଯାଇଛନ୍ତି ବୋଲି ସେ କହିଥିଲେ। ଶିଳ୍ପ କ୍ଷେତ୍ରକୁ ଅହେତୁକ ଅନୁକମ୍ପା ଦେଖାଉଥିବା ସରକାର କୃଷି କ୍ଷେତ୍ରକୁ କମ୍ପାନି ହାତକୁ ଟେକି ଦେବା ପାଇଁ ନୂତନ କୃଷି ଆଇନ୍ ପ୍ରଣୟନ କରିଛନ୍ତି। ତୁରନ୍ତ ଏହି ଆଇନ୍‌କୁ ରଦ୍ଦ କରାନଗଲେ ଆଗାମୀ ଦିନରେ ସମଗ୍ର ଦେଶରେ କୃଷକ ସମାଜ ତୀବ୍ର ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଅକ୍ଷୟ କୁମାର ଚେତାବନୀ ଦେଇଥିଲେ। ସଂଗଠନର ଜିଲ୍ଲା ସଂଯୋଜକ ପୁରୁଷୋତ୍ତମ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଂଗ୍ରାମ କିଶୋର, ରଣଜିତ୍ ପଟ୍ଟନାୟକ, ଅଶ୍ୱିନୀ ଜେନାଙ୍କ ସମେତ ପୂର୍ବତନ ବିଧାୟକ ଚିତ୍ତ ଷଡ଼ଙ୍ଗୀ ପ୍ରମୁଖ ଏହି ପଥପ୍ରାନ୍ତ ପ୍ରତିବାଦ ସଭାରେ ଯୋଗଦେଇ ଦେଶର କୃଷି ଓ କୃଷକର ବିକାଶରେ ଅନ୍ତରାୟ ସୃଷ୍ଟି କରିବାକୁ ଯାଉଥିବା ନୂତନ କୃଷି ଆଇନ୍‌କୁ କେନ୍ଦ୍ର ସରକାର ତୁରନ୍ତ ରଦ୍ଦ ପାଇଁ ଦାବି କରିଥିଲେ। ଏହି ଅବସରରେ ସଂଗଠନ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବହୁ ଚାଷୀ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ନାମଲେଖା ଚାଲିଛି

"ସା ବିଦ୍ୟା ଯା ବିମୁକ୍ତୟେ"

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

ମାତୃ ବିହାର, ମାନସିଂବଜାର, ବାଲେଶ୍ୱର

R.T.E. Act ଅନୁସାରେ ସମାଜରେ ଆର୍ଥିକ ଅନଗ୍ରସର, ଅବହେଳିତ ଓ ଗରିବ ପିଲାମାନଙ୍କ ପାଇଁ ୨୫% ନିଶୁଳ୍କ ଶିକ୍ଷାଦାନ ବ୍ୟବସ୍ଥା ରହିଛି ।

ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷାନୁଷ୍ଠାନ

ଯୋଗାଯୋଗ : ୮୨୮୦୧୫୯୬୩୫ / ୯୪୩୯୧୯୦୯୫୦

## ଦିନକରେ ୧୧୫ ପଜିଟିଭ୍ ଚିହ୍ନଟ: ଜିଲ୍ଲାର କରୋନା ସଂକ୍ରମିତ ସଂଖ୍ୟା ୮୪୬୫କୁ ବୃଦ୍ଧି




ବାଲେଶ୍ୱର,୯।୧୦ (ନି.ପ୍ର): ସାମ୍ପ୍ରତିକ ସ୍ଥିତିରେ ବଢ଼ି ଚାଲିଥିବା କରୋନା ସଂକ୍ରମଣ ସମଗ୍ର ବିଶ୍ୱ ପାଇଁ ବିପଦମୟ ସ୍ଥିତି ସୃଷ୍ଟି କରିଛି। ଭାରତ ଭଳି ଜନବହୁଳ ରାଷ୍ଟ୍ରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୬୦ଲକ୍ଷ ଅତିକ୍ରମ କରିଥିବା ବେଳେ ମୃତ୍ୟୁ ସଂଖ୍ୟା ବି ୧ଲକ୍ଷ ୬ହଜାର ୫୨୧ରେ ପହଞ୍ଚିଛି । ସେହିଭଳି ଓଡ଼ିଶାରେ ଆଜି ଗୋଟିଏ ଦିନରେ ୨୬୯୭ ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଅଦ୍ୟାବଧି ରାଜ୍ୟର କରୋନା ସଂକ୍ରମିତଙ୍କ ସଂଖ୍ୟା ୨ଲକ୍ଷ ୪୬ହଜାର ୮୩୯ଛୁଇଁଛି। ଅନ୍ୟପକ୍ଷରେ ଆଜି ୧୭ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅଦ୍ୟାବଧି ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୯୯୧ରେ ପହଞ୍ଚିଛି । ତେବେ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲା ତୁଳନାରେ ବାଲେଶ୍ୱରର କରୋନା ସଂକ୍ରମଣ ଉଦବେଗ ଜନକ ସ୍ଥିତିକୁ ଯାଉଥିବା ଲକ୍ଷ୍ୟ କରାଯାଇଛି। ଆଜି ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ମୋଟ ୧୧୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଅଦ୍ୟାବଧି ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ୮୪୬୫ରେ ପହଞ୍ଚିଛି। ଏବେ ସୁଦ୍ଧା ଜିଲ୍ଲାରେ ୭୫୩୮ଜଣ କରୋନା ରୋଗୀ ସୁସ୍ଥ ହୋଇଥିବା ହୋଇଥିବା ବେଳେ ଏକ୍ଟିଭ୍ ଥିବା ୮୭୨ ଜଣ କରୋନା ଆକ୍ରାନ୍ତ କୋଭିଡ୍ ହସ୍ପିଟାଲ, କୋଭିଡ୍ କେୟାର ସେଣ୍ଟର ସହ ହୋମ ଆଇସୋଲେସନରେ ରହି ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷରେ ଗତକାଲି ଭଳି ଆଜି ଆଜି ମଧ୍ୟ ବାଲେଶ୍ୱର ଜିଲ୍ଲାର ୩ଜଣ କରୋନା ଆକ୍ରାନ୍ତଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଅନ୍ୟାନ୍ୟ ରୋଗରେ ପୀଡ଼ିତ ଥାଇ କରୋନା ଆକ୍ରାନ୍ତ ହୋଇଥିବା ବାଲେଶ୍ୱର ଜିଲ୍ଲାର ୭୨ବର୍ଷର ଜଣେ ମହିଳାଙ୍କ ସମେତ ୫୫ ଓ ୭୦ ବର୍ଷର ଦୁଇଜଣ ପୁରୁଷଙ୍କର କରୋନାରେ ମୃତ୍ୟୁ ହୋଇଥିବା ସରକାରୀ ସୂତ୍ରରୁ ପ୍ରକାଶ। ଅଦ୍ୟାବଧି ଜିଲ୍ଲାର କରୋନା ଜନିତ ମୃତ୍ୟୁ ସଂଖ୍ୟା ୫୦ରେ ପହଞ୍ଚିଛି। ତେବେ ବଢୁଥିବା କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସମସ୍ତ ପ୍ରକାର ସତର୍କତା ଅବଲମ୍ବନ ପାଇଁ ଜିଲ୍ଲାବାସୀଙ୍କୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ପାରାଦୀପରେ ବୃଦ୍ଧି ପାଉଛି କରୋନା ସଂକ୍ରମଣ: ୮୪୪ରେ ପହଁଚିଲା ସଂକ୍ରମିତଙ୍କ ସଂଖ୍ୟା

ପାରାଦୀପ,୯।୧୦ (ନି.ପ୍ର): ସାରା ବିଶ୍ୱ ତଥା ଦେଶରେ କରୋନା ସଂକ୍ରମଣ ତାର କାୟା ବିସ୍ତାର କରି ଚାଲୁଥିବା ବେଳେ ଓଡିଶାରେ ମଧ ଏହାର ଦୃତ ଗତିରେ ଅଭିବୃଦ୍ଧି ଘଟି ଚାଲିଛି । ସେହିପରି ଜଗତସିଂହପୁର ଜିଲ୍ଲାରେ ବୁଧବାର ସୁଦ୍ଧା ୫୮୬୪ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସେଥିରୁ ୫୧୪୮ଜଣ ସୁସ୍ଥ ଓ ୭୦୩ଜଣ ଚିକିତ୍ସିତ ହେଉଛନ୍ତି ଏବଂ ୧୩ଜଣଙ୍କର ମୃତ୍ୟୁ ଘଟିଛି । ତେବେ ଜିଲ୍ଲାର ଶିଳ୍ପ ଓ ବନ୍ଦର ସହରରେ ଏବେ ଏହି ସଂକ୍ରମଣ ଦୃତଗତିରେ ବୃଦ୍ଧି ପାଇ ବୁଧବାର ସୁଦ୍ଧା ସଂକ୍ରମିତଙ୍କ ସଂଖ୍ୟା ୮୪୪ରେ ପହଁଚିଛି । ତେବେ ପାରାଦୀପରେ ସଂକ୍ରମିତ ନିୟନ୍ତ୍ରଣ ପାଇଁ ପ୍ରଶାସନ ପକ୍ଷରୁ ଏଠାରେ ଏକ କୋଭିଡ୍ କେୟାର ସେଣ୍ଟର ଓ ଚିକିତ୍ସାଳୟ ଖୋଲା ଯାଇଛି। ଏଥିରୁ ଗୁରୁତରଙ୍କୁ କଟକ ଓ ଭୁବନେଶ୍ୱରରେ ଥିବା ବିଭିନ୍ନ କୋଭିଡ୍ ଚିକିତ୍ସାଳୟକୁ ସ୍ଥାନାନ୍ତରିତ ହେଉଛନ୍ତି। ଏହି ସଂକ୍ରମଣର ପ୍ରଥମ ପର୍ଯ୍ୟାୟରେ ପ୍ରଶାସନ ପକ୍ଷରୁ ଲକଡାଉନ, ସାମାଜିକ ଦୂରତ୍ୱ ଓ ବିଭିନ୍ନ ସଚେତନତା ମାଧ୍ୟମରେ ସତର୍କତା ହେତୁ ଜିଲ୍ଲା ସମେତ ପାରାଦୀପ ସହରରେ ବ୍ୟାପି ପାରିନଥିଲା। କିନ୍ତୁ କିଛି ଦିନ ସବୁ ଠିକ୍‌ଠାକ୍ ଚାଲିଥିବା ବେଳେ ବର୍ତ୍ତମାନ ସ୍ଥାନୀୟ ଜନସାଧାରଣ, ବିଭିନ୍ନ ଶିଳ୍ପ କାରଖାନା ପ୍ରଶାସନର ସବୁ ନୀତିନିୟମକୁ ବେଖାତିର୍ କରି ସର୍ବସାଧାରଣରେ ସାମାଜିକ ଦୂରତ୍ୱ ଭୁଲି ଚଳପ୍ରଚଳ କରିବା ଦ୍ୱାରା ପାରାଦୀପରେ ଏହି ସଂକ୍ରମଣ ଦୃତ ଗତିରେ ବୃଦ୍ଧି ପାଉଛି ବୋଲି ବୁଦ୍ଧିଜିବୀ ମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି ।

## ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ଘେରିଲେ ନିର୍ମାଣ ଶ୍ରମିକ

ଭୁବନେଶ୍ୱର,୯।୧୦ (ନି.ପ୍ର): ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କୁ ତୁରନ୍ତ କୋଭିଡ୍ ଓ ଅନ୍ୟାନ୍ୟ ସହାୟତା ପ୍ରଦାନରେ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ର ବିଫଳତା ବିରୁଦ୍ଧରେ ନିର୍ମାଣ ଶ୍ରମିକ ୟୁନିୟନ୍ ସମନ୍ୱୟ କମିଟି, ଓଡ଼ିଶା ତରଫରୁ ଶ୍ରମ କାର୍ଯ୍ୟାଳୟ ଘେରାଉ ସହିତ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଏହାସହ ଶ୍ରମ କମିଶନର ଓ ନିର୍ମାଣ କଲ୍ୟାଣ ବୋର୍ଡ଼ର ଅଧକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବିଭିନ୍ନ ସହାୟତା ରାଶି ଓ ବାର୍ଷିକ ନବୀକରଣ ପାଇଁ ଅନ୍‌ଲାଇନ୍ ପ୍ରକ୍ରିୟା ବନ୍ଦ କରିବା, ତୁରନ୍ତ କୋଭିଡ୍ ସହାୟତା ରାଶି ପ୍ରଦାନ, ଘରୋଇ ବୈଷୟିକ ଶିକ୍ଷା ସହାୟତା ରାଶି ପ୍ରଦାନ, ଅଘୋଷିତ ଭାବେ ବନ୍ଦ କରାଯାଇଥିବା ଯାନ୍ତ୍ରିକ ନିରାପତା ଉପକରଣ ଓ ସାଇକେଲ ସହାୟତା ତୁରନ୍ତ ପ୍ରଦାନ, ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ତାଲିମ ନେଇଥିବା ଶ୍ରମିକଙ୍କୁ ତାଙ୍କର ପ୍ରାପ୍ୟ ପ୍ରଦାନ, ଦୂରାରୋଗ୍ୟ ଚିକିତ୍ସା ସହାୟତା ରାଶି ପ୍ରଦାନ, ନିୟମାନୁସାରେ ମୃତ୍ୟୁକାଳୀନ, ବିବାହ, ପ୍ରସବକାଳୀନ, ଶିକ୍ଷା ସହାୟତା ରାଶି ପ୍ରଦାନ, ସରକାରଙ୍କ ବୈଷୟିକ ପରିବର୍ତନ ଯୋଗୁ ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କ ତ୍ରୁଟି ସଂଶୋଧନ ଆଦି ଦାବିଗୁଡ଼ିକ ତୁରନ୍ତ ମାନିନେବା ପାଇଁ ଦାବି କରାଯାଇଥିଲା।

## ଆଇଏଫଏସ ଦିବସରେ ଶୁଭକାମନା ଜଣାଇଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୯।୧୦ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଇଏଫଏସ ଦିବସ ଅବସରରେ ଭାରତୀୟ ବିଦେଶ ସେବାର ଅଧିକାରୀ ମାନଙ୍କୁ ଶୁଭକାମନା ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ ଭାରତୀୟ ବିଦେଶ ସେବାର ଅଧିକାରୀ ମାନଙ୍କ ଦେଶ ପ୍ରତି ଲସେବା ବିଶେଷ କରି ବୈଶ୍ୱିକ ସ୍ତରରେ ଭାରତୀୟ ସ୍ୱାର୍ଥ ରକ୍ଷା କରିବା ପାଇଁ ପ୍ରୟାସ ପ୍ରଶଂସନୀୟ । ବନ୍ଦେ ଭାରତ ମିଶନ ଓ କୋଭିଡ ସଂପର୍କିତ ସହାୟତା ପ୍ରଦାନ କ୍ଷେତ୍ରରେ ତାଙ୍କର କାମ ଉଲ୍ଲେଖନୀୟ ବୋଲି ଶ୍ରୀ ମୋଦି ଟ୍ୱିଟ କରି କହିଛନ୍ତି ।

## ଅବ୍ୟବସ୍ଥା ଘେରରେ ରାବୁଗୁଡା ଗାଁ: ରାସ୍ତା କାମ ଅଧାପନ୍ତରିଆ



ରାୟଗଡ଼ା ,୯।୧୦ (ନି.ପ୍ର): ରାୟଗଡ଼ା ଜିଲ୍ଲା କଲ୍ୟାଣ ସିଂହପୁର ବ୍ଲକ ଅନ୍ତର୍ଗତ ଧାମୁଣି ପଙ୍ଗା ପଞ୍ଚାୟତର ରାବୁଗୁଡା ଗାଁ ଶୋଚନୀୟ ଅବସ୍ଥାରେ ରହିଛି।ଏଥିପାଇଁ ଲୋକେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏହି ଗାଁର ଲୋକେ ବଜାର କରିବା ପାଇଁ କଲ୍ୟାଣି ନଦୀ ପାରକରି ଯାତାୟତ କରୁଥିବା ବେଳେ ବ୍ଲକ ଅଫିସଠାରୁ ମାତ୍ର ଅଳ୍ପ ଦୂରରେ ଥିବାସତ୍ତ୍ୱେ ଗାଁର ବିକାଶ ପ୍ରତି କାହାର ଦୃଷ୍ଟି ଗୋଚର ହେଉନଥିବା ଅଭିଯୋଗ ହୋଇଛି। ଗାଁର ସମସ୍ତ ପରିବାର ଆଦିବାସୀ ଓ ଦିନ ମଜୁରିଆ ହୋଇଥିବାରୁ ଗାଁର ପୁରୁଷ ଲୋକ ମାନେ ଜଙ୍ଗଲରୁ କାଠ ଆଣିଲେ ସେହି କାଠ ବିଡ଼ାକୁ ମହିଳା ମାନେ କଲ୍ୟାଣସିଂହପୁର ବଜାରରେ ବିକ୍ରି କରି ପରିବାର ଚଳାନ୍ତି। ମାନେରେଗା ରେ ଲୋକ ମାନଙ୍କୁ ଠିକ ରୂପେ କାମ ମିଳୁ ନ ଥିବା ବେଳେ ଲୋକଙ୍କ ଆର୍ଥିକ ସ୍ଥିତି ଭଲ ନାହିଁ। ଅନ୍ୟ ପଟେ ଗାଁ ରାସ୍ତା ଉପରେ ଲୋକେ ଭରସା କରି ପାରୁନାହାଁନ୍ତି। କାରଣ ତିନି ମାସ ତଳେ ଗାଁ ରାସ୍ତା କାମ ଆରମ୍ଭ ହୋଇଥିଲା। ଅଧାପନ୍ତରିଆ କରି ଛଡାଯାଇଛି। ମରୋମ ବିଛାଯାଇନଥିବାରୁ ସାମାନ୍ୟ ବର୍ଷା ହେଲେ କାଦୁଅ ହୋଇ ଜମା ହୋଇଯାଉଛି। ଏପରିକି ରାସ୍ତା କାମରେ ମଣିଷ ବଦଳରେ ମେସିନ ଲାଗିଥିବା ନେଇ ଗାଁର ସୁବାସ ଶ୍ରାଣିକା, ଭୀମ କରସିକା, ବୁଦାରା କରସିକା ଅଭିଯୋଗ କରିଥିବା ବେଳେ ତୁରନ୍ତ ରାସ୍ତା କାମ ଶେଷ କରିବାକୁ ରାଜୁନୁ ଶ୍ରାଣିକା, ଜୟ କୃଷିକା, ରାଇଫୁଲ ବିଡିକା ଦାବୀ କରିଛନ୍ତି।

## ପ୍ରଥମ ଦିନରେ କୌଣସି ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ ହୋଇନି

ବାଲେଶ୍ୱର,୯।୧୦ (ନି.ପ୍ର): ସଦର ଉପ-ନିର୍ବାଚନ ପାଇଁ ରିଟର୍ଣ୍ଣିଂ ଅଫିସର ଭାବେ ବାଲେଶ୍ୱର ଉପ-ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଆଜି ବିଧିବଦ୍ଧ ବିଜ୍ଞପ୍ତି ଜାରି କରିଛନ୍ତି। ବିଜ୍ଞପ୍ତି ଅନୁସାରେ ଆଜିଠାରୁ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ସରକାରୀ ଛୁଟି ଦିବସ ବ୍ୟତୀତ ପ୍ରତିଦିନ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ ଟା ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲ, ୧୭ ତାରିଖରେ ନାମାଙ୍କନପତ୍ର ଯାଞ୍ଚ, ୧୮ ଓ ୧୯ ତାରିଖ ପ୍ରାର୍ଥୀପତ୍ର ପ୍ରତ୍ୟାହାର, ନଭେମ୍ବର ୩ ତାରିଖ ଭୋଟଗ୍ରହଣ ଓ ୧୦ ତାରିଖ ଭୋଟ ଗଣତି ପାଇଁ ଉପ-ଜିଲ୍ଲାପାଳ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ତେବେ ଆଜି ପ୍ରଥମ ଦିନରେ କୌଣସି ରାଜନୈତିକ ଦଳରୁ କିମ୍ବା ସ୍ୱାଧୀନ ଭାବେ କେହି ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିନଥିବା ଜଣାପଡ଼ିଥିଲା। ଅନ୍ୟପକ୍ଷରେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁସାରେ ମାତ୍ର ଦୁଇଜଣଙ୍କୁ ନେଇ ଜଣେ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିବ। ପ୍ରାର୍ଥୀପତ୍ର ଦାଖଲ ବେଳେ ସମର୍ଥକ ଓ କର୍ମୀଙ୍କ ଭିଡ଼ ଯେମିତି ରିଟର୍ଣ୍ଣିଂ ଅଫିସରଙ୍କ କାର୍ଯ୍ୟାଳୟରେ ନହୁଏ, ସେଥିପାଇଁ ଜିଲ୍ଲା ପୁଲିସ ପକ୍ଷରୁ ବିହିତ ପଦକ୍ଷେପ ନିଆଯାଇଛି। ଏନେଇ ମୁଖ୍ୟ ରାସ୍ତାଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବ୍ୟାରିକେଟ୍ କରାଯିବା ସହିତ ପୁଲିସ ଓ ଫୋର୍ସ ମୁତୟନ ହୋଇଥିବା ଦେଖିବାକୁ ମିଳିଛି। ତେବେ ଆସନ୍ତା ୧୬ ତାରିଖ ସୁଦ୍ଧା ମୋଟ କେତେଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିବେ ତାହା ସ୍ପଷ୍ଟ ଜଣାପଡ଼ିବ।

## ଅକ୍ଟୋବର ୧୨ ରୁ ୨୨ ପିଜି ଏକକ ପ୍ରବେଶିକା ପରୀକ୍ଷା

### ଆଇସୋଲେସନ ରୁମରେ ପରୀକ୍ଷା ଦେବେ କରୋନା ପଜିଟିଭ୍ ଛାତ୍ରଛାତ୍ରୀ

ଭୁବନେଶ୍ୱର,୯।୧୦ (ନି.ପ୍ର): ଚଳିତ ବର୍ଷ ରାଜ୍ୟର ୬୮ଟି ବିଶ୍ୱ ବିଦ୍ୟାଳୟ ଓ ସ୍ନାତକୋତର ପାଠ୍ୟକ୍ରମ ଥିବା ମହାବିଦ୍ୟାଳୟରେ ପିଜି ଶ୍ରେଣୀରେ ନାମଲେଖା ପାଇଁ ଏକକ ପ୍ରବେଶିକା ପରୀକ୍ଷା ହେବ। ଆସନ୍ତା ୧୨ ତାରିଖରୁ ୨୨ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ଚାଲିବ। ରାଜ୍ୟର ୨୬ଟି ସେଂଟରରେ ପରୀକ୍ଷା ହେବ। ଚଳିତବର୍ଷ ୮୩ଟି ବିଷୟରେ ନାମଲେଖା ହେବ। ୭୦ ପ୍ରତିଶତ ମାର୍କ ଏଂଟ୍ରାନ୍ସ ଓ ୩୦ ପ୍ରତିଶତ ମାର୍କ କ୍ୟାରିୟରକୁ ନେଇ ସିଲେକ୍ସନ କରାଯିବ। ନଭେମ୍ବର ୭ରେ ବାହାରିବ ମେରିଟ୍ ଲିଷ୍ଟ। ଚଳିତଥର ୧୪,୭୦୦ ସିଟ୍ ପାଇଁ ଆବେଦନ କରିଛନ୍ତି ୬୨,୧୮୯ ଛାତ୍ରଛାତ୍ରୀ। ଏକକ ପିଜି ପ୍ରବେଶିକା ପରୀକ୍ଷା ନେଇ ଆଜି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ବୈଠକ ହୋଇଛି। ବୈଠକ ପରେ ଉଚ୍ଚଶିକ୍ଷା ସଚିବ ସାସ୍ୱତ ମିଶ୍ର କହିଛନ୍ତି ଯେ କରୋନା ଆକ୍ରାନ୍ତ ମଧ ଏହି ପରୀକ୍ଷା ଦେଇପାରିବେ। ଆକ୍ରାନ୍ତ ପରୀକ୍ଷାର୍ଥୀଙ୍କ ପାଇଁ ସ୍ୱତନ୍ତ୍ର ଆଇସୋଲେସନ ରୁମର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ପରୀକ୍ଷାର ଅବଧି ୯୦ମିନିଟ୍ ହେବ। ଓଏମଆର୍ ସିଟରେ ୭୦ଟି ମଲ୍ଟିପୁଲ ଚଏସ୍ ପ୍ରଶ୍ନ ରହିବ। ଛାତ୍ରଛାତ୍ରୀମାନଙ୍କୁ ଅବଗତି ନିମନ୍ତେ କିଛି ମଡେଲ୍ ପ୍ରଶ୍ନ ୱେବସାଇଟରେ ଅପଲୋଡ୍ କରାଯାଇଛି। ଛାତ୍ରଛାତ୍ରୀ ନାମଲେଖା ନିମନ୍ତେ ଏକାଧିକ ବିଷୟରେ ପରୀକ୍ଷା ଦେବାର ସୁବିଧା ପ୍ରଦାନ କରାଯାଇଛି। ପରୀକ୍ଷା ସରିବାର ୨ /୩ ସପ୍ତାହ ମଧ୍ୟରେ ମେଧା ତାଲିକା ପ୍ରକାଶ ପାଇବ। ପ୍ରତ୍ୟେକ ଦିନ ୩ ଟି ସିଟିଂ ରେ ପରୀକ୍ଷା ହେବ। ପରୀକ୍ଷା ସୂଚୀ ଓ ମାର୍ଗଦର୍ଶିକା ସାମସ୍ ୱେବସାଇଟ୍ ରେ ଉପଲବ୍ଧ କରାଯାଇଛି। ଛାତ୍ରଛାତ୍ରୀ ସେଥିରୁ ଆଡମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ। ସେ ଆହୁରି କହିଛନ୍ତି ଯେ ପରୀକ୍ଷା ଫଳାଫଳ ପରେ ବିଷୟ ଅନୁଯାୟୀ ଏକ ର୍ୟାଙ୍କ ତାଲିକା ପ୍ରସ୍ତୁତ କରାଯିବ ଏବଂ ଏହା ଅନୁଯାୟୀ ଛାତ୍ରଛାତ୍ରୀ ନାମ ଲେଖାଇ ପାରିବେ। ପ୍ରତିବର୍ଷ ଅଲଗା ଅଲଗା ବିଶ୍ୱ ବିଦ୍ୟାଳୟ ଏକକ ପିଜି ଏଂଟ୍ରାନ୍ସ ଆୟୋଜନ କରିବେ। ଏଥର ଉତ୍କଳ ବିଶ୍ୱ ବିଦ୍ୟାଳୟ ଏହି ପରୀକ୍ଷା ଆୟୋଜନ କରିବ।

## ରାଜ୍ୟରେ ଆଉ ୧୭ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୯୯୧ହେଲା




ଭୁବନେଶ୍ୱର,୯।୧୦ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୬ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୯୯୧ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲାର ୪ ଜଣ, ବାଲେଶ୍ୱର ଜିଲ୍ଲାର ୩ ଜଣ ଅଛନ୍ତି । ସେହିପରି ମୟୁରଭଂଜ ଓ ପୁରୀ ଜିଲ୍ଲାର ୨-୨ ଜଣ ଅଛନ୍ତି। ବରଗଡ,କଳାହାଣ୍ଡି, କନ୍ଧମାଳ, ମାଲକାନଗିରି, ନୟାଗଡ ଓ ସୁବର୍ଣ୍ଣପୁର ଜିଲ୍ଲାର ଜଣେ ଜଣେ ଅଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାର ଜଣେ ୫୫ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ। ବାଲେଶ୍ୱର ଜିଲ୍ଲାର ଜଣେ ୭୨ ବର୍ଷୀୟ ମହିଳା କରୋନା ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ବାଲେଶ୍ୱର ଜିଲ୍ଲାର ଜଣେ ୭୦ ବର୍ଷୀୟ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି। ସେ ମଧୁମେହ ପୀଡିତ ଥିଲେ। ବରଗଡ ଜିଲ୍ଲାର ଜଣେ ୫୩ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହରେ ପୀଡିତ ଥିଲେ । ଭୁବନେଶ୍ୱରର ୭୨ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି। ଭୁବନେଶ୍ୱରର ଜଣେ ୭୫ ବର୍ଷୀୟ କରୋନା ଆକ୍ରାନ୍ତ ମହିଳା ମୃତ୍ୟୁବରଣ କରିଛନ୍ତି। କଳାହାଣ୍ଡି ଜିଲ୍ଲାର ଜଣେ ଜଣେ ୭୦ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ରୋଗରେ ପୀଡିତ ଥିଲେ । କନ୍ଧମାଳ ଜିଲ୍ଲାର ଜଣେ ୫୧ ବର୍ଷୀୟ କୋରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ରେ ପୀଡିତ ଥିଲେ । ଖୋର୍ଦ୍ଧା ଜିଲ୍ଲାର ଜଣେ ୬୪ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ଖୋର୍ଦ୍ଧା ଜିଲ୍ଲାର ଜଣେ ୫୦ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି। ମାଲକାନଗିରି ଜିଲ୍ଲାର ଜଣେ ୪୦ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ମୃତ୍ୟୁ ଘଟିଛି । ମୟୁରଭଂଜ ଜିଲ୍ଲାର ଜଣେ ୫୩ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ମୟୁରଭଂଜ ଜିଲ୍ଲାର ଜଣେ ୫୬ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହରେ ପୀଡିତ ଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo